READ & SHARE
www.ekamaatra.com
ekamaatra@gmail.com
taraknews1@gmail.com
ekamaatraodia
ekamaatranews

EKAMAATRA
# ଏକମାତ୍ର
ଅନୁସନ୍ଧାନ ପରେ ଖବର

RNI Regd. No. ODIODI/2017/71524



ବର୍ଷ-୭ ସଂଖ୍ୟା-୬ ୨୦ - ୨୬ ଫେବୃଆରୀ, ୨୦୨୩ ଭୁବନେଶ୍ୱର Monday Weekly VOL-7 ISSUE-6 20th - 26th FEBRUARY, 2023 BHUBANESWAR ₹ 5/- (8 Pages)

## ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ଆଉ ମିଳିବନି : ସୀତାରମଣ



**ଭୁବନେଶ୍ୱର :** ଓଡ଼ିଶାକୁ ମିଳିବନି ସ୍ୱତନ୍ତ୍ର ରାଜ୍ୟ ପାହ୍ୟା। କେବଳ ଓଡ଼ିଶା ନୁହେଁ, କୌଣସି ରାଜ୍ୟକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ଦିଆଯିବ ନାହିଁ। ଏଥିଲାଗି ଅର୍ଥ କମିଶନ ତାଙ୍କ ରିପୋର୍ଟରେ ସୁପାରିଶ କରିଛନ୍ତି। ଆନ୍ଧ୍ରପ୍ରଦେଶ ବିଭାଜନ ସମୟରେ ରହିଥିବା ସର୍ତ୍ତ ଆଧାରରେ ତେଲେଙ୍ଗାନାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ଦିଆଯାଇଛି ବୋଲି କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ କହିଛନ୍ତି। ଓଡ଼ିଶା ଗସ୍ତରେ ଆସି ଭୁବନେଶ୍ୱରରେ ପହଞ୍ଚିଛନ୍ତି କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରଣ। ବଜେଟରେ ମନରେଗା ଅର୍ଥ କମାଯାଇଥିବା ଅଭିଯୋଗ ନେଇ ସେ କହିଛନ୍ତି, ମନରେଗା ହେଉଛି ଚାହିଦା ଭିତ୍ତିକ ଯୋଜନା। ଲୋକଙ୍କ ଚାହିଦା ବଢ଼ିଲେ, ବ୍ୟୟବରାଦ ବଢ଼ିବ। ନରେନ୍ଦ୍ର ମୋଦି ସରକାର ଆସିବା ପରେ ମନରେଗାରେ ଦିଆଯାଉଥିବା ପାଣ୍ଠି ବର୍ଷ ଶେଷ ସୁଦ୍ଧା ସଂପୂର୍ଣ୍ଣ ବିନିଯୋଗ ହେଉଛି। ଯାହା ୧୦ ବର୍ଷର ୟୁପିଏ ସରକାରରେ ହେଉନଥିଲା। ମନରେଗା ଅର୍ଥ କମାଯାଇଥିବା ଅଭିଯୋଗ ଆଣି କିଛି ରାଜ୍ୟ ଏହାକୁ ପ୍ରସଙ୍ଗ କରୁଛନ୍ତି। କିନ୍ତୁ ଏମିତି ମଧ୍ୟ ରାଜ୍ୟ ଅଛନ୍ତି, ଯେଉଁମାନଙ୍କୁ ଆର୍ଥିକ ବର୍ଷ ଆରମ୍ଭରୁ ପାଣ୍ଠି ଦିଆଯାଉଥିଲେ ବି ଖର୍ଚ୍ଚ କରିପାରୁନାହାନ୍ତି। ଏହି ଯୋଜନାର ବ୍ୟୟ ବରାଦ ଅତିରିକ୍ତ ବ୍ୟୟ ବରାଦ ଜରିଆରେ ବଢାଇବାର ବିକଳ୍ପ ରହିଛି ବୋଲି ସେ କହିଛନ୍ତି। ଶସ୍ୟ ସଂଗ୍ରହ ପାଇଁ ପାଣ୍ଠି କମାଯିବା ପ୍ରସଙ୍ଗରେ ଅର୍ଥମନ୍ତ୍ରୀ କହିଛନ୍ତି, କୌଣସି ଶସ୍ୟ ସଂଗ୍ରହ କମାଇ ନାହିଁ। ଚାଷୀଙ୍କୁ ଆବଶ୍ୟକତା ପରିମାଣରେ ଦିଆଯାଉଥିବା ଚାହିଦା ବଢିଛି। ଏମ୍‌ଏସ୍‌ପି ମଧ୍ୟ ବଢିଛି। ତେଣୁ ଶସ୍ୟ କିଣା ପରେ ଚାଷୀଙ୍କୁ ଦିଆଯାଉଥିବା ଅର୍ଥ ମଧ୍ୟ ଅଧିକ ରହୁଛି। ଏମ୍‌ଏସ୍‌ପି ସିଧା ସଳଖ ଚାଷୀଙ୍କ ପାଖକୁ ଯାଉଛି। ଫଳରେ ଚାଷୀଙ୍କ ଅର୍ଥ ମଧ୍ୟସ୍ଥି ନେବା ପ୍ରକ୍ରିୟା ବନ୍ଦ ହୋଇଛି। ମୋଦି ସରକାରଙ୍କ ଅମଳରେ ଚାଷୀଙ୍କଠାରୁ ରେକର୍ଡ ପରିମାଣର ଶସ୍ୟ ସଂଗ୍ରହ ହେଉଛି। ତାହା ପୁଣି ଏମ୍‌ଏସ୍‌ପି ଦରରେ। ଆଦାନୀ ପ୍ରସଙ୍ଗରେ ସେ କହିଛନ୍ତି, ମାମଲାର ଶୁଣାଣି ସୁପ୍ରିମକୋର୍ଟରେ ଜାରି ରହିଛି। ଷ୍ଟେଟ ବ୍ୟାଙ୍କ ଓ ସେବି ଯାହା କହିବା କଥା କହି ସାରିଛନ୍ତି। ଏହି ପ୍ରସଙ୍ଗରେ ଅଧିକ କିଛି କହିବା ଠିକ ହେବନି ବୋଲି ଅର୍ଥମନ୍ତ୍ରୀ କହିଛନ୍ତି। ସେ ଆହୁରି କହିଛନ୍ତି, ➤ ପୃ-୬

### ସର୍ବାଧିକ ଚାନ୍ଦା ପାଇବାରେ ବିଜେଡି ଦେଶରେ ଦ୍ୱିତୀୟ

## ବର୍ଷକରେ ୨୯୧କୋଟି

**ଭୁବନେଶ୍ୱର :** ୨୦୨୧-୨୨ ଆର୍ଥିକ ବର୍ଷରେ ଦେଶର ସର୍ବାଧିକ ଚାନ୍ଦା ପାଇଥିବା ଆଞ୍ଚଳିକ ଦଳ ତାଲିକାରେ ବିଜେଡି ଦ୍ୱିତୀୟରେ ରହିଛି। ନିର୍ବାଚନ କମିଶନଙ୍କ ପାଖରେ ଦାଖଲ ହୋଇଥିବା ୨୯ଟି ଆଞ୍ଚଳିକ ଦଳର ବାର୍ଷିକ ଅଡିଟ୍ ରିପୋର୍ଟ ଅନୁସାରେ ଡିଏମକେ ଶୀର୍ଷରେ ଓ ବିଜେଡି ଦ୍ୱିତୀୟ ସ୍ଥାନରେ ରହିଛି। ଡିଏମକେକୁ ୩୦୮.୧୪କୋଟି ଟଙ୍କା ସ୍ୱେଚ୍ଛାକୃତ ଚାନ୍ଦା ମିଳିଥିବାବେଳେ ବିଜେଡିକୁ ୨୯୧ କୋଟି ଟଙ୍କା ଚାନ୍ଦା ମିଳିଛି। ୨୦୨୦-୨୧ରେ ବିଜେଡିକୁ ୬୭କୋଟି ଟଙ୍କାର ରାଜନୀତିକ ଚାନ୍ଦା ମିଳିଥିଲା। ନିର୍ବାଚନ କମିଶନଙ୍କ ନିକଟରେ ଦାଖଲ ହୋଇଥିବା ତଥ୍ୟ ଅନୁସାରେ ୨୦୨୧-୨୨ ଆର୍ଥିକ ବର୍ଷରେ ଆଞ୍ଚଳିକ ଦଳ ଭାବେ ସର୍ବାଧିକ ଚାନ୍ଦା ଡିଏମକେକୁ ମିଳିଛି। ତେବେ ଜେଡିୟୁ, ଆରଜେଡି, ୱାଇଏସଆର, ଟିଆରଏସ(ଏବେ ବିଆରଏସ), ଏଆଇଡିଏମକେ, ଟିଡିପି, ସମାଜବାଦୀ ପାର୍ଟି , ଅକାଳୀ ଦଳ ଓ ଆମ ଆଦମୀ ପାର୍ଟି ଭଳି ଦଳକୁ ପଛରେ ପକାଇ ବିଜେଡି ସର୍ବାଧିକ ଚାନ୍ଦା ସଂଗ୍ରହକାରୀ ଆଂଚଳିକ ଦଳ ହୋଇଛି। ତାମିଲନାଡୁରେ କ୍ଷମତାରେ ଥିବା ଡିଏମକେ ୨୦୨୧-୨୨ ବର୍ଷରେ ୩୧୮.୭୪କୋଟି ଟଙ୍କା ପାଇଛି। ସେଥିରେ ୩୦୮କୋଟି ଟଙ୍କା କେବଳ ରାଜନୀତିକ ଚାନ୍ଦା। ଦଳ ଏହି ଅବଧିରେ ➤ ପୃ-୬

### ଆଦାନୀ-ହିଣ୍ଡେନବର୍ଗ ମାମଲା

## କେନ୍ଦ୍ରକୁ 'ସୁପ୍ରିମ୍' ଛାଟ



**ନୂଆଦିଲ୍ଲୀ :** ଆଦାନୀ-ହିଣ୍ଡେନବର୍ଗ ବିବାଦ ମଧ୍ୟରେ କେନ୍ଦ୍ର ସରକାରଙ୍କ ଲାଗିଛି ବଡ଼ ଝଟକା। ଆଦାନୀ ମାମଲାର ତଦନ୍ତ ପାଇଁ ବିଶେଷଜ୍ଞଙ୍କ ନାମ ବନ୍ଦ ଲଫାପାରେ ନେବାକୁ ସୁପ୍ରିମକୋର୍ଟ ମନା କରି ଦେଇଛନ୍ତି। ଗତ ଶୁଣାଣି ସମୟରେ କୋର୍ଟଙ୍କ ନିର୍ଦ୍ଦେଶରେ ସରକାର ଏହି ମାମଲାର ତଦନ୍ତ ପାଇଁ ଏକ ବିଶେଷଜ୍ଞ କମିଟି ଗଠନ କରିବାକୁ ରାଜି ହୋଇଥିଲେ। ସେତେବେଳେ ସରକାର ଏକ ବନ୍ଦ ଲଫାପାରେ ବିଶେଷଜ୍ଞଙ୍କ ନାମ ଦେବାକୁ ପ୍ରସ୍ତାବ ଦେଇଥିଲେ। ହେଲେ ସୁପ୍ରିମକୋର୍ଟ ଏହି ବନ୍ଦ ଲଫାପାକୁ ଗ୍ରହଣ କରି ନାହାନ୍ତି। ଶୁକ୍ରବାର ଶୁଣାଣି ବେଳେ ସୁପ୍ରିମକୋର୍ଟର ପ୍ରଧାନବିଚାରପତି ଡି. ୱାଇ ଚନ୍ଦ୍ରଚୁଡ କହିଛନ୍ତି ଯେ ଏହି ମାମଲାର ତଦନ୍ତରେ ଆମେ ସ୍ୱଚ୍ଛତା ଚାହୁଁଛୁ। ତେଣୁ କେନ୍ଦ୍ରର ପରାମର୍ଶ ଗ୍ରହଣ କରାଯାଇପାରିବ ନାହିଁ। କୋର୍ଟ କହିଛନ୍ତି – ଯଦି ଆପଣ ଦେଇଥିବା ନାମ ଅନ୍ୟ ପକ୍ଷକୁ ଦିଆଯାଇନଥାଏ, ତେବେ ସ୍ୱଚ୍ଛତାର ଅଭାବ ରହିବ। ସେଥିପାଇଁ ଆମେ ଆମ ତରଫରୁ ଏକ ବିଶେଷଜ୍ଞ କମିଟି ଗଠନ କରିବୁ। ସେ କହିଛନ୍ତି ଯେ ଆମେ ଏନେଇ ରାୟ ସଂରକ୍ଷିତ ରଖିଛୁ। ସୁପ୍ରିମକୋର୍ଟର ପ୍ରଧାନବିଚାରପତି ଡି. ୱାଇ ଚନ୍ଦ୍ରଚୁଡ କହିଛନ୍ତି ଯଦି ସରକାର ଦେଇଥିବା ସଦସ୍ୟଙ୍କ ନାମକୁ ସାମ୍ବିଧାନିକ କମିଟି ଭାବେ ଗ୍ରହଣ କରାଯିବ ତାହେଲେ ଏହା ସରକାରଙ୍କ ଦ୍ୱାରା ଗଠିତ ବୋଲି ବୁଝାପଡିବ। କିନ୍ତୁ କମିଟି ଉପରେ ଲୋକଙ୍କ ବିଶ୍ୱାସ ଆସିବା ଉଚିତ ବୋଲି ➤ ପୃ-୬

### ମନ୍ତ୍ରୀ ନବ ଦାସ ହତ୍ୟା ଘଟଣା

## ସତ କ'ଣ ପଦାକୁ ଆସିବ !



**ଭୁବନେଶ୍ୱର :** ମନ୍ତ୍ରୀ ନବ ଦାସଙ୍କ ହତ୍ୟାକାଣ୍ଡକୁ ୩ ସପ୍ତାହ ହୋଇଯିବ। ହେଲେ ଏଯାଏ କ୍ରାଇମ୍‌ବ୍ରାଞ୍ଚ ଏହାର ତଥ୍ୟ ଉପସ୍ଥାପନ କରିପାରିନାହିଁ। ଯାହା ଜଣାପଡୁଛି ମାମଲାର ତଦନ୍ତ ସରିନାହିଁ। ନିକଟରେ ନବଙ୍କ ହତ୍ୟାକାରୀ ଗୋପାଳ ଦାସର ସମ୍ପତ୍ତି ଆକଳନ କରିଛି କ୍ରାଇମ୍‌ବ୍ରାଞ୍ଚ। ଏଏସ୍‌ଆଇ ଗୋପାଳର ଆୟ ଅନୁସାରେ ଯେତିକି ସ୍ଥାବର, ଅସ୍ଥାବର ସମ୍ପତ୍ତି ରହିବା କଥା ତାହା ଠିକ୍ ଥିବା ତଥ୍ୟ ମିଳିଛି। ଗୋପାଳର ବ୍ୟକ୍ତିଗତ ଚରିତ୍ର ନେଇ ମଧ୍ୟ ଖୋଳତାଡ କରିଛି କ୍ରାଇମ୍‌ବ୍ରାଞ୍ଚ। ଏଥିରେ ଯାହା ତଥ୍ୟ ମିଳିଛି ତାହା ହେଲା ଗୋପାଳ ଅତ୍ୟନ୍ତ ଦୟାଳୁ ସ୍ୱଭାବର ମଣିଷ। ଅଭାବ ଅସୁବିଧାରେ ପଡୁଥିବା ମଣିଷକୁ ସେ ସର୍ବଦା ସାହାଯ୍ୟ କରିବାକୁ ଚେଷ୍ଟା କରେ। ତେବେ କ'ଣ ଏଭଳି ହେଲା ଯେ ଜଣେ କ୍ୟାବିନେଟ୍ ପାହ୍ୟା ମନ୍ତ୍ରୀ ନବ ଦାସଙ୍କୁ ସେ ହତ୍ୟା କଲା। ତାହା ପୁଣି ସର୍ବସମ୍ମୁଖରେ ଘଟିଲା। ସୂଚନାଥାଉ କି, ଜାନୁଆରୀ ୨୯ ତାରିଖରେ ବ୍ରଜରାଜନଗରରେ ଆୟୋଜିତ କାର୍ଯ୍ୟକ୍ରମକୁ ଯାଉଥିବା ବେଳେ ଗାନ୍ଧି ଛକ ନିକଟରେ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସଙ୍କ ଉପରେ ଫାୟାରିଂ କରିଥିଲା ସୁରକ୍ଷା ଦାୟିତ୍ୱରେ ଥିବା ପୁଲିସ୍ ଏଏସ୍‌ଆଇ ଗୋପାଳ ଦାସ। ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରାଯାଇ ଝାରସୁଗୁଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହେବାରୁ ଭୁବନେଶ୍ୱରକୁ ଏୟାର ଲିଫ୍ଟିଂ କରାଯାଇଥିଲା। ଏଠାରେ ତାଙ୍କୁ ଆପୋଲୋ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଥିଲା। ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣା ରାଜ୍ୟରେ ଆଲୋଡନ ଖେଳାଇ ଦେଇଥିଲା। ଏହା ପରେ ମାମଲାର ତଦନ୍ତ ଭାର କ୍ରାଇମ୍‌ବ୍ରାଞ୍ଚକୁ ଦେଇଥିଲା ରାଜ୍ୟ ସରକାର। କ୍ରାଇମ୍‌ବ୍ରାଞ୍ଚ ମାମଲାର ତଦନ୍ତ କରି ଅଭିଯୁକ୍ତ ଗୋପାଳକୁ ଗିରଫ କରିଥିଲା। ଏବେ ଗୋପାଳ ଚୌଦ୍ୱାର ଜେଲ୍‌ରେ ରହିଛି। ହେଲେ ନବ ଦାସଙ୍କୁ ହତ୍ୟା କରି ଜଣେ ହତ୍ୟାକାରୀ ଯେଭଳି ଅନୁଶୋଚନା କରିବା କଥା ତାହା ଗୋପାଳ ପାଖରେ ଦେଖିବାକୁ ମିଳୁନାହିଁ। ଜଣେ ସାଧାରଣ ମଣିଷ ଯେଭଳି ➤ ପୃ-୬

### ୧୭ ଶିଳ୍ପ ପ୍ରକଳ୍ପର ଶିଳାନ୍ୟାସ, ୨ ଉଦ୍‌ଘାଟିତ

## ୪,୫୦୦ ନିଯୁକ୍ତି ସୃଷ୍ଟି ହେବ



**ଭୁବନେଶ୍ୱର:** ନିବେଶ କ୍ଷେତ୍ରରେ ଆଉ ଏକ ମାଇଲଷ୍ଟୋନ୍। ୧୯ଟି ପ୍ରକଳ୍ପର ଉଦଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଏଥିରେ ୧୬ ଶହ ୫୦ କୋଟି ଟଙ୍କାର ନିବେଶ ହେବ। ୪ ହଜାର ୫୦୦ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ୧୭ଟି ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିବା ବେଳେ ୨ଟି ପ୍ରକଳ୍ପର ଉଦ୍‌ଘାଟନ ହୋଇଛି। ମେକ ଇନ୍ ଓଡ଼ିଶା ୨୦୨୨ରେ ଏସବୁ ନିବେଶ ପାଇଁ ପ୍ରସ୍ତାବ ଆସିଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡ଼ିଶାରେ ନିବେଶ ପାଇଁ ➤ ପୃ-୬

### ବକ୍ରବାଣୀ



ଚାଉଳକୁ ନେଇ ଯାତେରା ଚାଲେ
ଦଉଡି କିଏ ସେ କାଟୁଚି କିଏ
କେହି କହୁନାହିଁ ମରମ କଥା
କାହା ପଇସାରେ ଦଉଡି ସିଏ
ଅଶୀ ଭାଗ ଲୋକ ଭୋକିଲା ଏଠି
ପଞ୍ଚସ୍ତୋରୀ ବର୍ଷ ସ୍ୱାଧୀନ ପରେ
ବିଶ୍ୱଗୁରୁ ବୋଲି ଡିଣ୍ଡିମ ପିଟୁ
ଖାଇବାକୁ ଗଣ୍ଡେ ନାହିଁଟି ଘରେ
ଗୋରା ଚାଲିଗଲେ କଳା ଆଇଲେ
ଦିନ ଦ୍ୱିପହରେ ଲୁଟି ଖାଇଲେ।

—— ଟୁଟୁ


## କେନ୍ଦ୍ରର ପଞ୍ଚାୟତ ପାଣ୍ଠିରେ ହାତ ନମାରୁ ରାଜ୍ୟ : ଧର୍ମେନ୍ଦ୍ର




**ଭୁବନେଶ୍ୱର :** କେନ୍ଦ୍ର ସରକାର ସିଧାସଳଖ ପଞ୍ଚାୟତଗୁଡ଼ିକୁ ଯେଉଁ ପାଣ୍ଠି ଦେଉଛନ୍ତି ସେଥିରେ ରାଜ୍ୟ ସରକାର ହାତ ନମାରନ୍ତୁ। କନଭରଜେନ୍ସ ନାଁରେ ପଞ୍ଚାୟତକୁ କେନ୍ଦ୍ର ସରକାର ଦେଉଥିବା ଟଙ୍କାକୁ ରାଜ୍ୟ ସରକାର ଉଠାଇ ଦେଉଛନ୍ତି। ନାଚଗୀତ କରି ୩ ହଜାର କୋଟି ଟଙ୍କା ଖର୍ଚ୍ଚ କରିଦେଲେ। କେନ୍ଦ୍ର ସରକାରଙ୍କ ୮୫୦୦ କୋଟି ଟଙ୍କା ଫେରସ୍ତ ଚାଲିଗଲା। ପଞ୍ଚଦଶ ଅର୍ଥ କମିଶନଙ୍କ ସୁପାରିଶରେ ପଞ୍ଚାୟତିରାଜ ସଂସ୍ଥା ଗୁଡ଼ିକୁ କେନ୍ଦ୍ର ସରକାର ପାଣ୍ଠି ଦେଉଛନ୍ତି, ଅନ୍ତତଃ ପକ୍ଷେ ଏହି ପାଣ୍ଠିରେ ରାଜ୍ୟ ହାତ ନମାରୁ ଆଉ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏଥିପ୍ରତି ଦୃଷ୍ଟି ଦିଅନ୍ତୁ। ଆଜି ଭୁବନେଶ୍ୱରରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ସହଯୋଗରେ ଆୟୋଜିତ 'ଶିଶୁ ଓ ମହିଳା ଅନୁକୂଳ ପଞ୍ଚାୟତ ଗଠନ' ଶୀର୍ଷକ ୩ ଦିନିଆ ରାଷ୍ଟ୍ରୀୟ କର୍ମଶାଳାକୁ ଉଦଘାଟନ କରି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହା କହିଛନ୍ତି। ଅନ୍ୟପକ୍ଷରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ରାଜ୍ୟରେ ପଞ୍ଚାୟତିରାଜ ବ୍ୟବସ୍ଥା ସମ୍ପର୍କରେ କିଛି ଜାଣିନାହାନ୍ତି ବୋଲି ବିଜେଡି ଅଭିଯୋଗ କରିଛି। ଶ୍ରୀ ପ୍ରଧାନ ରାଜ୍ୟ ସଭାମଞ୍ଚରୁ ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ସଚିବଙ୍କୁ କେନ୍ଦ୍ର ସରକାରଙ୍କ ପଞ୍ଚଦଶ ଅର୍ଥ କମିଶନ ସୁପାରିଶରେ ପଞ୍ଚାୟତଗୁଡ଼ିକୁ ସିଧାସଳଖ ଯେଉଁ ପାଣ୍ଠି ଦେଉଛନ୍ତି। ସେଥିରେ ରାଜ୍ୟ ସରକାର ହାତ ନମାରୁ ବୋଲି ତାଗିଦ୍ କରିଥିଲେ। କନଭରଜେନ୍ସ ନାଁରେ ରାଜ୍ୟ ସରକାର ଟଙ୍କା ଉଠାଇ ଦେଉଛନ୍ତି। ସରପଞ୍ଚ, ଜିଲ୍ଲାପରିଷଦ ଓ ଅଧକ୍ଷଙ୍କ ପାଣ୍ଠିରେ ହାତ ମରାନଯାଉ। ରାଜ୍ୟରେ ଯେପର୍ଯ୍ୟନ୍ତ ପଞ୍ଚାୟତିରାଜର ନିର୍ବାଚିତ ପ୍ରତିନିଧିମାନଙ୍କୁ ସଠିକ୍ ଭାବେ ସଶକ୍ତ ନହେବେ ସେମାନଙ୍କୁ ସାମିଲ କରାନଯିବ ତା'ହେଲେ କେନ୍ଦ୍ରୀୟ ଯୋଜନାଗୁଡ଼ିକ ସଠିକ୍ ରୂପାନ୍ୱୟନ ହୋଇପାରିବ ନାହିଁ। ରାଜ୍ୟରେ ମିଶନଶକ୍ତିର ମହିଳାମାନେ ଆଉ କେତେଦିନ ପାମ୍ପଡ଼, ବଡ଼ି, ଆଚାର କରିବେ? ସେମାନେ କାହିଁକି ଇ-କମର୍ସ ବ୍ୟବସାୟ ନକରିବେ। ମୟୂରଭଞ୍ଜ ଜିଲ୍ଲାରୁ ଯଦି ରାଷ୍ଟ୍ରପତି ଦୌପଦ୍ରୀ ମୁର୍ମୁ ଓ ➤ ପୃ-୬

### ଆରମ୍ଭ ହେବ ପର୍ଯ୍ୟଟନ ସମ୍ପଦ ମାନଚିତ୍ରଣ

## ୫୦ ନୂଆ ପର୍ଯ୍ୟଟନସ୍ଥଳୀର ବିକାଶ ଲକ୍ଷ୍ୟ



**ଭୁବନେଶ୍ୱର :** ପର୍ଯ୍ୟଟନ ବିଭାଗ ସାରା ରାଜ୍ୟରେ ପର୍ଯ୍ୟଟନ ସମ୍ପଦ ମାନଚିତ୍ରଣ( ଟୁରିଜିମ ରିସୋର୍ସ ମ୍ୟାପିଂ) କରିବ। ନୂଆନୂଆ ପର୍ଯ୍ୟଟନସ୍ଥଳୀ ସବୁର ଅନୁସନ୍ଧାନ କରାଯାଇ ସେଗୁଡ଼ିକର ବିକାଶ କରାଯିବ। ଏହା ଫଳରେ ରାଜ୍ୟର ପର୍ଯ୍ୟଟନ ମାନଚିତ୍ର ଆହୁରି ବିସ୍ତାରିତ ହେବ। ଏଥିରୁ ନିଯୁକ୍ତି ବୃଦ୍ଧି ସହ ଅର୍ଥନୀତିର ସମୃଦ୍ଧି ମଧ୍ୟ ହେବ। ଆସନ୍ତା ପର୍ଯ୍ୟଟନ ଋତୁ ବେଳକୁ ଆଉ କିଛି ନୂଆ ସ୍ଥାନ ଏହି ମାନଚିତ୍ରରେ ସ୍ଥାନ ପାଇଥିବ। ସବୁଜିମାରେ ପରିପୂର୍ଣ୍ଣ ଓଡ଼ିଶାର ୩୦ଟି ଯାକ ଜିଲ୍ଲାରେ ୫୦ଟି ପର୍ଯ୍ୟଟନ କ୍ଷେତ୍ର ବିକାଶ କରିବାକୁ ସରକାର ଯୋଜନା ରଖିଛନ୍ତି। ଲୋକପ୍ରିୟ ହୋଇ ପାରିନଥିବା ଯୋଗ୍ୟ ପର୍ଯ୍ୟଟନ ସ୍ଥଳୀଗୁଡ଼ିକର କ୍ଷମତା ବୃଦ୍ଧି ସହ ତାହାକୁ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ଦେବା ପାଇଁ ପର୍ଯ୍ୟଟନ ବିଭାଗ ପ୍ରୟାସ ଆରମ୍ଭ କରିଛି। ପର୍ଯ୍ୟଟନ ବିଭାଗରକୁ ମିଳିଥିବା ସୂଚନା ଅନୁଯାୟୀ, ରାଜ୍ୟରେ ସମ୍ପ୍ରତି ୪୮ଟି ଜଳପ୍ରପାତ ପର୍ଯ୍ୟଟନର ମାନ୍ୟତା ପାଇଛି। ଏହି ତାଲିକାରେ ନୃସିଂହନାଥ, ହରିଶଙ୍କର, ଦେଓଝର, ପ୍ରଧାନପାଟ୍, ଗଣ୍ଡାହାତୀ, ବୁଢ଼ାଖୋଲ, ଗୁଣ୍ଡିଚାଘାଇ, ସାନଘାଗରା ଓ ବଡ଼ଘାଗରା ପ୍ରମୁଖ ସାମିଲ ରହିଛନ୍ତି। ପର୍ଯ୍ୟଟନ ବିଭାଗ ୧୨ଟି ନୂଆ ଜଳପ୍ରପାତକୁ ପର୍ଯ୍ୟଟନ ସ୍ଥଳୀ ଭାବେ ସ୍ଥାନିତ କରିବାକୁ ➤ ପୃ-୬




## ମୋଦି-ଆଦାନୀ ଯୋଡ଼ି ଦେଶପାଇଁ ଭୟଙ୍କର : କଂଗ୍ରେସ



**ଭୁବନେଶ୍ୱର :** ପ୍ରଦେଶ କଂଗ୍ରେସ ସଭାପତି ଶରତ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀର ଏଆଇସିସି ମୁଖପାତ୍ର ତଥା ବରିଷ୍ଠ କଂଗ୍ରେସ ନେତା ଉଦ୍‌ବୋଧନ ଦେଇ ମୋଦି ଆଦାନୀ ଯୋଡ଼ି ଦେଶପାଇଁ ଭୟଙ୍କର ସମସ୍ୟା ଆଣି ଦେଇଛି। ଆଦାନୀ ନୀତି ଦେଶର ଅର୍ଥନୀତି, ଆଦାନୀ ନୀତି ଦେଶର ବୈଦେଶିକ ନୀତିରେ ପରିଣତ ହୋଇଛି ବୋଲି କହିଥିଲେ। ଏହି ସମ୍ମିଳନୀ ଭୁବନେଶ୍ୱର ସମେତ ସାରା ଭାରତ ବର୍ଷର ୨୩ ସ୍ଥାନରେ ଅନୁଷ୍ଠିତ ହେଉଥିବାର ସୂଚନା ଦେଇ କାଂଗ୍ରେସର ଜାତୀୟ ପ୍ରବକ୍ତା ଶ୍ରୀଯୁକ୍ତ ଶର୍ମା ଦର୍ଶାଇଥିଲେ ଯେ ସଂସଦରେ କଂଗ୍ରେସର ଆସନ୍ତା କାଲିର ପ୍ରତିଶ୍ରୁତି ରାହୁଲ ଗାନ୍ଧୀ ଓ କଂଗ୍ରେସ ଅଧ୍ୟକ୍ଷ ମାଲିକାର୍ଜ୍ଜୁନ ଖଡ଼ଗେ ମୋଦି- ଆଦାନୀ ପ୍ରକରଣ ସଂକ୍ରାନ୍ତରେ ଯେଉଁ ସବୁ ପ୍ରସଙ୍ଗ ଉଠାଇ ଜବାବ ମାଗିଥିଲେ ମୋଦି ଏବଂ କେନ୍ଦ୍ର ସରକାର ସେଗୁଡ଼ିକୁ ଏଡ଼ାଇ ଦେଇଛନ୍ତି। ଅପରପକ୍ଷରେ କାହିଁକି ପ୍ରଶ୍ନ ଉଠାଇଲେ ବୋଲି ରାହୁଲ ଗାନ୍ଧୀଙ୍କ ବିରୋଧରେ ସ୍ୱାଧୀକାର ଭଙ୍ଗର ନୋଟିସ ଜାରି କରି ଧମକ ଦେଇଛନ୍ତି। ରାହୁଲ ଗାନ୍ଧୀ ଏବଂ କଂଗ୍ରେସ ଅଧ୍ୟକ୍ଷକ ଭାଷଣରେ ଅନେକ ଗୁରୁତ୍ୱପୂର୍ଣ୍ଣ ଅଂଶକୁ ବେଆଇନ ଭାବେ ବିବରଣୀରୁ ବାଦ ଦେଇଛନ୍ତି। ୨୦୧୪ ମସିହାରେ ଗୌତମ ଆଦାନୀ ବିଶ୍ୱର ଧନୀ ତାଲିକାରେ ୬୦୯ ସ୍ଥାନ ଅଧିକାର କରିଥିଲା ବେଳେ ୨୦୨୨ ମସିହା ଶେଷ ବେଳକୁ ସେ ବିଶ୍ୱ ଧନୀ ତାଲିକାରେ ତୃତୀୟ ସ୍ଥାନ ଅଧିକାର କରିଥିଲେ। ୨୦୧୪ ମସିହା ବେଳକୁ ତାଙ୍କ ବ୍ୟବସାୟୀକ ସମୁଦାୟ ପୁଞ୍ଜି ୫୨ ହଜାର କୋଟି ଟଙ୍କା ଥିବା ବେଳେ ୨୦୨୨ ମସିହା ଶେଷ ବେଳକୁ ଗୌତମ ଆଦାନୀଙ୍କର ସଂପତି ୨୨ ଲକ୍ଷ କୋଟି ଟଙ୍କାରେ ପଂହିଚି ଥିଲା। ଏହା କେବଳ ଆଦାନୀ ମୋଦି ଅର୍ଥ ନୀତି ଯୋଗୁଁ ସମ୍ଭବ ହୋଇଛି ବୋଲି ସେ କହିଥିଲେ। ଶ୍ରୀଯୁକ୍ତ ରାହୁଲ ଗାନ୍ଧୀ ଦୀର୍ଘ ୯ ବର୍ଷଧରି ଭାରତ ସରକାରଙ୍କ ବିଭିନ୍ନ କ୍ଷେତ୍ରରେ ସୂଚାଇ ଦେଇ କହିଥିଲେ ଯେ ମୋଦି ସରକାର ନିର୍ଦ୍ଦିଷ୍ଟ କିଛି ପୁଞ୍ଜିପତିଙ୍କ ସ୍ୱାର୍ଥ ରକ୍ଷା କରିବାପାଇଁ କେବଳ କାର୍ଯ୍ୟ କରୁଛନ୍ତି। ତଦ୍ୱାରା ଭାରତ ବର୍ଷର ଜାତୀୟ ସଂପତି ଯଥା ଏୟାରପୋର୍ଟ, ବନ୍ଦର, ଜାତୀୟ ରାଜପଥ ଏବଂ ରେଳ ଯୋଗାଯୋଗ ଏ ସବୁ କ୍ଷେତ୍ରରେ ସେମାନଙ୍କ ମାଲିକାନାକୁ ଚାଲିଯାଉଛି। ଯଦ୍ୱାରାକି ଆସନ୍ତା ଦିନ ଭାରତ ବର୍ଷ ଓ ଭାରତ ବର୍ଷର ଅର୍ଥନୀତିକୁ ଦୁର୍ବଳ କରିଦେବ। କିନ୍ତୁ ଏ ସରକାର ନିଜର ବ୍ୟକ୍ତିଗତ ଫାଇଦା ଏବଂ ନିଜର ରାଜନୈତି ଅଭିସନ୍ଧିକୁ ପୂରଣ କରିବାପାଇଁ ସମସ୍ତ ଜାତୀୟ ସଂପତି ଗୋଟେ ପରେ ଗୋଟେ ନିର୍ଦ୍ଦିଷ୍ଟ କିଛି ପୁଞ୍ଜିପତିଙ୍କୁ ଟେକିଦେଇଛନ୍ତି। ହିଂଣ୍ଡେନବର୍ଗ ରିପୋର୍ଟ ପ୍ରକାଶ ପାଇବାପରେ ଆଦାନୀଙ୍କ ସଂପର୍କୀତି କମ୍ପାନୀଗୁଡ଼ିକର ସଂପୂର୍ଣ୍ଣ ତଥ୍ୟ ପ୍ରକାଶ ପାଇଲା। ଯଦ୍ୱାରାକି ପ୍ରକୃତି କଥା ପଦାକୁ ଆସିଲା। ଜାଲିଆତି କରି ବିଦେଶରୁ ସେଲ କମ୍ପାନୀଙ୍କ ମାଧ୍ୟମରେ ହଜାର ହଜାର କୋଟି ଟଙ୍କା ଆଦାନୀ ଗ୍ରୁପ ଅଫ କମ୍ପାନୀରେ ବିନିଯୋଗ କରାଯାଇଛି। ଏପରିକି ମରିସସ୍‌ର ଏକ ସେଲ କମ୍ପାନୀ ମାଧ୍ୟମରେ ୪୮ ହଜାର କୋଟି ଟଙ୍କା ଆଦାନୀ କମ୍ପାନୀରେ ପୁଞ୍ଜି ବିନିଯୋଗ କରାଯାଇଛି। କିନ୍ତୁ ଯେଉଁ କମ୍ପାନୀ ପୁଞ୍ଜି ବିନିଯୋଗ କରିଛି ତାର ଅଫିସ ଠିକଣା ଏବଂ କଣ କାର୍ଯ୍ୟ ମିଳୁନାହିଁ। ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର ବହୁତ ବଡ଼ ବଡ଼ ଭାଷଣ ଗୁଡ଼ିକ ମନେ ପଡୁଛି। ଭାଷଣ ଛଳରେ କହିଥିଲେ ନା ଖାଉଁଗା ନା ଖାନେ ଦେଉଁଗା। କିନ୍ତୁ ଆଜି ନରେନ୍ଦ୍ର ମୋଦି ଓ ଆଦାନୀ ମିଳିମିଶି ସବୁ ଖାଉଛନ୍ତି। ନରେନ୍ଦ୍ର ମୋଦି ଓ ଆଦାନୀ ମହା କେଳେଙ୍କାରୀର କଂଗ୍ରେସ ଜେପିସି ତଦନ୍ତ ଦାବୀ କରୁଥିଲା ବେଳେ ଏ ସରକାର ଏଥିପ୍ରତି କର୍ଣ୍ଣପାତ କରୁନାହିଁ। ଏବଂ ଜେପିସି ତଦନ୍ତ ନକରିବାପାଇଁ ବିଭିନ୍ନ ଆଳ କରୁଛନ୍ତି। ଜେପିସି ତଦନ୍ତ କଲେ ଜେପିସିର ଚ୍ୟାୟାରମ୍ୟାନ ବିଜେପିରୁ ହେବ ଏବଂ ଅଧିକାଂଶ ସଦସ୍ୟ ମଧ୍ୟ ତାଙ୍କ ଦଳରେ ରହିବେ ତଥାପି କାହିଁକି ଜେପିସି ତଦନ୍ତକୁ ଭୟ କରୁଛନ୍ତି। ଜେପିସି ତଦନ୍ତ କଥା କହିଲେ ସେ ବିବିସି ଉପରେ ଛାପା ମାରୁଛନ୍ତି। ମରିସସ୍‌ରୁ ଓ ଅନ୍ୟ ଟ୍ୟାକ୍ସ ହେଭେନ କ୍ରଂଟିରୁ ସେଲ କମ୍ପାନୀ ମାଧ୍ୟମରେ ସିଧାସଳଖ ଯେଉଁ ପୁଞ୍ଜି ହେଉଛି ତାହାର କଂଗ୍ରେସ ବାରମ୍ବାର ଅଭିଯୋଗ କଲାପରେ ମଧ୍ୟ ଆଜି ଇଡି, ଡିଆରଆଇ, ସିବିଆଇ, ଆଇଟି ଇତ୍ୟାଦି ➤ ପୃ-୬

## କେମିତି କଟିବ ଏ ସପ୍ତାହ

**ମେଷ** ସ୍ୱାସ୍ଥ୍ୟ ଓ ମନ ପ୍ରଫୁଲ୍ଲ ରହିବ। ଆୟ ଓ ବ୍ୟୟରେ ବୃଦ୍ଧି ହେବ। ସପ୍ତାହର ପ୍ରଥମାର୍ଦ୍ଧରେ କାର୍ଯ୍ୟ କ୍ଷେତ୍ରରେ ଉଚ୍ଚପଦସ୍ତ ଅଧିକାରୀଙ୍କ ସହ ମତାନ୍ତର ହୋଇପାରେ। ଜୀବନସାଥୀଙ୍କୁ ନେଇ ଚିନ୍ତିତ ରହିପାରିନ୍ତି। ପ୍ରତିକାର : ମଙ୍ଗଳବାର ଦିନ ହନୁମାନ ଚାଳିଶା ପାଠ କରନ୍ତୁ।

**ବୃଷ** ଛାତି ବା କାଶ, ଶର୍ଦ୍ଦି ଭଳି ବେମାରୀ ହୋଇପାରେ। ବ୍ୟବସାୟ ଓ କାର୍ଯ୍ୟ କ୍ଷେତ୍ରରେ ପ୍ରତିବନ୍ଧକ ଦେଖାଦେଇପାରେ। ନୂଆ କାର୍ଯ୍ୟ ପାଇଁ ସମୟ ଅନୁକୂଳ। ଧାର୍ମିକ ବା ଆଧାତ୍ମିକ କାର୍ଯରେ ଯୋଗ ଦେବେ। ପ୍ରତିକାର : ଓଁ ଦ୍ରାଂ ଦ୍ରିଂ ଦ୍ରଂ ଶୁକ୍ରାୟନମଃ।

**ମିଥୁନ** ଜ୍ୱରରେ ପୀଡିତ ହୋଇପାରନ୍ତି ଓ ଆତ୍ମବିଶ୍ୱାସରେ କମ ହୋଇପାରେ। କାର୍ଯ୍ୟକ୍ଷେତ୍ରରେ ସାବଧାନ ରହନ୍ତୁ। ନୂଆ ବିପରୀତ ବନ୍ଧୁ ହୋଇପାରନ୍ତି। ପ୍ରତିକାର : ବୁଧବାର ଦିନ ଗାଈକୁ ସବୁଜ ଚାରା ବା ଘାସ ଖୁଆନ୍ତୁ।

**କର୍କଟ** ପାଚନ ତନ୍ତ୍ର ଜନିତ ସମସ୍ୟା ହୋଇପାରେ। ବ୍ୟବସାୟରେ ନୂଆ ଭାଗୀଦାରୀ ହୋଇପାରନ୍ତି। କାର୍ଯ୍ୟକ୍ଷେତ୍ରରେ ଶତ୍ରୁଙ୍କ ବୃଦ୍ଧି ହୋଇପାରେ। ପ୍ରତିକାର : ଭଗବାନ ଶିବଙ୍କ ପୂଜା / ଆରାଧନା କରନ୍ତୁ।

**ସିଂହ** ପେଟ ସମ୍ବନ୍ଧୀୟ ସମସ୍ୟା ହୋଇପାରେ। ବ୍ୟବସାୟରେ କ୍ଷତିର ଯୋଗ ଅଛି। ଶତ୍ରୁମାନେ ପରାଜିତ ହେବେ। କାର୍ଯ୍ୟକ୍ଷେତ୍ରରେ ରାଜନୀତିରୁ ଦୂରେଇ ରହନ୍ତୁ। ପ୍ରତିକାର : ପ୍ରତିଦିନ ସୂର୍ଯ୍ୟଙ୍କୁ ଜଳ ଅର୍ପଣ କରନ୍ତୁ।

**କନ୍ୟା** ମନ ବିଚଳିତ ରହିବ। ବ୍ୟୟରେ ବୃଦ୍ଧି ହେବ। କାର୍ଯ୍ୟକ୍ଷେତ୍ରରେ ଧୈର୍ଯ୍ୟ ସହ କାର୍ଯ୍ୟ କଲେ ସମ୍ମାନିତ ହେବେ। ସପ୍ତାହର ଶେଷରେ ଜୀବନ ସହ ଆନ୍ତରିକତା ବୃଦ୍ଧି ହେବ। ପ୍ରତିକାର : ବୁଧବାର ଦିନ ଛୋଟ ଝିଅପିଲାଙ୍କୁ ଉପହାର ଦିଅନ୍ତୁ।

**ତୁଳା** ଛାତି, ପେଟରେ ଯନ୍ତ୍ରଣା ଅନୁଭବ କରିପାରନ୍ତି। ଆର୍ଥିକ ସ୍ଥିତି ସାଧାରଣ ରହିବ। କାର୍ଯ୍ୟକ୍ଷେତ୍ରରେ ଅଯଥା ଅନାବଶ୍ୟକ କାର୍ଯ୍ୟରେ ମୁଣ୍ଡ ପୁରାନ୍ତୁ ନାହିଁ। ପ୍ରତିକାର : ଶୁକ୍ରବାର ଦିନ ମା' ସନ୍ତୋଷୀଙ୍କ ଆରାଧନା କରନ୍ତୁ।

**ବିଛା** ସ୍ୱାସ୍ଥ୍ୟରେ ଉନ୍ନତି ହେବ। କାର୍ଯ୍ୟକ୍ଷେତ୍ରରେ ପଦୋନ୍ନତି ହୋଇପାରେ। କିନ୍ତୁ ବଚସାରୁ ଦୂରେଇ ରହନ୍ତୁ। ଖର୍ଚ୍ଚରେ ବୃଦ୍ଧି ହେବ। ପ୍ରତିକାର : ପ୍ରତିଦିନ ଶିବଙ୍କୁ ଓଁ ନମ ଶିବାୟ ମନ୍ତ୍ରରେ ଧ୍ୟାନ କରନ୍ତୁ।

**ଧନୁ** ଶରୀରରେ ଯନ୍ତ୍ରଣା ଅନୁଭବ କରିପାରନ୍ତି। ଆବଶ୍ୟକରୁ ଅଧିକ ଖର୍ଚ୍ଚ ହେବ। ବନ୍ଧୁ ଓ ପରିବାରରେ ସମ୍ମାନ ପାଇବେ। କାର୍ଯ୍ୟକ୍ଷେତ୍ରରେ ପ୍ରଗତି ହେବ। ପ୍ରତିକାର : ଗୁରୁବାର ଦିନ ହଳଦୀ ରଙ୍ଗର ବସ୍ତ୍ର ପରିଧାନ କରନ୍ତୁ।

**ମକର** ଲକ୍ଷ ହାସଲ ଦିଗରେ ଅଗ୍ରସର ହେବେ। ପଦସ୍ଥ ଅଧିକାରୀ ଆପଣଙ୍କ ଉପରେ କ୍ଷୁବ୍ଧ ହୋଇପାରନ୍ତି। ଋଣ ପରିଶୋଧ କରିପାରନ୍ତି। ଆଖିରେ ପୀଡା ହୋଇପାରେ। ପ୍ରତିକାର : ପିତାମାତାଙ୍କୁ ସମ୍ମାନ କରନ୍ତୁ ଓ ମିଛ କହନ୍ତୁ ନାହିଁ।

**କୁମ୍ଭ** ପୁରୁଣା ରୋଗରୁ ମୁକ୍ତି ମିଳିବ। ଆୟ ଓ ବ୍ୟୟରେ ବୃଦ୍ଧି ହେବ। ସମ୍ମାନ ପାଇଁ ବାଣୀରେ ଲଗାମ ଦିଅନ୍ତୁ। ଭାଇଭଉଣୀଙ୍କ ସହଯୋଗ ପାଇଷବ। ଦମ୍ପତିଙ୍କର ପୁରୁଣା ମତଭେଦ ଦୂର ହେବ। ପ୍ରତିକାର : ଶନିବାର ଦିନ ଛାୟା ଦାନ କରନ୍ତୁ।

**ମୀନ** ଆବଶ୍ୟକତାରୁ ଅଧିକ କଥା କହନ୍ତୁ ନାହିଁ। ମାନସିକ ଓ ଶାରୀରିକ କଷ୍ଟ ପାଇପାରନ୍ତି। କାର୍ଯ୍ୟକ୍ଷେତ୍ରରେ ଭଲ ଖବର ପାଇଷବ। ଆୟରୁ ବ୍ୟୟ ଅଧିକ ହେବ। ବୈବାହିକ ଜୀବନର ଶାନ୍ତି ଅନୁଭବ କରିବେ। ପ୍ରତିକାର : ଗୁରୁଜନଙ୍କୁ ସମ୍ମାନ କରନ୍ତୁ।

**ଅନ୍ନପୂର୍ଣ୍ଣା ଖୁଣ୍ଟିଆ**
ଜ୍ୟୋତିର୍ବିଦ୍
ଭୁବନେଶ୍ୱର

### ବିଶ୍ୱ ପାଣିପାଗ ସଂଗଠନର ଚେତାବନୀ

# ସମୁଦ୍ର ଗର୍ଭରେ ଲୀନ ହେବ ଦୁନିଆର ବଡ ବଡ ସହର

**ନୂଆଦିଲ୍ଲୀ :** ଆଉ ମାତ୍ର ୮୦ ବର୍ଷ। ଅର୍ଥାତ୍ ୨୧୦୦ ମସିହା ସୁଦ୍ଧା ତାଣ୍ଡବ ରଚିବ ପ୍ରକୃତି। ସମୁଦ୍ର ଗର୍ଭରେ ଲୀନ ହେବ ଅନେକ ବଡ ବଡ ସହର। ଏନେଇ ନିକଟ ଅତୀତରେ ନୂଆ ରିପୋର୍ଟ ଜାରି କରିଛନ୍ତି ବିଶ୍ୱ ପାଣିପାଗ ବିଭାଗ (ଡବ୍ଲ୍ୟୁଏମ୍ଓ)। ରିପୋର୍ଟରେ କୁହାଯାଇଛି ଯେ, ଯେଉଁ ଦ୍ରୁତଗତିରେ ସମୁଦ୍ରର ଜଳସ୍ତର ବଢୁଛି, ଯଦି ସେପରି ଆଗାମୀ ଦିନରେ ଜାରି ରୁହେ ତେବେ ବଡ ବଡ ସହର ସମୁଦ୍ରରେ ମିଶିଯିବ। ଏହି ରିପୋର୍ଟରେ କୁହାଯାଇଛି ଯେ, ମୁମ୍ବାଇ, ଢାକା, ସାଂଘାଇ, ଲଣ୍ଡନ, ନ୍ୟୁୟର୍କ ସମେତ ବିଶ୍ୱର ଅନେକ ସହର ଉପରେ ବିପଦ ଘେରି ରହିଛି। ଗ୍ଲୋବାଲ ୱାର୍ମିଂ ଯୋଗୁଁ ଲଗାତାର ବୃଦ୍ଧି ପାଉଛି ସମୁଦ୍ରର ଜଳସ୍ତର। ଯାହା ପୃଥିବୀକୁ ବିନାଶ ଆଡକୁ ଟାଣି ନେଉଛି। ରିପୋର୍ଟ ଅନୁଯାୟୀ, ଯଦି ବିଶ୍ୱ ତାପମାତ୍ରା ୧.୫ ଡିଗ୍ରୀ ସେଲସିୟସରେ ସୀମିତ ରୁହେ, ତେବେ ଆଗାମୀ ଦୁଇ ହଜାର ବର୍ଷ ମଧ୍ୟରେ ସମୁଦ୍ର ପତ୍ତନ ୨ ରୁ ୩ ମିଟର ବୃଦ୍ଧି ପାଇବ। ଯଦିଓ ଆମେ ଗ୍ଲୋବାଲ ୱାର୍ମିଂକୁ ୨ ଡିଗ୍ରୀ ସେଲସିୟସକୁ ସୀମିତ କରିବାରେ ସଫଳ ହେବା, ତେବେ ସମୁଦ୍ର ୬ମିଟର ପର୍ଯ୍ୟନ୍ତ ଉପରକୁ ଉଠିବ। ସେହିପରି



ଯଦି ଗ୍ଲୋବାଲ ୱାର୍ମିଂ ୫ ଡିଗ୍ରୀ ସେଲସିୟସରେ ପହଞ୍ଚିବ, ତେବେ ୨ ହଜାର ବର୍ଷରେ ସମୁଦ୍ର ୧୯ ରୁ ୨୨ ମିଟର ପର୍ଯ୍ୟନ୍ତ ଉପରକୁ ଉଠିବ। ଡବ୍ଲ୍ୟୁଏମ୍ଓ ଅନୁଯାୟୀ, ସମୁଦ୍ରର ଜଳସ୍ତର ବୃଦ୍ଧି ପାଇଲେ କେବଳ ଛୋଟ ଦ୍ୱୀପ ନୁହେଁ ଅଧିକ ପ୍ରଭାବିତ କରିବ ଜନବହୁଳ ଦେଶମାନଙ୍କରେ। ଏହାପରେ ୯୦ କୋଟିରୁ ଊର୍ଦ୍ଧ୍ୱ ଜନସାଧାରଣ ପ୍ରଭାବିତ ହେବେ। ଅର୍ଥାତ୍ ସମୁଦ୍ରର ଜଳସ୍ତର ବୃଦ୍ଧି ହେତୁ ପୃଥିବୀରେ ବାସ କରୁଥିବା ପ୍ରତି ୧୦ ଜଣଙ୍କ ମଧ୍ୟରୁ ଜଣଙ୍କ ଜୀବନ ଅସୁବିଧାରେ ପଡିବ। ଏହି ବିପଦ କେବଳ ଗରିବ ତଥା ବିକାଶଶୀଳ ଦେଶ ମାନଙ୍କରେ ପ୍ରଭାବ ପକାଇବ ତାହା ନୁହେଁ ବରଂ ସମୁଦ୍ର ଉପକୂଳରେ ଅବସ୍ଥିତ ବିଶ୍ୱର ପ୍ରତ୍ୟେକ ଦେଶ ଏବଂ ପ୍ରତ୍ୟେକ ସହରର ଅସ୍ତିତ୍ୱ ବିପଦରେ ପଡିବ। ତେବେ ରିପୋର୍ଟ ଅନୁଯାୟୀ, ବିପଦ ମୁଖରେ ରହିଛନ୍ତି ସାଂଘାଇ, ଢାକା, ବ୍ୟାଙ୍ଗକକ୍, ଜାକର୍ତ୍ତା, ମାପୁଟୋ, ଲାଗୋସ୍, କାହିରା, ଲଣ୍ଡନ, କୋପେନହାଗେନ୍, ନ୍ୟୁୟର୍କ ଲସ୍ ଏଞ୍ଜେଲ୍ସ, ବ୍ୟୁନସ୍ଆୟର୍ସ, ସେଣ୍ଟିୟାଗୀ ଓ ଭାରତର ମୁମ୍ବାଇ ପରି ବଡ ବଡ ସହର। ତେବେ ଗ୍ଲୋବାଲ ୱାର୍ମିଂ ପାଇଁ ତରଳୁଛି ଗ୍ଲାସିଅର୍ସ। ଯାହା ସମୁଦ୍ରର ଜଳସ୍ତର ବୃଦ୍ଧିର ପ୍ରମୁଖ କାରଣ ବୋଲି କହିଛନ୍ତି ବିଶେଷଜ୍ଞ। ଡବ୍ଲ୍ୟୁଏମ୍ଓ ରିପୋର୍ଟରେ ମଧ୍ୟ ଚିନ୍ତା ପ୍ରକଟ କରିଛନ୍ତି ଜାତିସଂଘର ମୁଖ୍ୟ ଆଣ୍ଟୋନିଓ ଗୁଟେରସ୍। ସେ ବିଶ୍ୱକୁ ମଧ୍ୟ ଦେଇଛନ୍ତି ସତର୍କ ଚେତାବନୀ।

# ଏୟାରବସ୍ ଠାରୁ ୨୫୦ଟି ବିମାନ କିଣିବ ଟାଟା ଗ୍ରୁପ

**ନୂଆଦିଲ୍ଲୀ:** ବିଶ୍ୱର ସବୁଠାରୁ ବଡ଼ ବିମାନ ଡିଲ୍ କରିଛି ଟାଟା ଗ୍ରୁପ୍। ବିମାନ ନିର୍ମାଣକାରୀ କମ୍ପାନୀ ଏୟାରବସ୍ ଠାରୁ ୨୫୦ଟି ବିମାନ କିଣିବାକୁ ଆଜି ଟାଟା ଗ୍ରୁପ୍ ଚୁକ୍ତି କରିଛି। ଏହି ଡିଲ୍‌ରେ ୪୦ଟି ଏ୩୫୦ ୱାଇଡ ବଡି ଲଙ୍ଗ ରେଞ୍ଜ ବିମାନ ଏ୩୫୦ ଓ ୨୧୦ଟି କମ ଚଉଡ଼ା ରହିଥିବା ବିମାନ ରହିଛି। ଏ୩୨୦ ନେଓ ଢାଞ୍ଚାର ନୂଆ ବିମାନ ଗୁଡ଼ିକ ରହିବ। ଏହି ଡିଲ୍‌କୁ ଐତିହାସିକ ବୋଲି କହିଛନ୍ତି ଏୟାରବସ୍ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଜି ଫାଉରୀ। ସେ କହିଛନ୍ତି, "ଏହା ଏୟାରବସ୍ ପାଇଁ ଗୋଟିଏ ଐତହାସିକ ମୁହୂର୍ତ୍ତ। ଏୟାର ଇଣ୍ଡିଆର ପୁନଃଉଦ୍ଧାର ପାଇଁ ଏୟାରବସ୍ ସହଯୋଗ କରିବ।" ଏହି ଡିଲ୍ ସମୟରେ ଭିଡିଓ କନଫରେନ୍ସିଂ ଯୋଗେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଟାଟା ଗ୍ରୁପ ମୁଖ୍ୟ ରତନ ଟାଟା ଓ ଫ୍ରାନ୍ସ ରାଷ୍ଟ୍ରପତି ଇମାନ୍ୟୁଏଲ ମାର୍କନ ଉପସ୍ଥିତ ରହିଥିଲେ। ଏୟାର ଇଣ୍ଡିଆ ମୋଟ ୪୭୦ଟି ବିମାନ କିଣିବାକୁ ଲକ୍ଷ୍ୟ ରଖିଥିବା ବେଳେ ଏୟାରବସ୍ ଠାରୁ ୨୫୦ଟି ବିମାନ କିଣିବ। ଏଥିପାଇଁ ୧୦୦ ବିଲିୟନ ଡଲାରରୁ ଅଧିକ ଖର୍ଚ୍ଚ ହେବ। ସେହିପରି ଟାଟା ଗ୍ରୁପ୍ ଆଉ ୨୨୦ଟି ବିମାନ ବୋଇଂରୁ କିଣିବ। ମାର୍କନ କହିଛନ୍ତି, "ଏହି କଣ୍ଟ୍ରାକ୍ଟ ଭାରତ-ଫ୍ରାନ୍ସ ମଧ୍ୟରେ ଥିବା ବନ୍ଧୁତ୍ୱ ପାଇଁ ଗୋଟିଏ ମାଇଲଖୁଣ୍ଟ।" କେନ୍ଦ୍ରମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ, ପୀୟୂଷ ଗୋଏ ଓ ଓ ଟାଟା ସନ୍ସ ଅଧକ୍ଷ ଏନ ଚନ୍ଦ୍ରଶେଖରନ ମଧ୍ୟ ଏହି ଡିଲ୍ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି, "ଭାରତ ବିମାନ ଚଳାଚଳ କ୍ଷେତ୍ରରେ ତୃତୀୟ ସର୍ବବୃହତ୍ତ ଦେଶ ହେବାକୁ ଯାଉଛି। ଭାରତ ଆସନ୍ତା ୧୫ ବର୍ଷ ମଧ୍ୟରେ ୨୫ଶହ ବିମାନ ଆବଶ୍ୟକ କରିବ।" ଏୟାରବସଠାରୁ ଏୟାର ଇଣ୍ଡିଆ ଆଣିବାକୁ ଥିବା ୨୫୦ ବିମାନ ମଧ୍ୟରେ ୪୦ଟି ଚଉଡ଼ା ବିମାନ ଏ୩୫୦ ରହିବ। ପ୍ରଥମ ଭାରତୀୟ କମ୍ପାନୀ ଭାବେ ଏୟାର ଇଣ୍ଡିଆ ଏଭଳି ବିମାନ ପରିଚାଳନା କରିବ। ପୂର୍ବରୁ ସରକାରଙ୍କ ଅଧୀନରେ ପରିଚାଳିତ ହେଉଥିବା ଏୟାର ଇଣ୍ଡିଆ ୨୦୦୫ ମସିହାଠାରୁ ନୂଆ ବିମାନ କିଣିନାହିଁ। ଶେଷଥର ପାଇଁ କମ୍ପାନୀ ୨୦୦୫ରେ ୧୧୧ଟି ବିମାନ କିଣିବା ଲାଗି ଅର୍ଡର ଦେଇଥିଲା।

### ଉଦ୍ଧବ ଠାକରେଙ୍କୁ ବଡ଼ ଝଟକା

# ସିନ୍ଦେ ଗୋଷ୍ଠୀ ଏବେ ପ୍ରକୃତ 'ଶିବସେନା'

**ନୂଆଦିଲ୍ଲୀ :** ବିଜେପି ସମର୍ଥନରେ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ହୋଇଥିବା ଏକନାଥ ସିନ୍ଦେଙ୍କ ବଡ଼ ବିଜୟ। ୮ ମାସ ତଳେ ଉଦ୍ଧବ ଠାକରେଙ୍କ ଠାରୁ ଅଲଗା ହୋଇଥିବା ସିନ୍ଦେ ଏବେ ପ୍ରକୃତ ଶିବସେନା ମାନ୍ୟତା ପାଇଛନ୍ତି। ଭାରତୀୟ ନିର୍ବାଚନ କମିଶନ ଆଜି ସିନ୍ଦେ ଗୋଷ୍ଠୀଙ୍କୁ ଶିବସେନା ନାଁରେ ନାମିତ କରିବା ସହ ଦଳୀୟ ଚିହ୍ନ ଧନୁ-ତୀର ପ୍ରଦାନ କରିଛନ୍ତି। ଏହାର ଅର୍ଥ ସିନ୍ଦେ ଗୋଷ୍ଠୀ ଏବେ ଶିବସେନାର ପୁରୁଣା ଚିହ୍ନରେ ନିର୍ବାଚନ ଲଢ଼ିବେ। ସିନ୍ଦେ ଗୋଷ୍ଠୀ ସହ ଅଧିକାଂଶ ସଦସ୍ୟ ରହିଥିବାରୁ ନିର୍ବାଚନ କମିଶନ ଏପରି ନିଷ୍ପତ୍ତି ନେଇଛନ୍ତି। ସିନ୍ଦେ ଆଣ୍ଡ କୋ ନିଜକୁ ପ୍ରକୃତ ଶିବସେନା କହିବା ସହ ଦଳର ନାଁ ଓ ନିର୍ବାଚନୀ ଚିହ୍ନ ଆଣିବାକୁ ଉଦ୍ୟମ ଜାରି ରଖିଥିଲେ। ଏବେ ଏହା ସଫଳ ହୋଇଛି। ବାଲା ସାହେବ ଠାକରେଙ୍କ ଦ୍ୱାରା ପ୍ରତିଷ୍ଠା ହୋଇଥିବା ଶିବସେନା ଉପରେ ତାଙ୍କ ପୁଅ ଉଦ୍ଧବ ଠାକରେ ହକ ଜାହିର କରିଥିଲେ। ବିଶେଷ କରି ୨୦୨୨ ଜୁନ ମାସରେ ସିନ୍ଦେ ଦଳର ୩୦ରୁ ଅଧିକ ବିଧାୟକଙ୍କୁ ନେଇ ବିଜେପିରେ ମିଶିଲା ପରେ ଶିବସେନା ଦୁଇ ଭାଗରେ ବିଭକ୍ତ ହୋଇ ଯାଇଥିଲା। ଉଦ୍ଧବ ଠାକରେ ଓ ଏକନାଥ ସିନ୍ଦେ ଉଭୟ ନିଜକୁ ବାଲାସାହେବ ଠାକରେଙ୍କ ଉତ୍ତରାଧିକାରୀ ଭାବେ ଦାବି କରିଥିଲେ। ଏଥିସହ ଦଳର ନାଁ ଓ ଚିହ୍ନ ଉପରେ ହକ ଦେଖାଇଥିଲେ।



ବିବାଦ ବଢ଼ିବାରୁ ଉଭୟ ଗୋଷ୍ଠୀ ନିର୍ବାଚନ କମିଶନଙ୍କ ପାଖରେ ପହଞ୍ଚିଥିଲେ। ୨୦୨୨ ଅକ୍ଟୋବର ମାସରେ ନିର୍ବାଚନ କମିଶନ ଶିବସେନାର ଦଳୀୟ ଚିହ୍ନ ଧନୁ ଓ ତୀରକୁ ଅଚଳ କରି ଦେଇଥିଲେ। ଏଥିସହ ଉଦ୍ଧବ ଓ ସିନ୍ଦେ ଗୋଷ୍ଠୀଙ୍କୁ ଭିନ୍ନଭିନ୍ନ ନାଁ ଏବଂ ଚିହ୍ନ ପ୍ରଦାନ କରିଥିଲେ। ସିନ୍ଦେ ଗୋଷ୍ଠୀର ନାଁ ରହିଥିଲା ବାଲାସାହେବଙ୍କ ଶିବସେନା। ଦଳର ଚିହ୍ନ ଦୁଇଟି ଖଣ୍ଡା ଓ ଭାଲା ରହିଥିଲା। ସେହିପରି ଉଦ୍ଧବ ଗୋଷ୍ଠୀର ନାଁ ଶିବସେନା ଉଦ୍ଧବ ବାଲାସାହେବ ଠାକରେ ରହିଥିଲା। ଦଳକୁ ମଶାଲ ଚିହ୍ନ ମିଳିଥିଲା। ଜାନୁଆରୀ ମାସରେ ନିର୍ବାଚନ କମିଶନ ଶିବସେନାର ଦଳୀୟ ଚିହ୍ନ ଧନୁ ଓ ତୀର କାହା ପାଖରେ ରହିବ, ସେନେଇ ଉଭୟ ପକ୍ଷର ଯୁକ୍ତି ଶୁଣିଥିଲେ। ଶୁକ୍ରବାର କମିଶନ ସିନ୍ଦେ ଗୋଷ୍ଠୀ ସପକ୍ଷରେ ଚୂଡ଼ାନ୍ତ ରାୟ ଦେଇଛନ୍ତି। ଏବେ ଶିବସେନା କହିଲେ ସିନ୍ଦେ ଗୋଷ୍ଠୀଙ୍କୁ ବୁଝାଇବ। ସେହିପରି ଦଳର ସଦସ୍ୟମାନା ଧନୁ ଓ ତୀର ବ୍ୟବହାର କରିପାରିବେ।

# ପ୍ରତିଦିନ ବିଦେଶୀ ଅର୍ଥର ତଥ୍ୟ ଦାଖଲ କରିବ ଷ୍ଟେଟ୍ ବ୍ୟାଙ୍କ

**ନୂଆଦିଲ୍ଲୀ :** ବିଦେଶରୁ ଆସୁଥିବା ପାଣ୍ଠିର ତଥ୍ୟ ସଂଗ୍ରହକୁ ସରକାର କଡ଼ାକଡ଼ି କରିଛନ୍ତି। ଷ୍ଟେଟ ବ୍ୟାଙ୍କକୁ ଗୃହ ମନ୍ତ୍ରାଳୟ ପକ୍ଷରୁ ଏଥିପାଇଁ କଡ଼ା ନିର୍ଦ୍ଦେଶ ଦିଆଯାଇଛି। ବିଦେଶରୁ ଭାରତୀୟମାନଙ୍କ ନିକଟକୁ ଅର୍ଥ ପଠାଉଥିବା ବ୍ୟକ୍ତିର ଉଦ୍ଦେଶ୍ୟ ସମେତ ଅନ୍ୟାନ୍ୟ ତଥ୍ୟ ଷ୍ଟେଟ ବ୍ୟାଙ୍କ ପ୍ରଦାନ କରିବ। ଭାରତୀୟ ରିଜର୍ଭ ବ୍ୟାଙ୍କ ଗୁରୁବାର ଏଥିପାଇଁ ଏଫସିଆରଏ (ବିଦେଶୀ ମୁଦ୍ରା ନିୟନ୍ତ୍ରଣ ଆଇନ) ସଂପର୍କିତ କାରବାର ପାଇଁ ଏନ୍‌ଇଏଫ୍ଟି ଏବଂ ଆର୍‌ଟିଜିଏସ୍ ବ୍ୟବସ୍ଥାରେ ଆବଶ୍ୟକ ପରିବର୍ତ୍ତନ କରିଛି। ଏଫ୍‌ସିଆରଏ ଅଧୀନରେ ବିଦେଶରୁ ଆସୁଥିବା ଅର୍ଥ ଭାରତୀୟ ଷ୍ଟେଟ ବ୍ୟାଙ୍କ, ନୂଆଦିଲ୍ଲୀ ମୁଖ୍ୟ ଶାଖାର ଏଫ୍‌ଆରଏ ଆକାଉଣ୍ଟରେ ଗ୍ରହଣ



ହେବ। ବିଦେଶୀ ବ୍ୟାଙ୍କରୁ ଏହି ଅର୍ଥ ସ୍ୱିଫ୍ଟ ମାଧ୍ୟମରେ କିମ୍ବା ଭାରତୀୟ ଶାଖାଗୁଡ଼ିକ ମାଧ୍ୟମରେ ଏନ୍‌ଇଏଫ୍ଟି ଓ ଆର୍‌ଟିଜିଏସ ଜରିଆରେ ଆସିଥାଏ। ରିଜର୍ଭ ବ୍ୟାଙ୍କ ପକ୍ଷରୁ ଜାରି ବିଜ୍ଞପ୍ତିରେ କୁହାଯାଇଛି, ଗୃହ ମନ୍ତ୍ରାଳୟର ଆବଶ୍ୟକତା ଅନୁସାରେ ଅର୍ଥ ପ୍ରଦାନ କରୁଥିବା ବ୍ୟକ୍ତିଙ୍କ ବିସ୍ତୃତ ତଥ୍ୟ ଯଥା ନାମ, ଠିକଣା, ଦେଶ, ପରିମାଣ, ମୁଦ୍ରା, ଅର୍ଥ ପଠାଇବାର ଉଦ୍ଦେଶ୍ୟ ଆଦି ଏଥିରେ ଉଲ୍ଲେଖ ରହିବ। ଭାରତୀୟ ଷ୍ଟେଟ ବ୍ୟାଙ୍କ ଉକ୍ତ ତଥ୍ୟ ଗୃହ ମନ୍ତ୍ରାଳୟକୁ ପ୍ରତିଦିନ ପ୍ରଦାନ କରିବାର ଆବଶ୍ୟକତା ରହିଛି। ଆସନ୍ତା ମାର୍ଚ୍ଚ ୧୫ ତାରିଖରୁ ଏହା କାର୍ଯ୍ୟକାରୀ ହେବ। ଏନ୍‌ଇଏଫ୍ଟି ଏବଂ ଆର୍‌ଟିଜିଏସ୍ ଜରିଆରେ ଭାରତୀୟ ଷ୍ଟେଟ ବ୍ୟାଙ୍କକୁ ବିଦେଶୀ ଅର୍ଥ ପଠାଉଥିବା ବ୍ୟାଙ୍କଗୁଡ଼ିକୁ ସେମାନଙ୍କ କୋର୍ ବ୍ୟାଙ୍କିଂ ଓ ଅନ୍ୟାନ୍ୟ ବ୍ୟବସ୍ଥାରେ ଆବଶ୍ୟକ ପରିବର୍ତ୍ତନ କରିବା ଲାଗି ରିଜର୍ଭ ବ୍ୟାଙ୍କ କହିଛି। ମୋଦୀ ସରକାରଙ୍କ ଅମଳରେ ଏଫ୍‌ସିଆର୍‌ଏ ସଂପର୍କିତ ନିୟମକୁ କଡ଼ାକଡ଼ି ପାଳନ କରାଯାଉଛି। ଆଇନ ଉଲ୍ଲଂଘନ କରିବା କାରଣରୁ ପାଖାପାଖି ୨ ହଜାର ଏନ୍‌ଜିଓଙ୍କ ଏଫ୍‌ସିଆରଏ ପଞ୍ଜୀକରଣକୁ ରଦ୍ଦ କରାଯାଇଛି।

# ବେଙ୍ଗାଲୁରୁ ବିଶ୍ୱର ଦ୍ୱିତୀୟ ଭିଡ଼ ସହର

**ବେଙ୍ଗାଲୁରୁ :** ୨୦୨୨ରେ ବିଶ୍ୱର ସବୁଠୁ ଅଧିକ ଭିଡ଼ ସହରଗୁଡ଼ିକ ମଧ୍ୟରେ ବେଙ୍ଗାଲୁରୁ ଦ୍ୱିତୀୟ ସ୍ଥାନରେ ରହିଛି। ଲଣ୍ଡନ ପ୍ରଥମ ସ୍ଥାନରେ ରହିଛି। ନେଦରଲାଣ୍ଡର ପ୍ରଯୁକ୍ତି ସଂସ୍ଥା ଟମ୍‌ଟମ୍ ପକ୍ଷରୁ ପ୍ରକାଶିତ ଟ୍ରାଫିକ୍ ସୂଚୀରୁ ଏହା ଜଣାଯାଇଛି। ବେଙ୍ଗାଲୁରୁବାସୀଙ୍କୁ ୧୦ କିଲୋମିଟର ଯିବାଲାଗି ହାରାହାରି ୨୯ ମିନିଟ ୧୦ ସେକେଣ୍ଡ୍ ଲାଗିଛି। କିନ୍ତୁ ଅନ୍ତର୍ଜାତୀୟ ସ୍ତରରେ ଲଣ୍ଡନର ଟ୍ରାଫିକ ସବୁଠୁ ଅସହ୍ୟ। ଏଠାରେ ୧୦ କିମି ଯିବା ଲାଗି ୩୬ ମିନିଟ ୨୦ ସେକେଣ୍ଡ ସମୟ ଲାଗୁଛି। ସିଟି ସେଣ୍ଟର ବର୍ଗରେ ବେଙ୍ଗାଲୁରୁ ପଛକୁ ଟ୍ରାଫିକ୍ ଭିଡ଼ କ୍ଷେତ୍ରରେ ଆୟର୍ଲ୍ୟାଣ୍ଡର ଡବଲିନ୍ ତୃତୀୟ, ଜାପାନର ସାପୁରୁ ଚତୁର୍ଥ, ଇଟାଲିର ମିଲନ ପଞ୍ଚମ ଏବଂ ମହାରାଷ୍ଟ୍ରର ପୁନେ ଷଷ୍ଠ ସ୍ଥାନରେ ରହିଛି। ଜଟିଳ ଟ୍ରାଫିକ ସମସ୍ୟା ଥିବା ଭାରତର ଅନ୍ୟ ସହରଗୁଡ଼ିକ ମଧ୍ୟରେ ଦିଲ୍ଲୀ ଏବଂ ମୁମ୍ବାଇ ରହିଛି। ଦିଲ୍ଲୀ ଉକ୍ତ ତାଲିକାର ୩୪ତମ ସ୍ଥାନରେ ଥିବାବେଳେ ମୁମ୍ବାଇ ୪୭ତମ ସ୍ଥାନରେ ରହିଛି। କିନ୍ତୁ ମେଟ୍ରୋ ଅଞ୍ଚଳ ବର୍ଗରେ ତାଲିକାରେ ଟିକେ ପାର୍ଥକ୍ୟ ରହିଛି। ବୋଗୋଟାରେ ଟ୍ରାଫିକ ସମସ୍ୟା ସବୁଠୁ ଅଧିକ ଥିବାବେଳେ ଏହା ପଛକୁ ମାନିଲା, ସାପୁରୁ, ଲିମା, ବେଙ୍ଗାଲୁରୁ, ମୁମ୍ବାଇ, ନାଗୋୟା, ପୁନେ, ଟୋକିଓ ଏବଂ ବୁକାରେଷ୍ଟ ରହିଛି। ମହାନଗର ଅଞ୍ଚଳ ମଧ୍ୟରେ ବେଙ୍ଗାଲୁରୁରେ ୧୦ କିମି ଯାତ୍ରା ପାଇଁ ହାରାହାରି ୨୩ ମିନିଟ ୪୦ ସେକେଣ୍ଡ ରହିଛି। ୨୦୨୦ରେ ଉକ୍ତ ତାଲିକାରେ ବେଙ୍ଗାଲୁରୁ ଷଷ୍ଠ ସ୍ଥାନରେ ଥିବାବେଳେ ୨୦୨୧ରେ ଦଶମ ସ୍ଥାନରେ ରହିଥିଲା। ଉଲ୍ଲେଖଯୋଗ୍ୟ, ସହରର ବ୍ୟସ୍ତବହୁଳ ସ୍ଥାନଠାରୁ ୫ କିମି ବ୍ୟାସାର୍ଦ୍ଧ ମଧ୍ୟରେ ଅଞ୍ଚଳକୁ ସିଟି ସେଣ୍ଟର କୁହାଯାଇଛି। ମେଟ୍ରୋ ଅଞ୍ଚଳ ଭାବେ ଉଭୟ ସହର ଏବଂ ତାହାର ପାର୍ଶ୍ୱବର୍ତ୍ତୀ ଗ୍ରାମାଞ୍ଚଳକୁ ବିଚାରକୁ ନିଆଯାଇଛି। ବେଙ୍ଗାଲୁରୁ ସିଟି ସେଣ୍ଟରରେ ଯାତାୟାତ ପାଇଁ ୨୦୨୨ରେ ସବୁଠୁ ଖରାପ ଦିନ ଅକ୍ଟୋବର ୧୫(ଶନିବାର) ଥିଲା। ସେହିଦିନ ଜଣେ ବ୍ୟକ୍ତିଙ୍କୁ ୧୦ କିମି ଯାତ୍ରା କରିବା ପାଇଁ ହାରାହାରି ୩୩ ମିନିଟ ୫୦ ସେକେଣ୍ଡ ଲାଗିଥିଲା। ଶୁକ୍ରବାରର ସନ୍ଧ୍ୟା ୬ଟାରୁ ୭ଟା ମଧ୍ୟରେ ଟ୍ରାଫିକ ଭିଡ଼ ସବୁଠୁ ଅଧିକ ରହିଛି। ୧୦ କିମି ପାଇଁ ହାରାହାରି ୩୭ ମିନିଟ ୨୦ ସେକେଣ୍ଡ ଲାଗିଛି।

# ଏଲ୍ଏସିକୁ ଯିବେ ଆଉ ୯,୪୦୦ ଯବାନ


**ନୂଆଦିଲ୍ଲୀ :** ସୀମା ସୁରକ୍ଷା ପାଇଁ ଭାରତ-ଚୀନ ସୀମା(ଏଲଏସି)ରେ ଆଉ ୯୪୦୦ ଯବାନଙ୍କୁ ମୁତୟନ କରାଯିବ। ଏଥିପାଇଁ ଅତିରିକ୍ତ ୭ଟି ବାଟାଲିୟନ ଗଠନ କରାଯିବା ସହିତ କ୍ଷେତ୍ରୀୟ ମୁଖ୍ୟାଳୟ ପ୍ରତିଷ୍ଠା କରାଯାଇ ସୀମା ସୁରକ୍ଷା ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରାଯିବ। ଏଥିସହିତ ସୀମାରେ ୪୭ଟି ନୂଆ ବର୍ଡର ପୋଷ୍ଟ(ବିଓପି) ଏବଂ ୧୨ଟି ଷ୍ଟେଜିଂ କ୍ୟାମ୍ପ ମଧ୍ୟ ପ୍ରତିଷ୍ଠା କରାଯିବ। ୭ ଅତିରିକ୍ତ ବାଟାଲିୟନର ୯୪୦୦ ଯବାନଙ୍କୁ ଏହିସବୁ ନୂଆ ପୋଷ୍ଟ ଏବଂ ଷ୍ଟେଜିଂ କ୍ୟାମ୍ପରେ ମୁତୟନ କରାଯିବ। ଏଲଏସି ସୁରକ୍ଷା ପାଇଁ ଅତିରିକ୍ତ ସେନାର ଆବଶ୍ୟକତା ପଡୁଥିବା ବେଳେ କେନ୍ଦ୍ର ସରକାର ଏହି ନିଷ୍ପତ୍ତି ନେଇଛନ୍ତି। ଏଥିପାଇଁ ବୁଧବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ୍ କମିଟି ବୈଠକରେ ପ୍ରସ୍ତାବକୁ ଅନୁମୋଦନ ଦିଆଯାଇଛି।୨୦୨୫-୨୬ ସୁଦ୍ଧା କ୍ଷେତ୍ରୀୟ ମୁଖ୍ୟାଳୟ ପ୍ରତିଷ୍ଠା ସହିତ ଏହି ୭ଟି



ଅତିରିକ୍ତ ବାଟାଲିୟନ ପ୍ରତିଷ୍ଠା କରାଯିବ। ଏହି ବାଟାଲିୟନ କାର୍ଯ୍ୟାଳୟ, ଆବାସିକ କୋଠା ଏବଂ ଅସ୍ତ୍ରଶସ୍ତ୍ର କ୍ରୟ ନିମନ୍ତେ ୧୮୦୦ କୋଟି ଟଙ୍କା ବ୍ୟୟ କରାଯିବ। ସେହିପରି ପ୍ରତିବର୍ଷ କର୍ମଚାରୀଙ୍କ ଦରମା ଏବଂ ଚଳନ୍ତି ଖର୍ଚ୍ଚ ପାଇଁ ୯୬୩ କୋଟି ଟଙ୍କା ବ୍ୟୟ କରାଯିବ। ଉଲ୍ଲେଖଯୋଗ୍ୟ ଯେ, ଚୀନ୍ ଆକ୍ରମଣ ପରେ ଭାରତ ଏବଂ ଚୀନ୍ ମଧ୍ୟରେ ରହିଥିବା ୩୪୮୮ କିମି ପରିବ୍ୟାପ୍ତ ଏଲଏସିରେ ଆଇଟିବିପି ସୁରକ୍ଷା ଯୋଗାଇ ଦେଇଆସୁଛି। ବର୍ତ୍ତମାନ ସୁଦ୍ଧା ଆଇଟିବିପିର ୯୦ ହଜାର ଯବାନ ସୀମା ସୁରକ୍ଷା ଦାୟିତ୍ୱରେ ରହିଛନ୍ତି। ତେବେ ଏଲଏସି ନିକଟରେ ଚୀନ୍ ସେନାର ବାରମ୍ବାର ହରକତକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ଆଇଟିବିପି ଯବାନଙ୍କ ସଂଖ୍ୟା ବୃଦ୍ଧି କରିବା ସହିତ ଆନୁଷଙ୍ଗିକ ସୁରକ୍ଷା ବ୍ୟବସ୍ଥା ସୁଦୃଢ଼ କରିବାକୁ ନିଷ୍ପତ୍ତି ନେଇଛନ୍ତି।ସୀମାନ୍ତ ଗ୍ରାମ ବିକାଶ ପାଇଁ ୪୮୦୦ କୋଟି ସୀମାନ୍ତ ଅଞ୍ଚଳରେ ରହିଥିବା ଗ୍ରାମଗୁଡିକର ବିକାଶ ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ 'ଭାଇବ୍ରାଣ୍ଟ ଭିଲେଜ୍ ପ୍ରୋଗ୍ରାମ' କାର୍ଯ୍ୟକାରୀ କରାଯାଉଛି। ବିଶେଷକରି ଦେଶର ଉତ୍ତର ଭାଗ ସୀମାନ୍ତରେ ରହିଥିବା ଗ୍ରାମାଞ୍ଚଳ ଲୋକଙ୍କ ଜୀବନଶୈଳୀରେ ଉନ୍ନତି ଆଣିବାକୁ ଏହି କାର୍ଯ୍ୟକ୍ରମରେ ଗୁରୁତ୍ୱ ଦିଆଯାଉଛି। ଏହିକ୍ରମରେ ତିନି ବର୍ଷ ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟକାରୀ କରିବାକୁ ୪୮୦୦ କୋଟି ଟଙ୍କା ମଞ୍ଜୁର କରାଯାଇଛି।

# ଭାରତର ଅଫେରନ୍ତା ସ୍ଥାନ

**ନୂଆଦିଲ୍ଲୀ :** କଥାରେ ଅଛି ଯାହା ନାହିଁ ଭାରତେ, ତାହା ନାହିଁ ମରତେ। ଆଜି ବି ଦୁନିଆରେ ଏପରି ରହସ୍ୟମୟ ଏବଂ ଅବିଶ୍ୱାସନୀୟ ସ୍ଥାନ ରହିଛି, ଯାହା ଏବେ ବି ବିଜ୍ଞାନ ଠାରୁ ବହୁ ଦୂରରେ। ଭାରତରେ ଏମିତି ଅନେକ ରହସ୍ୟମୟ ସତ୍ୟ ଲୁଚି ରହିଛି ଯାହାର ଅସ୍ତିତ୍ୱ ଏବଂ ସତ୍ୟତା ଆପଣଙ୍କୁ ବିଶ୍ୱାସ କରିବାକୁ ବାଧ୍ୟ କରିଦେବ। ଆମେ ଆପଣଙ୍କୁ ଏମିତି ଏକ ଭାରତର ରହସ୍ୟମୟ ଘାଟି ବିଷୟରେ କହିବୁ ଯାହା ଜାଣିଲେ ଆପଣ ମଧ୍ୟ ଆଶ୍ଚର୍ଯ୍ୟ ହେବେ। ଏମିତି ଏକ ଘାଟି ଅଛି ଯାହାକୁ କେବେ କେହି ଖୋଜି ପାଇ ନାହାଁନ୍ତି। ଯଦି କିଏ ଜାଣିବାକୁ ଚେଷ୍ଟା କରିଛି ସେ ସବୁଦିନ ପାଇଁ ହଜିଯାଇଛି। ଏକ ରିପୋର୍ଟ ଅନୁଯାୟୀ ଜଣିବାକୁ ମିଳିଛି କି ଏପରି ଏକ ଘାଟି ଅରୁଣାଚଳ ପ୍ରଦେଶ ଏବଂ ତିବ୍ବତ ମଧ୍ୟରେ ରହିଛି। ଏହି ସ୍ଥାନକୁ 'ଶାଂଗରୀ-ଲା ଘାଟି' ବୋଲି କୁହାଯାଏ। ଏହି ଘାଟିକୁ ବରମୁଡା ତ୍ରିଭୁଜ ପରି ଦୁନିଆର ସବୁଠାରୁ ରହସ୍ୟମୟ ସ୍ଥାନ ବୋଲି କୁହାଯାଏ। ବରମୁଡା ତ୍ରିଭୁଜ ହେଉଛି ଉତ୍ତର ଆଟଲାଣ୍ଟିକ୍ ମହାସାଗରର ଏକ ଅଂଶ, ଯେଉଁଠାରେ ଯାଉଥିବା ଜାହାଜ ଏବଂ ବିମାନ ଅଦୃଶ୍ୟ ହୋଇଯାଏ। କୁହାଯାଏ ଯେ,'ଶାଂଗରୀ-ଲା ଘାଟି'ର ଅନ୍ୟ ଜଗତ ସହିତ ସମ୍ପର୍କ ରହିଛି। ଆସାମର ସାହିତ୍ୟିକ ଅରୁଣ ଶର୍ମାଙ୍କ ପୁସ୍ତକ 'ତିବ୍ବତର ରହସ୍ୟମୟ ଉପତ୍ୟକା' ରେ ଏହା ଉଲ୍ଲେଖ କରାଯାଇଛି। ଯେଉଁମାନେ ଏହି ଉପତ୍ୟକା ବିଷୟରେ ଜାଣିଛନ୍ତି, ସେମାନେ କହିଛନ୍ତି ଯେ ଆଦି ଶଙ୍କରାଚାର୍ଯ୍ୟ ଆରମ୍ଭ କରିଥିବା ପ୍ରସିଦ୍ଧ ଯୋଗୀ "ଶ୍ୟାମ ଚରଣ ଲାହିରି"ର ଗୁରୁ "ମହାଭାରତ



ବାବା" ବର୍ତ୍ତମାନ ମଧ୍ୟ ଏହି ଉପତ୍ୟକାର କିଛି ସିଦ୍ଧ ଆଶ୍ରମରେ ବାସ କରୁଛନ୍ତି। ତିବ୍ବତୀୟ ଭାଷାରେ ଲିଖିତ 'କାଲ ବିଜ୍ଞାନ' ପୁସ୍ତକରୁ ମଧ୍ୟ ଏହି ବିଷୟରେ ଅଧିକ ଜାଣି ହେବ। ପୁସ୍ତକଟି ତିବ୍ବତର ତାୱାଙ୍ଗ ମଠର ଲାଇବ୍ରେରୀରେ ରଖାଯାଇଛି। ତିବ୍ବତୀୟ ପଣ୍ଡିତ ୟୁଟସଙ୍ଗ କହିଛନ୍ତି ଯେ ସେ ନିଜେ ଏହି ରହସ୍ୟମୟ ଉପତ୍ୟକାକୁ ଯାଇଛନ୍ତି। ତାଙ୍କ କହିବାନୁସାରେ, ସେଠାରେ ସୂର୍ଯ୍ୟ କିରଣ କିମ୍ବା ଚନ୍ଦ୍ର ନଥିଲା, ତଥାପି ଏକ ରହସ୍ୟମୟ ଆଲୋକ ଚାରିଆଡେ ବ୍ୟାପି ଥିଲା। ହେଲେ ଏ କଥା ଯେ କେତେ ସତ କେତେ ମିଛ ତାହା ଜଣାପଡି ନାହିଁ। ଏହି ଉପତ୍ୟକା ତନ୍ତ୍ର ଜ୍ଞାନ ଏବଂ ଧ୍ୟାନ ସହିତ ଜଡିତ ଲୋକଙ୍କ ମଧ୍ୟରେ ଭାରତ ସମେତ ସମଗ୍ର ବିଶ୍ୱରେ ପ୍ରସିଦ୍ଧ। ଏହି ଘାଟି ପୃଥିବୀର ଆଧାତ୍ମିକ କେନ୍ଦ୍ର ଭାବରେ ମଧ୍ୟ ଜଣାଶୁଣା। ଏଥି ସହିତ 'ଶାଂଗରୀ-ଲା ଘାଟି'କୁ ସିଦ୍ଧାଶ୍ରମ ମଧ୍ୟ କୁହାଯାଏ, ଯାହାକି ମହାଭାରତରୁ ବାଲ୍ମିକ ରାମାୟଣ ଏବଂ ବେଦ ପର୍ଯ୍ୟନ୍ତ ହିନ୍ଦୁ ଧାର୍ମିକ ଗ୍ରନ୍ଥରେ ଉଲ୍ଲେଖ କରାଯାଇଛି। ସୂଚନା ଅନୁଯାୟୀ, ଏହି ରହସ୍ୟମୟ ଘାଟି ଖୋଜିବା ପାଇଁ ଚୀନ୍ ସେନା ମଧ୍ୟ ବହୁ ଚେଷ୍ଟା କରିଥିଲା, କିନ୍ତୁ ସଫଳତା ପାଇ ନଥିଲା। ଅନେକ ରିପୋର୍ଟରେ କୁହାଯାଇଛି ଯେ ଯିଏ 'ଶାଂଗରୀ-ଲା ଘାଟି'ର ରହସ୍ୟ ଉନ୍ମୋଚନ କରିବାକୁ ଚେଷ୍ଟା କରିଛି, ସେ ଆଉ ଫେରିନାହିଁ। ଏହି ଉପତ୍ୟକା ପ୍ରକୃତରେ ବିଦ୍ୟମାନ ଅଛି କିମ୍ବା ଏହାର କେବଳ ଏକ କାହାଣୀ ତାହା ଜଣାପଡି ନାହିଁ।

# ବର୍ଷକ ସୁଦ୍ଧା ଆଉ ୪ ମେଡିକାଲ କଲେଜ ଓ ୫ହଜାର ଡାକ୍ତର ନିଯୁକ୍ତି : ସ୍ୱାସ୍ଥ୍ୟ ସଚିବ



**ଭୁବନେଶ୍ୱର:** ଆସନ୍ତା ବର୍ଷକ ମଧ୍ୟରେ ଆଉ ୪ଟି ନୂଆ ମେଡିକାଲ କଲେଜ ଓ ଅଧିକ ୫ହଜାର ନୂଆ ଡାକ୍ତରୀ ପଦବୀ ସୃଷ୍ଟି କରିବା ନିମନ୍ତେ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି । ଚଳିତ ଶିକ୍ଷାବର୍ଷରେ କଳାହାଣ୍ଡିରେ ମେଡିକାଲ କଲେଜକୁ କାର୍ଯ୍ୟକ୍ଷମ କରାଯିବାକୁ ପ୍ରାଥମିକତା ଦିଆଯାଉଛି ଓ ପରବର୍ତ୍ତୀ ସମୟରେ ତାଳଚେର, ଯାଜପୁର ଓ କନ୍ଧମାଳରେ ମେଡିକାଲ କଲେଜ ସ୍ଥାପନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯିବ ବୋଲି ରାଜ୍ୟ ସ୍ୱାସ୍ଥ୍ୟ ସଚିବ ଶାଳିନୀ ପଣ୍ଡିତ ସୂଚନା ଦେଇଛନ୍ତି । ସାମ୍ବାଦିକମାନଙ୍କୁ ସୂଚନା ଦେଇ ସ୍ୱାସ୍ଥ୍ୟ ସଚିବ ଶ୍ରୀମତୀ ପଣ୍ଡିତ କହିଥିଲେ ଯେ, ରାଜ୍ୟରେ ଡାକ୍ତର ଅଭାବ ସମସ୍ୟାକୁ ଖୁବଶୀଘ୍ର ଦୂର କରାଯିବ । ୯୦ ପ୍ରତିଶତ ଏମବିବିଏସ୍ ଡାକ୍ତରୀ ପଦବୀ ପୂରଣ କରାଯିବ । ଏବେ ୩ହଜାର ଡାକ୍ତର ପଦବୀ ପୂରଣ ନିମନ୍ତେ ଓଡ଼ିଶା ଲୋକସେବା ଆୟୋଗ(ଓପିଏସସି) ପ୍ରକ୍ରିୟା ଆରମ୍ଭ କରିଛନ୍ତି ଓ ସେପ୍ଟେମ୍ବର ସୁଦ୍ଧା ଏହି ଡାକ୍ତରମାନେ ନିଯୁକ୍ତି ପାଇଯିବେ । ଅର୍ଥ ବିଭାଗ ଇତିମଧ୍ୟରେ ଆଉ ୫ହଜାର ନୂଆ ଡାକ୍ତରୀ ପଦବୀ ସୃଷ୍ଟି ନିମନ୍ତେ ଅନୁମତି ଦେଇଛନ୍ତି ଓ ସେ ଦିଗରେ ଆବଶ୍ୟକ ପଦକ୍ଷେପ ନିଆଯାଉଛି ବୋଲି ଶ୍ରୀମତୀ ପଣ୍ଡିତ କହିଛନ୍ତି । ଏହାସହିତ ୨୦୨୪ ମସିହା ପ୍ରଥମାର୍ଦ୍ଧରେ କଟକସ୍ଥିତ ଏସସିବି ମେଡିକାଲ କଲେଜର ଆଧୁନିକୀକରଣ କାର୍ଯ୍ୟ ଶେଷ ହେବ । ବିଗତ କିଛିବର୍ଷ ମଧ୍ୟରେ ୭ଟି ନୂଆ ମେଡିକାଲ କାର୍ଯ୍ୟକ୍ଷମ ହୋଇସାରିଛି । ଆମ ହସ୍ପିଟାଲ କାର୍ଯ୍ୟକ୍ରମ ମାଧ୍ୟମରେ ୧୪୭ଟି ହସ୍ପିଟାଲର ଆଧୁନିକୀକରଣ କାର୍ଯ୍ୟ ପାଇଁ ୭୫୦କୋଟି ଟଙ୍କା ଆବଂଟନ ହୋଇଛି । ଅନୁଗୁଳ, ବଡ଼ବିଲ, ଝାରସୁଗୁଡ଼ା ଓ ଭଦ୍ରକଠାରେ ପିପିପି ମୋଡରେ ସୁପର ସ୍ପେଶାଲିଷ୍ଟ ହସ୍ପିଟାଲ କାର୍ଯ୍ୟକ୍ଷମ କରିବାକୁ ନିଷ୍ପତ୍ତି ହୋଇଛି । ଝାରସୁଗୁଡ଼ାଠାରେ ସ୍ୱତନ୍ତ୍ର କ୍ୟାନସର ଓ ହୃଦରୋଗ ହସ୍ପିଟାଲ ପିପିପି ମୋଡରେ ଆରମ୍ଭ ହେବାକୁ ଯାଉଛି । ଭୁବନେଶ୍ୱରରେ ୭୫୦ ବେଡ୍ ବିଶିଷ୍ଟ ଅତ୍ୟାଧୁନିକ କ୍ୟାନସର ହସ୍ପିଟାଲ ନିର୍ମାଣ ଚାଲିଛି । ଭୁବନେଶ୍ୱରର ନାଇଜର କ୍ୟାମ୍ପସରେ ଆଉ ୨୫୦ ବେଡ୍ ବିଶିଷ୍ଟ ବିଶ୍ୱସ୍ତରୀୟ କ୍ୟାନସର ହସ୍ପିଟାଲ ସ୍ଥାପନ ପ୍ରକ୍ରିୟା ମଧ୍ୟ ଆରମ୍ଭ ହୋଇଛି । ଭୁବନେଶ୍ୱରସ୍ଥିତ କ୍ୟାପିଟାଲ ହସ୍ପିଟାଲକୁ ପୋଷ୍ଟ ଗ୍ରାଜୁଏଟ ଇନଷ୍ଟିଚ୍ୟୁଟ୍ ଭାବେ ଉନ୍ନୀତ କରାଯାଇଛି । ଓଡ଼ିଶା ହେଲଥ ୟୁନିଭର୍ସିଟି ସ୍ଥାପନ କାର୍ଯ୍ୟ ଜାରି ରହିଛି । ବରିଷ୍ଠ ଅଧିକାରୀଙ୍କ ସମ୍ମିଳନୀରେ ସାର୍ବଜନୀନ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ନିମନ୍ତେ ଆମ ହସ୍ପିଟାଲ କାର୍ଯ୍ୟକ୍ରମ ଓ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଉପରେ ବିଶେଷ ଆଲୋଚନା ହୋଇଥିଲା । ଏପର୍ଯ୍ୟନ୍ତ ୯୬.୫ଲକ୍ଷ ପରିବାରକୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସାମିଲ କରାଯାଇଛି । ସେହିପରି ପୂର୍ଣ୍ଣ ଟୀକାକରଣ କାର୍ଯ୍ୟକ୍ରମରେ ଓଡ଼ିଶା ଦେଶରେ ପ୍ରଥମ ସ୍ଥାନରେ ରହିଛି । ସମଗ୍ର ଦେଶରେ ବାୟୁ ସ୍ୱାସ୍ଥ୍ୟ ସେବା ଯୋଗାଣ ଦିଗରେ ଓଡ଼ିଶା ପ୍ରଥମ ରାଜ୍ୟ । ଯକ୍ଷ୍ମା ନିରାକରଣ ଦିଗରେ ଓଡ଼ିଶା ସମଗ୍ର ଦେଶରେ ଦ୍ୱିତୀୟରେ ରହିଥିବାବେଳେ ମ୍ୟାଲେରିଆ ନିରାକରଣରେ ଓଡ଼ିଶା ମଡେଲକୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ମଧ୍ୟ ଏକ ବିଶ୍ୱସ୍ତରୀୟ ମଡେଲ ଭାବେ ସ୍ୱୀକୃତି ଦେଇଛି ବୋଲି ଶ୍ରୀମତୀ ପଣ୍ଡିତ କହିଥିଲେ । ଏହି ସାମ୍ବାଦିକ ସମ୍ମିଳନୀରେ ସ୍ୱାସ୍ଥ୍ୟମନ୍ତ୍ରୀ ନିରଞ୍ଜନ ପୂଜାରୀ ମଧ୍ୟ ଉପସ୍ଥିତ ଥିଲେ ।

# ସାଧାରଣ ଲୋକଙ୍କୁ ସାଇକେଲ ବାଣ୍ଟିବ ବିଏମ୍ସି



**ଭୁବନେଶ୍ୱର :** ଅଚଳ ହୋଇପଡ଼ିଥିବା ମୋ ସାଇକଲକୁ ଲୋକକୁ ବଣ୍ଟାଯିବ । ଭୁବନେଶ୍ୱର ମହାନଗର ନିଗମ(ବିଏମସି) ପକ୍ଷରୁ ଲୋକଙ୍କୁ ସାଇକଲ ବଣ୍ଟନ କରାଯାଉଛି । ଭୁବନେଶ୍ୱରରେ ଅଚଳ ହୋଇପଡ଼ିଥିବା ସାଇକଲ ବଣ୍ଟନ ନେଇ ବିଏମସି କମିଶନର ସୂଚନା ଦେଇଛନ୍ତି । ଅଚଳ ହୋଇପଡ଼ିଥିବା ସାଇକଲକୁ ସାଧାରଣ ଲୋକ ଓ ଛାତ୍ରଛାତ୍ରୀଙ୍କୁ ବଣ୍ଟନ କରାଯିବ । ଏଥିପାଇଁ 'ଏସଓପି' ପ୍ରସ୍ତୁତ ହେଉଛି, ସେହି ଅନୁସାରେ ସାଇକଲ ବଣ୍ଟନ କରାଯିବ । ବଣ୍ଟନ ପୂର୍ବରୁ ବନ୍ଦ ହୋଇ ପଡ଼ିଥିବା ସାଇକଲ ବିଏମସି ସଜାଡୁଛି ବୋଲି ବିଏମସି କମିଶନର ପ୍ରକାଶ କରିଛନ୍ତି । ୨୬ ନଭେମ୍ବର ୨୦୧୮ରେ ଭୁବନେଶ୍ୱରରେ ପବ୍ଲିକ୍ ବାଇସାଇକଲ୍ ସେୟାରିଂ(ପିବିଏସ୍) ଆରମ୍ଭ ହୋଇଥିଲା । ୟାନା ଓ ୟୁଲୁ କମ୍ପାନୀର ୫୦୦ ଲେଖାଏଁ ଏବଂ ହେକ୍ସିର ୧୦୦୦ ଏପରି ମୋଟ ୨ହଜାର ମୋ ସାଇକଲ କିଣିଥିଲା ସ୍ମାର୍ଟସିଟି । କ୍ୟାପିଟାଲ୍ ରିଜିଅନ୍ ଅର୍ବାନ୍ ଟ୍ରାନ୍ସପୋର୍ଟ (କ୍ରୁଟ୍)କୁ ମୋ ସାଇକଲ ପରିଚାଳନା ଦାୟିତ୍ୱ ଦିଆଯାଇଥିଲା । ଏହି ସାଇକଲ ମଧ୍ୟରୁ ଏବେ ୧୬ଶହ କାର୍ଯ୍ୟକାରୀ ଅବସ୍ଥାରେ ଥିବାବେଳେ ୪୦୦ ମରାମତି ହେଉଛି । ଶିଶୁଭବନ ଛକଠାରୁ ବାଣୀବିହାର ଏବଂ ପଟିଆ ଛକଠାରୁ ଇନ୍‌ଫୋସିଟି ଦେଇ କିଟ୍ ପର୍ଯ୍ୟନ୍ତ ସାଇକଲ ଟ୍ରାକ୍ର ଉନ୍ନତି ହୋଇଛି ବୋଲି ବିଏମ୍ସି ପକ୍ଷରୁ ସୂଚନା ଦିଆଯାଇଛି । ରାହାଗିରି ଏବଂ ପଥ ଉତ୍ସବ ନିମନ୍ତେ ପାଖାପାଖି ୪ଶହ ସାଇକଲ ବିଏମ୍ସି ହାତକୁ ଆସିଥିଲା । କିଛି ସଂସ୍ଥା ଏବଂ ବ୍ୟକ୍ତିବିଶେଷ ବିଏମ୍ସିକୁ ସାଇକଲ ଦେଇଥିଲେ । ହେଲେ ଏଗୁଡ଼ିକ ଏବେ ବିଏମ୍ସି ସଙ୍ଗାରେ ପଡ଼ିଛି । ବର୍ତ୍ତମାନ ଆଉ ପାଖାପାଖି ଦେଢ଼ ଶହ ସାଇକଲ ଥିଲେ ବି ଏଗୁଡ଼ିକ ଅଚଳ ଅବସ୍ଥାରେ ଅଛି । ମରାମତି କାମ ଚାଲିଛି ।

# ଦେବ୍ରିଗଡ଼କୁ ମିଳିଲା ବ୍ୟାଘ୍ର ପ୍ରକଳ୍ପ ମାନ୍ୟତା



**ଭୁବନେଶ୍ୱର :** ଦେବ୍ରିଗଡ଼କୁ ମିଳିଲା ବ୍ୟାଘ୍ର ପ୍ରକଳ୍ପ ମାନ୍ୟତା । ରାଜ୍ୟ ସରକାରଙ୍କ ପ୍ରସ୍ତାବକୁ ମଞ୍ଜୁରୀ ଦେଇଛି ଏନଟିସିଏ । ଏଭଳି ଘୋଷଣା ପରେ ୨ ମାସ ମଧ୍ୟରେ ଶେଷ ହେବ ସର୍ଭେ କାମ । ୮୦୪ ଦଶମିକ ୫୧ ବର୍ଗ କିଲୋମିଟର ଅଞ୍ଚଳ ପରିବ୍ୟାପ୍ତ ହେବ ପ୍ରକଳ୍ପ । ଶିମିଳିପାଳ ଓ ସାତକୋଶିଆ ପରେ ରାଜ୍ୟର ତୃତୀୟ ବ୍ୟାଘ୍ର ପ୍ରକଳ୍ପ ଭାବେ ଦେବ୍ରିଗଡ଼ ନାଁ ଘୋଷଣା କରାଯାଇଛି । ଏହାଦ୍ୱାରା ବାଘକୁ ମିଳିବ ନୂଆ ଠିକଣା । ବ୍ୟାଘ୍ର ପ୍ରକଳ୍ପ ପାଇଁ ଦେବ୍ରିଗଡ଼ର ୮ଟି ପରିବାର ଓ ଝାଗଡେ ବେହେରାର ୩୭ ପରିବାରକୁ ସୁରକ୍ଷିତ ଭାବେ ସ୍ଥାନାନ୍ତର କରାଯାଇଛି । ସୁରକ୍ଷା ଦୃଷ୍ଟିରୁ ମୋଟ ୪୫ଟି ପରିବାରକୁ ସ୍ଥାନାନ୍ତର କରାଯାଇଛି । ସୁନାବେଡା ଅଭୟାରଣ୍ୟ ଓ ଛତିଶଗଡ଼ର ଉଦନ୍ତି ସୀତାନଦୀକୁ ବ୍ୟାଘ୍ର ପ୍ରକଳ୍ପକୁ ସଂଯୋଗ କରୁଛି ଦେବ୍ରିଗଡ଼ ବ୍ୟାଘ୍ର ପ୍ରକଳ୍ପ । ସେହିପରି ସାତକୋଶିଆ ବ୍ୟାଘ୍ର ପ୍ରକଳ୍ପକୁ ମଧ୍ୟ ସଂଯୋଗ କରୁଛି ଦେବ୍ରିଗଡ଼ ।

# ଦେଶର ସବୁଠୁ ବଡ଼ ମଡେଲ ଜେଲ ହେବ ଜାମୁଝରି ଜେଲ



**ଭୁବନେଶ୍ୱର :** ଦେଶର ସବୁଠୁ ବଡ଼ ମଡେଲ ଜେଲ ହେବ ଜାମୁଝରି ଜେଲ । ରାଜଧାନୀ ଉପକଣ୍ଠ ଜାମୁଝରିକୁ ଝାରପଡ଼ା ଜେଲ ଉଠିଯିବା ପରେ ଏଥିରେ ଅଣାଯିବ ସଂସ୍କାର । ସହର ଭିତରେ ଥିବାରୁ ଏହାକୁ ଜାମୁଝରିକୁ ଉଠାଇ ନିଆଯିବ । ୫୦ ଏକର ପରିମିତ ଅଞ୍ଚଳରେ ହେବ ଭୁବନେଶ୍ୱର ମଡେଲ ଜେଲ । ଦେଶର ସବୁଠୁ ଅତ୍ୟାଧୁନିକ ଡିଜାଇନରେ ଜେଲ ହେବ ବୋଲି ନନ୍ଦିଘୋଷ ଟିଭିକୁ କହିଛନ୍ତି ଜେଲ ଡିଜି ମନୋଜ ଛାବ୍ରା । ନୂଆ ଜେଲରେ ବାୟୋମ୍ୟାଟ୍ରିକ ସିଷ୍ଟମ ରହିବା ସହ ୨ ବର୍ଷ ଭିତରେ ସରିବ ଅତ୍ୟାଧୁନିକ ଜେଲ କାମ । ଖୁବଶୀଘ୍ର ନିର୍ମାଣ କାମ ଆରମ୍ଭ କରିବ ପୋଲିସ ହାଉସିଂ କର୍ପୋରେସନ । ଜେଲ ଡିଜି ତିହାର ଜେଲ ପରିଦର୍ଶନ କରି ଆସିବ ପରେ ପ୍ଲାନିଂ କରାଯାଉଛି । ଏହି ଜେଲର ପ୍ଲାନ ଦେଉଥିବା ଆର୍କିଟେକ୍ଟ ୟୁଏସଏ ଗସ୍ତ କରିଛନ୍ତି । ଟ୍ରାନ୍ସଜେଣ୍ଡରଙ୍କ ପାଇଁ ସ୍ୱତନ୍ତ୍ର ସେଲ ଏବଂ ୱାର୍ଡର ହେବ ବ୍ୟବସ୍ଥା । ଓପନ ଜିମ୍, ଚିଲଡ୍ରେନ ପାର୍କ, ପ୍ଲେ ଗ୍ରାଉଣ୍ଡ ଜେଲ ପରିସରରେ ରହିବ । ଜେଲ ଭିତରେ ରହିବ ୧୨୦ ବେଡର ହସ୍ପିଟାଲ ଓ ପାଥୋଲୋଜି ସେଣ୍ଟର । ଜେଲ ଭିତରେ ଅନ୍ତେବାସୀଙ୍କ ପାଇଁ ସିନେମା, ଲାଇବ୍ରେରୀ ରହିବ । ଫୁଡ ପ୍ରୋସେସିଂ ସେଣ୍ଟର, ପୋଷାକ ତିଆରି ଫ୍ୟାକ୍ଟ୍ରି ରହିବ । ମିଲେଟ ସାଙ୍ଗକୁ ବେକରୀ ଫାକ୍ଟ୍ରି ମଧ୍ୟ କାମ କରିବ । ଜେଲ କ୍ୟାମ୍ପସକୁ ପ୍ରଦୂଷଣ ମୁକ୍ତ ରଖିବାକୁ ହେବ ଅଭିନବ ପ୍ରୟାସ । ୫ଟି ଅଧୀନରେ ଜେଲ ବିଭାଗରେ ହେଉଛି ଆମୂଳଚୂଳ ପରିବର୍ତ୍ତନ । ଜେଲକୁ କାଳକୋଠରୀ ନୁହେଁ, ବରଂ ସୁଧାର ଗୃହ କରିବାକୁ ପ୍ରୟାସ କରାଯାଉଛି ବୋଲି କହିଛନ୍ତି ଜେଲ ଡିଜି ମନୋଜ ଛାବ୍ରା ।

# ୧୦ ଲକ୍ଷରୁ ଊର୍ଦ୍ଧ୍ୱ ହେକ୍ଟର ଚାଷ ଜମି ବୀମାଭୁକ୍ତ



**ଭୁବନେଶ୍ୱର :** କେନ୍ଦ୍ର ସରକାରଙ୍କ ଘୋଷଣା, ରାଜ୍ୟ ସରକାରଙ୍କ ଚାପ ପରେ ବି ୨୦୨୧ ମସିହାର ପ୍ରଧାନମନ୍ତ୍ରୀ ଫସଲ ବୀମାର କ୍ଷତିପୂରଣର ୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବାକି ରହିଛି । କିନ୍ତୁ ୨୦୨୨ ମସିହାର ପ୍ରିମିୟମ ଟଙ୍କା ନେଇ ସାରିଛି ବୀମା କମ୍ପାନି । ରାଜ୍ୟ ସରକାର ତତ୍ପର ହୋଇ ପ୍ରିମିୟମ ବାବଦରେ ବାକି ଥିବା ୧୦୮ କୋଟି ଟଙ୍କା ଯଥାଶୀଘ୍ର ଦେବା ପାଇଁ ସମବାୟ ନିବନ୍ଧକ ସମବାୟ ବିଭାଗ ପ୍ରମୁଖ ଶାସନ ସଚିବଙ୍କୁ ଚିଠି କରିଛନ୍ତି । ସୂଚନା ଅନୁଯାୟୀ, ପ୍ରଧାନମନ୍ତ୍ରୀ ଫସଲ ବୀମା-୨୨ ଅନ୍ତର୍ଗତରେ ରାଜ୍ୟର ୧୦ ଲକ୍ଷ ୧୨ ହଜାର ୪୩୭ ହେକ୍ଟର ଚାଷ ଜମି ବୀମାଭୁକ୍ତ ହୋଇଛି । ଏହାର ସମୁଦାୟ ବୀମା ମୂଲ୍ୟ ହେଲା ୭୨୮୫ କୋଟି ଟଙ୍କା । ଏଥିପାଇଁ ଚାଷୀ ଏବଂ ଉଭୟ ରାଜ୍ୟ, କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରିମିୟମ ବାବଦରେ ବୀମା କମ୍ପାନିକୁ ୧୪୧୦ କୋଟି ଟଙ୍କା ଦିଆଯାଉଛି । ଏଥିରେ ଉଭୟ ଖରିଫ ଏବଂ ରବିରେ ୫୯ ଲକ୍ଷ ୨୦ ହଜାର ୨୧୪ ଋଣୀ ଏବଂ ୨୫ ଲକ୍ଷ ୬୧ ହଜାର ୧୪୨ ଅଣଋଣୀ ଚାଷୀ ରହିଛନ୍ତି । ସମୁଦାୟ ୧୪୪ କୋଟି ଟଙ୍କା ଦେଇଛନ୍ତି । ଉଭୟ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରତ୍ୟେକ ୬୩୫.୦୪ କୋଟି ଟଙ୍କା ଲେଖାଏ ପ୍ରିମିୟମ ବାବଦରେ ଦିଆଯାଇଛି । ଅନ୍ୟଦିଗରେ, ପ୍ରଧାନମନ୍ତ୍ରୀ ଫସଲ ବୀମା ବାବଦରେ କିଛି ବର୍ଷ ହେଲା କମ୍ପାନି ପକ୍ଷରୁ କ୍ଷତିପୂରଣ ଟଙ୍କା ପ୍ରଦାନରେ ଯେଉଁଭଳି ସମସ୍ୟା ସୃଷ୍ଟି କରାଯାଉଛି ଏଥିପାଇଁ ଚାଷୀଙ୍କୁ ପ୍ରତି ବର୍ଷ ରାଜରାସ୍ତାକୁ ଓହ୍ଲାଇବାକୁ ପଡୁଛି । ଅଭିଯୋଗ ଅନୁସାରେ, ଗତ ବର୍ଷ ସମୁଦାୟ ପଞ୍ଜୀକୃତ ଚାଷୀଙ୍କ ମଧ୍ୟରୁ କେବଳ ୩୦ ପ୍ରତିଶତ ହିଁ ବୀମା ଟଙ୍କା ପାଇବାରେ ଯୋଗ୍ୟ ବିବେଚିତ ହୋଇଥିଲେ । ଅର୍ଥାତ ୨୦୨୧ ମସିହାରେ ୨୦ ଲକ୍ଷ ୫୬ ହଜାର ୮୮୨ ଚାଷୀଙ୍କୁ ୧୩୬୩.୨୬ କୋଟି ଟଙ୍କା ପ୍ରଦାନ କରାଯିବାର ଥିଲା । ପ୍ରିମିୟମ ବାବଦରେ ଚାଷୀଙ୍କ ସହିତ ରାଜ୍ୟ ଏବଂ କେନ୍ଦ୍ର ସରକାର ଆବଶ୍ୟକ ଟଙ୍କା ଦେଇଥିଲେ । ମାତ୍ର ଫେବୃଆରିରେ ଦିଆଯିବାକୁ ଥିବା ଟଙ୍କା ଜୁଲାଇ ମାସରେ ଦିଆଯିବା ଆରମ୍ଭ ହେଲା । ତାହା ମଧ୍ୟ ସମ୍ପୂର୍ଣ୍ଣ ଟଙ୍କା ଦିଆନଯାଇ ଟଙ୍କା ବାକି ରଖି ଦିଆଗଲା । ଅନେକ ମାସ ଧରି ଟଙ୍କା ନଦେବାରୁ ରାଜ୍ୟ, କେନ୍ଦ୍ର ସରକାରଙ୍କ ପ୍ରତିନିଧି ଦଳଙ୍କ ସହିତ ସାଂସଦମାନେ ବାରମ୍ବାର ବୀମା କମ୍ପାନି ଉପରେ ଚାପ ପ୍ରୟୋଗ କରି ବିଫଳ ହୋଇଥିଲେ । ପଦ୍ମପୁର ନିର୍ବାଚନରେ ଏହା ବଡ଼ ପ୍ରସଙ୍ଗ ହୋଇଥିଲା । ଡିସେମ୍ବର ମାସରେ ବକେୟା ଟଙ୍କା ଦିଆଯାଇଥିଲା । ତାହାବି ସମ୍ପୂର୍ଣ୍ଣ ଦିଆଯାଇ ପାରି ନାହିଁ ।

# ଏସ୍‌ଏଚ୍‌ଜିଙ୍କ ପାଇଁ ପ୍ରତି ଜିଲ୍ଲାରେ ହେବ ଶିଳ୍ପ ପାର୍କ



**ଭୁବନେଶ୍ୱର :** ଏସଏଚଜି ହେବ ଏସଏମଇ । ଆଗାମୀ ୩ବର୍ଷରେ ୫୦ହଜାର ଏସଏଚଜିକୁ ଏସଏମଇରେ ପରିଣତ କରାଯିବ ବୋଲି ମିଶନ ଶକ୍ତି ସଚିବ ସୁଜାତା ଆର. କାର୍ତ୍ତିକେୟନ ସୂଚନା ଦେଇଛନ୍ତି । ଜିଲ୍ଲାପାଳ ସମ୍ମିଳନୀରେ ଆସନ୍ତା ଦୁଇ ତିନି ବର୍ଷରେ ମିଶନ ଶକ୍ତିର ଭିଜନ ନେଇ ଆଲୋଚନା ହୋଇଛି । ଏବେସୁଦ୍ଧା ୭୦ଲକ୍ଷ ମହିଳାଙ୍କ ଦ୍ୱାରା ୬ଲକ୍ଷ ଗ୍ରୁପ୍ ହୋଇସାରିଛି । ଆସନ୍ତା ୩ବର୍ଷ ଭିତରେ ପ୍ରତି ଜିଲ୍ଲାରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ପାଇଁ ଶିଳ୍ପ ପାର୍କ ହେବ । ଚଳିତ ଆର୍ଥିକ ବର୍ଷରେ ଗୋଟିଏ ଦୁଇଟି ଜିଲ୍ଲାରେ ଇଣ୍ଡଷ୍ଟ୍ରିଆଲ୍ ପାର୍କ ପାଇଁ ଜମି ଚିହ୍ନଟ କରାଯିବ । ରାଜ୍ୟସ୍ତରରେ ମହିଳାଙ୍କୁ ନେଇ ଇଣ୍ଡଷ୍ଟ୍ରିଆଲ୍ ପାର୍କ କରିଥିବା ଟେକ୍ନିକାଲ ପାର୍ଟନରଙ୍କୁ ଏଥିରେ ନିୟୋଜିତ କରାଯିବ । ଫ୍ଲାଏ ଆସ ଇଟା ପ୍ରସ୍ତୁତ କରୁଥିବା କୋରାପୁଟ ବୋରିଗୁମ୍ମାର ଏସଏଚଜିକୁ ପ୍ରଶଂସା କରିଛନ୍ତି ମିଶନ ଶକ୍ତି ସଚିବ । ଗ୍ରୁପର ଟର୍ଣ୍ଣ ଓଭର ୫କୋଟିରୁ ଅଧିକ ହୋଇଛି । ସେଠାରେ ଇଣ୍ଡଷ୍ଟ୍ରିଆଲ୍ ପାର୍କ ହୋଇସାରିଛି । ସବୁ ଫାଇଭ୍-ଟି ସ୍କୁଲର ତଦାରଖ, ରକ୍ଷଣାବେକ୍ଷଣ ଦାୟିତ୍ୱ ଏସଏଚଜିକୁ ହସ୍ତାନ୍ତର କରାଯାଉଛି । ଜଙ୍ଗଲ ବିଭାଗରେ ଏସଏଚଜିର ସହଭାଗିତାକୁ ଫୋକସ୍ କରାଯାଉଛି । ବିଶେଷ କରି କୋରାପୁଟ, କେନ୍ଦ୍ରାପଡ଼ାରେ ବହୁତ ଭଲ କାମ ହୋଇଛି । ୭୦ ଲକ୍ଷ ମହିଳା କେମିତି ପରିଚୟ ପାଇବେ ସେନେଇ ଗୁରୁତ୍ୱ ଦିଆଯାଉଥିବା ମିଶନ ଶକ୍ତି ସଚିବ କହିଛନ୍ତି ।

# ରାଜ୍ୟରେ ନୂଆ କୁଷ୍ଠ ଆକ୍ରାନ୍ତଙ୍କ ସଂଖ୍ୟା ହ୍ରାସ




**କଟକ :** ରାଜ୍ୟରେ ନୂଆ କୁଷ୍ଠ ରୋଗ ଆକ୍ରାନ୍ତଙ୍କ ସଂଖ୍ୟା ହ୍ରାସ ପାଉଛି । ୨୦୧୯-୨୦ ବର୍ଷରେ ୧୦୦୭୭ କୁଷ୍ଠ ଆକ୍ରାନ୍ତ ଚିହ୍ନଟ ହୋଇଥିଲେ । ୨୦୨୦-୨୧ରେ ଏହି ସଂଖ୍ୟା ୬୧୪୮ ଓ ୨୦୨୧-୨୨ରେ ୫୭୨୯ ଥିଲା । ସେହିପରି ଏହି ଅବଧିରେ ରୋଗ ପ୍ରସାର ହାର ମଧ୍ୟ ପ୍ରତି ୧୦ହଜାର ଜନସଂଖ୍ୟାରେ ୧.୪୫ରୁ ୦.୮୯କୁ ହ୍ରାସ ପାଇଛି । ରାଜ୍ୟ ସରକାରଙ୍କ ତରଫରୁ କୁଷ୍ଠ ନରାକରଣ ସଂପର୍କିତ ମାମଲାରେ ଦାଖଲ ସତ୍ୟପାଠରେ ଏଭଳି ତଥ୍ୟ ଉଲ୍ଲେଖ କରାଯାଇଛି । ୨୦୨୩, ଜାନୁଆରି ୪ର ମନିଟରିଂ କମିଟି ବୈଠକର ବିବରଣୀ ସରକାରଙ୍କ ପକ୍ଷରୁ ମଧ୍ୟ ଦାଖଲ କରାଯାଇଛି । ରାଜ୍ୟ ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ସଚିବ, ସ୍ୱାସ୍ଥ୍ୟ ଓ ବରିବାର କଲ୍ୟାଣ ବିଭାଗ ସଚିବ, କମିଟି ସଦସ୍ୟ ଓ ଦୁଇ ବିଭାଗର ଅଧିକାରୀଙ୍କୁ ନେଇ ଅନୁଷ୍ଠିତ ବୈଠକରେ ବିଭିନ୍ନ ପଦକ୍ଷେପ ସଂକ୍ରାନ୍ତରେ ତଥ୍ୟ ଉପସ୍ଥାପନ କରାଯାଇଥିବା ଦର୍ଶାଯାଇଥିଲା । ଜାତୀୟ ସ୍ୱାସ୍ଥ୍ୟ ମିଶନ କାର୍ଯ୍ୟକାରୀ ହେବା ପରେ କୁଷ୍ଠ ସମେତ ଅନ୍ୟାନ୍ୟ ରୋଗର ଚିହ୍ନଟ ଓ ଚିକିତ୍ସା ପାଇଁ ସମସ୍ତ ପାରାମେଡିକାଲ କର୍ମଚାରୀ ପ୍ରଶିକ୍ଷଣ ହାସଲ କରିଛନ୍ତି । ରାଜ୍ୟରେ ୩୨୧୮ଜଣ ପୁରୁଷ (ମଲ୍ଟିପରପୋଜ ହେଲ୍ଥ ୱାର୍କର) ସ୍ୱାସ୍ଥ୍ୟ କର୍ମୀ, ୭୨୨୪ଜଣ ମହିଳା ସ୍ୱାସ୍ଥ୍ୟ କର୍ମୀ, ୪୮୦୧୧ଜଣ ଆଶାକର୍ମୀ, ୪୯୯୧ଜଣ ଡାକ୍ତର (ଏମବିବିଏସ), ୪୦୦୯ଜଣ ସିଏଚଓ, ୧୩୮୫ଜଣ ଆୟୁଷ ମେଡିକାଲ ଅଫିସର ଓ ୯୮ଜଣ ଫିଜିଓଥେରାପିଷ୍ଟ ଏହି କାର୍ଯ୍ୟ ପାଇଁ ପ୍ରଶିକ୍ଷଣ ଲାଭ କରିଛନ୍ତି । ସେହିପରି ୭ଜଣ ପ୍ରଶିକ୍ଷଣ ହାସଲ କରିଥିବା ସର୍ଜନଙ୍କୁ ୧୨ଟି କୁଷ୍ଠ ଚିକିତ୍ସାଳୟରେ ନିୟୋଜିତ କରାଯାଇଛି । ବର୍ତ୍ତମାନ ରହିଥିବା କୁଷ୍ଠ ଆକ୍ରାନ୍ତଙ୍କ ମଧ୍ୟରୁ ୯୮ ପ୍ରତିଶତଙ୍କ କୌଣସି ଶାରୀରିକ ବିକୃତି/ଘାଆ ନାହିଁ ଓ ସୋମନଙ୍କୁ ୬ ମାସିଆ ମଲ୍ଟି ଡ୍ରଗ ଥେରାପି ସ୍ୱାସ୍ଥ୍ୟକର୍ମୀ ଓ ସିଏଚଓଙ୍କ ଦ୍ୱାରା ପ୍ରଦାନ କରାଯାଉଛି । ଅବଶିଷ୍ଟ ୨ ପ୍ରତିଶତଙ୍କର ଆବଶ୍ୟକ ଯତ୍ନ, ଚିକିତ୍ସା, ଫିଜିଓଥେରାପି ପ୍ରାୟତଃ ଘରେ କରାଯାଉଛି । ମେଡିକାଲ ଅଫିସର, ସ୍ୱାସ୍ଥ୍ୟ କର୍ମୀ, ଡ୍ରେସର ନିୟମିତ ଭାବେ କୁଷ୍ଠ କଲୋନି ଗୁଡ଼ିକୁ ସପ୍ତାହରେ ଥରେ ଯାଇ ରୋଗୀଙ୍କ ଚିକିତ୍ସା କରିବା ସହିତ ଆରୋଗ୍ୟ ଲାଭ କରିଥିବା ବ୍ୟକ୍ତିଙ୍କ ସମସ୍ୟା କଥା ବୁଝୁଛନ୍ତି । ଏବେ ସୁଦ୍ଧା କଲୋନିକୁ ଏପରି ୧୦୧୨ଟି ଗସ୍ତ କରାଯାଇଛି, ୩୦୮୭ଟି କିଟ ବଣ୍ଟନ କରାଯିବା ସହିତ ୧୩୭୬ଟି ଏମସିଆର ଜେତା ପ୍ରଦାନ କରାଯାଇଛି ବୋଲି ସରକାରଙ୍କ ତରଫରୁ ଦର୍ଶାଯାଇଛି । ଏହି ସତ୍ୟପାଠକୁ ଅନୁଧ୍ୟାନ କରି ଜବାବ ଦାଖଲ କରିବାକୁ ଆମିକସ କ୍ୟୁରୀଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ମୁଖ୍ୟ ବିଚାରପତି ଡକ୍ଟର ଜଷ୍ଟିସ ଏସ.ମୁରଲୀଧର ଓ ଜଷ୍ଟିସ ଏମ.ଏସ.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ବିପିନ ବିହାରୀ ପ୍ରଧାନଙ୍କ ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ଦେଇଛନ୍ତି । ମାର୍ଚ୍ଚ ୨୦କୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରାଯାଇଛି । ଆମିକସ୍ କ୍ୟୁରୀ ବରିଷ୍ଠ ଆଇନଜୀବୀ ଗୌତମ ମିଶ୍ର, ବିଭୁ ପ୍ରସାଦ ତ୍ରିପାଠୀ ଓ ପି.ରଥ ମାମଲା ପରିଚାଳନା କରୁଛନ୍ତି ।

# ଚାଷୀମାନଙ୍କ ଯୋଗୁ ପାଣି ପଞ୍ଚାୟତ ଆଜି ଆନ୍ଦୋଳନରେ ପରିଣତ ହୋଇଛି : ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର :** ରାଜ୍ୟସ୍ତରୀୟ ପାଣି ପଞ୍ଚାୟତ ପକ୍ଷ-୨୦୨୩ ଉଦଯାପନ ସମାରୋହ ଲୋକସେବା ଭବନ, କନଭେନସନ ସେଣ୍ଟର ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ଉଦଯାପନୀ ସମାରୋହରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଛନ୍ତି ଯେ ପାଣି ପଞ୍ଚାୟତ ଆଜି ଏକ ଆନ୍ଦୋଳନରେ ପରିଣତ ହୋଇଛି । ଚାଷୀ ଭାଇ ଭଉଣୀ ମାନଙ୍କ ଭାଗିଦାରୀ, ନିଷ୍ଠା ଓ ସହଯୋଗ ଯୋଗୁ ଏହା ସମ୍ଭବ ହୋଇପାରିଛି । ମାତ୍ର ୭୦୦ ପାଣି ପଞ୍ଚାୟତରୁ ଆରମ୍ଭ କରି ଆଜି ରାଜ୍ୟରେ ୩୭ ହଜାର ପାଣି ପଞ୍ଚାୟତ କାର୍ଯ୍ୟ କରୁଛି । ସେହିପରି ୩.୩୨ ଲକ୍ଷ ହେକ୍ଟର ଜମିରେ ଆରମ୍ଭ ହୋଇଥିବା ଏହି ପାଣି ପଞ୍ଚାୟତ ୨୩.୪୬ ଲକ୍ଷ ହେକ୍ଟର ଜମିରେ ପାଣିର ସୁବିଧା ଦେଇପାରୁଛି । ଏହା ବାସ୍ତବରେ ବହୁତ ବଡ଼ ସଫଳତା ଅଟେ ବୋଲି ରାଜ୍ୟସ୍ତରୀୟ ପାଣି ପଞ୍ଚାୟତ ପକ୍ଷ-୨୦୨୩ ଉଦଯାପନ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି । ଚାଷୀ ଭାଇ ଭଉଣୀ ମାନଙ୍କ ଭାଗିଦାରୀ, ନିଷ୍ଠା ଓ ସହଯୋଗ ଯୋଗୁଁ ପାଣି ପଞ୍ଚାୟତ ଆଜି ଏକ ଆନ୍ଦୋଳନରେ ପରିଣତ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ ମତବ୍ୟକ୍ତ କରିଛନ୍ତି । ଲୋକସେବା ଭବନର ସମ୍ମିଳନୀ କକ୍ଷରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଲେ ଯେ ଜଳ ଅମୂଲ୍ୟ ଅଟେ । ଜଳବାୟୁ ପରିବର୍ତ୍ତନର ପ୍ରଥମ ପ୍ରଭାବ ପାଣି ଉପରେ ଓ ଚାଷ ଉପରେ ପଡ଼ିବ । ତେଣୁ ଜଳ ନଷ୍ଟ ନ କରି, ତାର ସୁବିନିଯୋଗ ଓ ସୁଷମ ବଣ୍ଟନ କରିବା ପାଇଁ ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ । ସେ କହିଥିଲେ ଯେ ଜଳର ସଂରକ୍ଷଣ, ପୁନଃବ୍ୟବହାର ଏବଂ ପୁନଃଚକ୍ରଣ ଆମର ଲକ୍ଷ୍ୟ ହେବା ଦରକାର । ବର୍ତ୍ତମାନ ବିଭିନ୍ନ ପ୍ରମୁଖ, ମଧ୍ୟମ, କ୍ଷୁଦ୍ର ଓ ଉଠା ଜଳସେଚନ ପ୍ରକଳ୍ପ ଅଞ୍ଚଳରେ ପାଣି ପଞ୍ଚାୟତ କାର୍ଯ୍ୟକାରୀ କରାଯାଉଛି । ଆଗାମୀ ଦିନରେ ବୃହତ ଉଠାଜଳସେଚନ ପ୍ରକଳ୍ପ ଅଞ୍ଚଳରେ ମଧ୍ୟ ପାଣି ପଞ୍ଚାୟତ କାର୍ଯ୍ୟକାରୀ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ମତବ୍ୟକ୍ତ କରିଛନ୍ତି । କାର୍ଯ୍ୟକ୍ରମରେ ଜଳ ସମ୍ପଦ ବିଭାଗ ମନ୍ତ୍ରୀ ଟୁକୁନି ସାହୁ କହିଲେ ଯେ ଆଗାମୀ ଶହେ ବର୍ଷ ପର୍ଯ୍ୟନ୍ତ ଦୂରଦୃଷ୍ଟି ରଖି ମୁଖ୍ୟମନ୍ତ୍ରୀ କାମ କରୁଛନ୍ତି । ଏଥିପାଇଁ ଜଳ ଭଳି ଅମୂଲ୍ୟ ସଂପଦ ଉପରେ ଗୁରୁତ୍ୱ ଦେଇ ସେ ପାଣି ପଞ୍ଚାୟତ ଯୋଜନାକୁ କାର୍ଯ୍ୟକାରୀ କରୁଛନ୍ତି । କୋଭିଡ ପାଇଁ ଗତ କିଛି ବର୍ଷ ଧରି ପାଣି ପଞ୍ଚାୟତ ପକ୍ଷ ପାଳନ ବନ୍ଦ ରହିଥିଲା । ଚଳିତ ବର୍ଷ ଏହି ପକ୍ଷ ପାଳନ ସମ୍ପୃକ୍ତ ପାଣି ପଞ୍ଚାୟତ ଓ ଅନ୍ୟାନ୍ୟ ହିତାଧିକାରୀଙ୍କୁ ନେଇ ତୃଣମୂଳ ସ୍ତରରେ ଜଳ ବଣ୍ଟନରେ ସମାନତା ଆଣିବା ଉଦ୍ଦେଶ୍ୟରେ ଅତି ଉତ୍ସାହ ଓ ଉଦ୍ଦୀପନା ମଧ୍ୟରେ ପାଳନ କରାଯାଇଛି । ଏହିଅବସରରେ ସେ ଅସମ୍ପୂର୍ଣ୍ଣ ଥିବା ବହୁ ପ୍ରକଳ୍ପ ଗୁଡିକ ସମ୍ପୂର୍ଣ୍ଣ ହେବା ପରେ ପାଣି ପଞ୍ଚାୟତମାନେ ଏହାର ସୁଯୋଗ ନେବାକୁ ପରାମର୍ଶ ଦେଇଥିଲେ । ସୂଚନାଯୋଗ୍ୟ ଯେ କୋଭିଡ ପରବର୍ତ୍ତୀ ସମୟରେ ଏହି ପାଣି ପଞ୍ଚାୟତ ପକ୍ଷ ୧୧୭ଟି ଜଳସେଚନ ବିଭାଜନରେ ଏବଂ ୩୦ଟି ଜିଲ୍ଲାରେ ସହଭାଗୀ ସେଚ ପରିଚାଳନାରେ ସମ୍ପୃକ୍ତ ପାଣି ପଞ୍ଚାୟତ ଓ ଅନ୍ୟାନ୍ୟ ହିତାଧିକାରୀମାନଙ୍କୁ ନେଇ ଏହା ଅତି ଉତ୍ସାହ ଓ ଉଦ୍ଦୀପନାର ସହିତ ପାଳିତ ହୋଇଯାଇଛି । ରାଜ୍ୟରେ ପାଣି ପଞ୍ଚାୟତର ପ୍ରଗତି ଯାତ୍ରାରେ ସେଚ ସହଭାଗିତା, ସେଚ ସହଭାଗିତା ପ୍ରଶିକ୍ଷଣ ସମ୍ବନ୍ଧୀୟ ପୁସ୍ତିକା "ସିଞ୍ଚିତା", ଇ-କାଡ୍ ଅଧୀନରେ ଇନଫ୍ରା ଏବଂ ଏମଆଇଏସ ମଡ୍ୟୁଲ୍ ପରି ଆପ୍ଲିକେସନକୁ ମୁଖ୍ୟମନ୍ତ୍ରୀ ଶୁଭାରମ୍ଭ କରିଥିଲେ । ଏହି ମଡ୍ୟୁଲ ପ୍ରକଳ୍ପଗୁଡିକର ବାସ୍ତବ ଓ ଆର୍ଥିକ ପ୍ରଗତିର ସଠିକ ସମୟରେ ପର୍ଯ୍ୟାଲୋଚନା ପାଇଁ ଉପଯୋଗୀ ସାବ୍ୟସ୍ତ ହେବ । ଆଜିର ଏହି ସମାରୋହରେ ବିଭିନ୍ନ ପ୍ରକଳ୍ପର ୪୦ ଗୋଟି ଶ୍ରେଷ୍ଠ ପାଣି ପଞ୍ଚାୟତ (ବୃହତ, ମଧ୍ୟମ, କ୍ଷୁଦ୍ର ଓ ଉଠାଜଳସେଚନ), ୩୦ ଜଣ ପ୍ରଗତିଶୀଳ କୃଷକ ଏବଂ ବିଭିନ୍ନ ପ୍ରତିଯୋଗିତାର ୧୨ ଜଣ ବିଜେତା ତଥା ୧୨ ଟି ଶ୍ରେଷ୍ଠ ପ୍ରକଳ୍ପ ଏବଂ ୧୫ ଜଣ ଶ୍ରେଷ୍ଠ ଅଧିକାରୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା । କାର୍ଯ୍ୟକ୍ରମରେ ପୁରୀ ଜିଲ୍ଲା ବ୍ରହ୍ମଗିରି ମା ଜାଗୁଳାଇ ପାଣି ପଞ୍ଚାୟତର ଗୀତାରାଣୀ ସାହୁ ଓ ଯାଜପୁର ବଡଚଣାର ମା ବ୍ରାହ୍ମଣୀଦେବୀ ପାଣି ପଞ୍ଚାୟତର ନଳିନୀକାନ୍ତ ପୃଷ୍ଟି ସେମାନଙ୍କର ଅଭିଜ୍ଞତା ବର୍ଣ୍ଣନା କରି ପାଣି ପଞ୍ଚାୟତ ଜରିଆରେ ସେମାନେ କିପରି ସଫଳ ଜଳ ପରିଚାଳନା କରି ଚାଷରେ ଉନ୍ନତି ଆଣିପାରିଛନ୍ତି ସେ ବିଷୟରେ ପ୍ରକାଶ କରିଥିଲେ । ସ୍ୱାଗତ ଭାଷଣ ଦେଇ ଜଳସମ୍ପଦ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ମେଗାଲିଫ୍ଟ ପ୍ରକଳ୍ପଗୁଡ଼ିକରେ ପାଣି ପଞ୍ଚାୟତ ଗଠନ କରିବା ପାଇଁ ପାଣି ପଞ୍ଚାୟତ ନିୟମରେ ସଂଶୋଧନ କରାଯିବା ସହିତ ୫-ଟି ମାଧ୍ୟମରେ ଅନେକ ସଂସ୍କାରମୂଳକ ପଦକ୍ଷେପ ନିଆଯାଇଥିବା ପ୍ରକାଶ କରିଥିଲେ । ମୁଖ୍ୟଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ଜଳସଂପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଧନ୍ୟବାଦ ଅର୍ପଣ କରିଥିଲେ ।



ସୁଖ ପାଖରେ ଜ୍ଞାନ ନଥାଏ। ଯିଏ ଜ୍ଞାନୀ ସେ ସୁଖ ପଛରେ ଗୋଡ଼ାଏ ନାହିଁ।

ଏକମାତ୍ର
EKAMAATRA
ଅନୁସନ୍ଧାନ ପରେ ଖବର



ନାଗେନ୍ଦ୍ରହାରାୟ ତ୍ରିଲୋଚନାୟ,
ଭସ୍ମାଙ୍ଗରାଗାୟ ମହେଶ୍ୱରାୟ ।
ନିତ୍ୟାୟ ଶୁଦ୍ଧାୟ ଦିଗମ୍ବରାୟ,
ତସ୍ମୈ "ନ" କାରାୟ ନମଃ ଶିବାୟ ।।

ଭୁବନେଶ୍ୱର, ୨୦ - ୨୬ ଫେବୃଆରୀ, ୨୦୨୩

# ଠିକଣା ବାଟରେ ଭାରତ

ସମ୍ପାଦକୀୟ



ତାରକ ମହାନ୍ତି

ବିଶ୍ୱ ଏବେ ଅନେକ ସଙ୍କଟ ଦେଇ ଗତିକରୁଛି। ଗୋଟେ ପଟରେ ଯୁଦ୍ଧର ଘନଘଟା, ଅନ୍ୟ ପଟେ ସୂର୍ଯ୍ୟଙ୍କର କ୍ଷୁଦ୍ର ଅଂଶ ଖସିପଡିଛି। କୋଭିଡ ପରେ ଆଫ୍ରିକାୟ ଦେଶରୁ ଠାବ ହୋଇଛି ନୂଆ ରୋଗର ଭୂତାଣୁ। ଦେଶ-ଦେଶ ମଧ୍ୟରେ ଦୂରତା ବଢୁଥିଲା ବେଳେ ତୁର୍କୀ ଓ ସିରିଆରେ ଭୂକମ୍ପ ମାନବିକତା ପ୍ରତି ଏକ ଆହ୍ୱାନ ସୃଷ୍ଟି କରିଛି। ସଙ୍କଟ ମଧ୍ୟରେ ନୂଆ ସମ୍ଭାବନା ମଧ୍ୟ ଦେଖିବାକୁ ମିଳୁଛି। ତାହା ହେଉଛି, ତୁର୍କୀ ଓ ଭାରତର ନୂଆ ସମ୍ପର୍କ। ମୁସଲିମ ଦେଶ ତୁର୍କୀ ପାକିସ୍ତାନକୁ ନିଜର ବନ୍ଧୁ ମାନିଆସୁଥିଲା। ପ୍ରତ୍ୟେକ କ୍ଷେତ୍ରରେ ଭାରତ ବିରୋଧରେ ପାକିସ୍ତାନଙ୍କୁ ସହଯୋଗ କରୁଥିବା ତୁର୍କୀ ମଧ୍ୟ କାଶ୍ମୀର ପ୍ରସଙ୍ଗରେ ଭାରତ ବିରୋଧରେ ଯାଇ ପାକିସ୍ତାନ ସ୍ୱର ସହ ସ୍ୱର ମିଳାଇ ଜାତିସଂଘରେ କଡା ଆଭିମୁଖ୍ୟ ଦେଖାଇବାକୁ ପଛାଉନଥିଲା। କିନ୍ତୁ ନିକଟରେ ତୁର୍କୀ ଓ ସିରିଆରେ ହୋଇଥିବା ଭୟଙ୍କର ଭୂମିକମ୍ପ ପରେ ଯାହା ଘଟଣା ଘଟିଲା, ତାହା କେବଳ ତୁର୍କୀ ନୁହେଁ ସମଗ୍ର ବିଶ୍ୱକୁ ଚକିତ କରିଛି। କାରଣ ଭୂମିକମ୍ପ ପରେ ପରେ ଭାରତ ପକ୍ଷରୁ ତୁର୍କୀକୁ ସହାୟତା ଓ ଉଦ୍ଧାରକାରୀ ଦଳ ଭାରତ ହିଁ ପଠାଇଲା। ଖାଦ୍ୟ, ଔଷଧ ଠାରୁ ଆରମ୍ଭ କରି ଲୋକଙ୍କ ଜୀବନ ବଂଚିଲା ଭଳି ସମସ୍ତ ବ୍ୟବସ୍ଥା କରିଛି ଭାରତ।ଏଥିରେ ବିପର୍ଯ୍ୟୟ ଘଟିଥିବା ଅଞ୍ଚଳବାସୀ ଭାରତର ଉଦ୍ଧାର କାର୍ଯ୍ୟ ଓ ସେବା ମନୋଭାବ ଦେଖି ତୁର୍କୀବାସୀ ଭାରତକୁ ପ୍ରଶଂସା କରିବା ସହ ଭାରତ ତୁର୍କୀର ଅସଲ ବନ୍ଧୁ ବୋଲି କହିବାକୁ ପଛାଉନାହାନ୍ତି। ବିପଦ ବେଳେ ଅସଲ ବନ୍ଧୁର ପରିଚୟ ଦେଇଛି ଭାରତ। ଯେଉଁଥିପାଇଁ ମାନବିକତା ଓ ବନ୍ଧୁତାର ଉଦାହରଣ ଭାରତ ଠାରୁ ଶିଖିବା ଉଚିତ ବୋଲି କହିଛି ତୁର୍କୀ। ତୁର୍କୀରେ ଭାରତର ତ୍ରିରଙ୍ଗା ଉଡିବା ପାକିସ୍ତାନକୁ ଚିନ୍ତାରେ ପକାଇଛି। କାରଣ ତୁର୍କୀ ଭଳି କଠୋର ଇସ୍ଲାମିକ ଦେଶ ଯେ,ଭାରତକୁ ବନ୍ଧୁ ବୋଲି ଦର୍ଶାଇ ପାକିସ୍ତାନ ଠାରୁ ସମ୍ପର୍କ ଛିନ୍ନ କରିବ ଏହା କେହି ବିଶ୍ୱାସ କରୁନଥିଲେ। ହେଲେ ଭାରତ ଅସଲ ବନ୍ଧୁର ପରିଚୟ ଦେବା ପରେ ସମଗ୍ର ବିଶ୍ୱ ଏବେ ଭାରତକୁ ସାବାସୀ ଦେଉଛନ୍ତି। ମାନବିକତା ଆଗରେ ଧର୍ମ ବଡ଼ ନୁହେଁ ବୋଲି ପ୍ରମାଣିତ କରିଛି ଭାରତ। ହେଲେ କାଙ୍ଗାଳ ପାକିସ୍ତାନ ନିଜର ଲୁଟେରା ଓ ଧୋକାବାଜ ଚେହେରାକୁ ଭଲ କରିପାରିନାହିଁ।କାରଣ ତୁର୍କୀକୁ ସହାୟତା ବିମାନ ଯିବା ପାଇଁ ଭାରତ ପାକିସ୍ତାନ ଆକାଶ ମାର୍ଗ ଦେଇ ଯିବା ଯୋଜନାକୁ ଅନୁମତି ଦେଇନଥିଲା ପାକିସ୍ତାନ। ଯାହାଫଳରେ ତୁର୍କୀ ଏହାକୁ ନେଇ ବେଶ କ୍ଷୁବ୍ଧ ହୋଇପଡିଛି। ସେହେତୁ ସରକାରର ଅସଲ ଚେହେରା ପଦାରେ ପଡିବା ପରେ ସାରା ବିଶ୍ୱ ପାକିସ୍ତାନକୁ ନିନ୍ଦା କରିଛନ୍ତି। ଅପରେସନ ଦୋସ୍ତ ଜରିଆରେ ଭାରତ ତୁର୍କୀର ଯେଭଳି ଉଦ୍ଧାର କାର୍ଯ୍ୟ ଓ ସାହାଯ୍ୟ, ସହଯୋଗ ଚଳାଇଛି, ଏଥିରେ ଦୁନିଆର ବିକଶିତ ରାଷ୍ଟ୍ର ମାନେ ମଧ୍ୟ ପଛରେ ପଡିଛନ୍ତି। ଭାରତ ଏବେ ବିଶ୍ୱକୁ ଜଣାଇଦେଇଛି ଯେ, ମାନବିକତାର ମୂଲ୍ୟବୋଧ ହିଁ ଶ୍ରେଷ୍ଠ ମୂଲ୍ୟବୋଧ। ତୁର୍କୀ ଓ ସିରିଆ ଭୂକମ୍ପକୁ ଦୁଇ ସପ୍ତାହ ହେଲାଣି। ଭାରତୀୟ ଉଦ୍ଧାରକାରୀ ଦଳ ଭଗ୍ନାବଶେଷ ତଳୁ ଲୋକଙ୍କୁ ଜୀବିତ ଉଦ୍ଧାର କରୁଛନ୍ତି। ଏହାଦ୍ୱାରା ଅଧିକ ଲୋକ ଜୀବିତ ଥିବା ଆଶା ସଂଚାର ହୋଇଛି।ତଥାପି ମୃତ୍ୟୁସଂଖ୍ୟା ୪୧ ହଜାର ଟପି ସାରିଛି। ତେବେ ଜାତିସଂଘ ତରଫରୁ କୁହାଯାଇଛି ଯେ ଉଦ୍ଧାର କାର୍ଯ୍ୟ ଅନ୍ତିମ ପର୍ଯ୍ୟାୟରେ ପହଞ୍ଚି ଗଲାଣି। ବର୍ତ୍ତମାନ ତୁର୍କୀରେ ଖାଦ୍ୟ, ବାସସ୍ଥାନ, ସ୍କୁଲ, ମେଡ଼ିସିନ ଏବଂ ଅନ୍ୟ ଦିଗ ଉପରେ ଗୁରୁତ୍ୱ ପ୍ରଦାନ କରାଯାଉଛି। ତୁର୍କୀର ଫିଲଡ଼ ହସ୍ପିଟାଲ ଗୁଡିକରେ ଏବେ ଲୋକମାନେ କେବଳ ଶାରୀରିକ ଭାବେ ଆହତ ହୋଇ ଚିକିତ୍ସା ହେଉନାହାନ୍ତି ବରଂ ଶାରୀରିକ ଆଘାତ ସହ ଭୀଷଣ ମାନସିକ ଆଘାତର ଶିକାର ହୋଇଛନ୍ତି। ଭୂକମ୍ପ ସେଠାକାର ଲୋକଙ୍କ ମାନସିକ ସ୍ଥିତିକୁ ଦୋହଲାଇଦେଇଛି। ଉଭୟ ତୁର୍କୀ ଓ ସିରିଆରେ ଭୂକମ୍ପର ଭୟଙ୍କର ମାନସିକ ପ୍ରଭାବ ଦେଖାଦେଇଛି। ଉଭୟ ଦେଶର ଲୋକଙ୍କ କହିବା କଥା ସେମାନଙ୍କ ପିଲା ଭୂକମ୍ପ ପରେ ମାନସିକ ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହୋଇଛନ୍ତି।ସିରିଆରେ ପ୍ରାୟ ୯୦ ଲକ୍ଷ ଲୋକ ଭୂକମ୍ପ ଦ୍ୱାରା ପ୍ରଭାବିତ ହୋଇଛନ୍ତି। ତୁର୍କୀର ଅନେକ ଭୂକମ୍ପ ପ୍ରଭାବିତ ଅଞ୍ଚଳରୁ ଗଣ ପଳାୟନ ଆରମ୍ଭ ହୋଇସାରିଛି। ଭୂକମ୍ପ ପ୍ରଭାବିତ ଅଞ୍ଚଳରେ ଅନେକ ରିଲିଫ ସେଣ୍ଟର ଖୋଲାଯାଇଛି। ଆଦନାନ ମେଡ୍ରେସର ଗଭର୍ଣ୍ଣରଙ୍କ ଘରକୁ ଭୂକମ୍ପ ପ୍ରଭାବିତଙ୍କ ପାଇଁ ଆଶ୍ରୟସ୍ଥଳରେ ପରିଣତ କରାଯାଇଛି। ତୁର୍କୀର ଦକ୍ଷିଣ କେନ୍ଦ୍ରୀୟ ପ୍ରଦେଶ କହରାମନମାରସରେ ଉଦ୍ଧାରକାରୀ ଦଳ ଗତ ଗୁରୁବାର ଏକ ଚମତ୍କାରକୁ ସାମ୍ନା କରିଥିଲେ। ଜଣେ ୧୭ ବର୍ଷର ଝିଅକୁ ୨୪୮ ଘଣ୍ଟା ପରେ ଜୀବିତ ଉଦ୍ଧାର କରାଯାଇଛି। ଏହି ଝିଅର ନାମ ଆଲେନା ଓଲମେଜ। ଦୀର୍ଘସମୟ ପରେ ଉଦ୍ଧାର ହୋଇଥିଲେ ମଧ୍ୟ ଆଲେନାଙ୍କ ସ୍ୱାସ୍ଥ୍ୟବସ୍ଥା ଠିକ ରହିଥିବା ଜଣାପଡିଛି। ଝିଅର କାକା ସମସ୍ତ ଉଦ୍ଧାରକାରୀ ଦଳ ସଦସ୍ୟଙ୍କୁ ଆଲିଙ୍ଗନ କରି ଧନ୍ୟବାଦ ଜଣାଇବା ସହ କହିଥିଲେ, ଆମେ ଆପଣଙ୍କୁ କେବେବି ଭୁଲିବୁନି। ଏଭଳି ସମୟରେ ଆମେରିକା ସିନେଟ୍‌ରେ ଏକ ବିରଳ ପ୍ରସ୍ତାବ ଆଗତ ହୋଇଥିବା କୁହାଯାଇଛି। ଏହି ପ୍ରସ୍ତାବରେ କୁହାଯାଇଛି ଯେ, ଅରୁଣାଚଳ ଭାରତର ଅବିଚ୍ଛେଦ୍ୟ ଅଂଶ ଏବଂ ଆମେରିକା ଭାରତର ସାର୍ବଭୌମତ୍ୱ ଏବଂ ଭୌଗଳିକ ଅଖଣ୍ଡତାକୁ ସମର୍ଥନ କରୁଛି। ଏଥିରେ କୌଣସି ଦ୍ୱିମତ କି ଦ୍ୱନ୍ଦ୍ୱ ନାହିଁ। ଏଲ୍‌ଏସି (ବାସ୍ତବ ନିୟନ୍ତ୍ରଣ ରେଖା) ନିକଟରେ ଚୀନ୍‌ର ସ୍ଥିତାବସ୍ଥା ପରିବର୍ତ୍ତନ ଏବଂ ଚୀନ୍‌ର ଏଲ୍‌ଏସିର ଅତିକ୍ରମଣକୁ ଆମେରିକା କଡା ନିନ୍ଦା କରୁଛି।

ଯୋଗାଯୋଗ ଠିକଣା
ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

# ପିଲାମାନେ ଅଭିଭାବକଙ୍କ ଦ୍ୱାରା ନିର୍ଯାତିତ ନୁହଁନ୍ତି କି ?



ପ୍ରଦୀପ୍ତ ଆଚାର୍ଯ୍ୟ

ପ୍ରତ୍ୟେକ ଦିନ ସକାଳୁ ମୋର ପଡୋଶୀ ଶାରଦା ବାବୁ, ଆମ ଘରକୁ ଆସି ସକାଳ ଚାହା ପର୍ବରେ ଯୋଗ ଦିଅନ୍ତି ଏବଂ ଆଂଚଳିକ ତାଜା ଖବର ସବୁ ଆମ ଆଗରେ ପରିବେଷଣ କରିବା ସଙ୍ଗେ ସଙ୍ଗେ, ବିଭିନ୍ନ ସାମାଜିକ ସମସ୍ୟା ବିଷୟରେ ମଧ୍ୟ ଆଲୋଚନା କରନ୍ତି। ଗତକାଲି ସକାଳୁ ଭାରି ବ୍ୟସ୍ତ ହୋଇ କହିଲେ, ଭାଇ ଜାଣିଲେଣି ନା ? ଅଭିରାମ ବାବୁଙ୍କ ସାନପୁଅ ଦୁଇଦିନ ହେବ ଘରଛାଡି କେଉଁଆଡେ ପଳାଇ ଯାଇଥିଲା, ବହୁତ ଖୋଜା ଖୋଜି ପରେ ତାକୁ ଜଣେ ସାଙ୍ଗ ଘରୁ ପାଇ, ଆଜି ଘରକୁ ଆଣିଛନ୍ତି। ମୁଁ ତାଙ୍କୁ ପଚାରିଲି, କଣ ପାଇଁ ସେ ଘରୁ ପଳାଇଗଲା ? ସେ କହିଲେ ଗତ ଯୁକ୍ତ ଦୁଇ ବିଜ୍ଞାନ ପରୀକ୍ଷାରେ, ସେ କଣ ଟିକିଏ କେଉଁ ବିଷୟରେ କମ ନମ୍ବର ରଖିଥିଲା। ସେଥିପାଇଁ ତା ବାପାଙ୍କ ନିଷ୍ଠୁର ଭତ୍ସନା ତା ପାଇଁ ଅସହ୍ୟ ହୋଇ ଯାଇଥିଲା। ପିଲାଟି କିନ୍ତୁ ବହୁତ ସରଳ, ଭଲ ପିଲାଟିଏ। ଯେଉଁଠି ଦେଖାହୁଏ, ଟିକିଏ ହସିଦେଇ ନମସ୍କାରଟି କରିବାକୁ ଆଦୌ ଭୁଲେନି। ଅଭିରାମ ବାବୁଙ୍କ ବଡ ପୁଅ ଡାକ୍ତରୀ ପଢୁଛି, ତେଣୁ ସାନ ପୁଅ ଡାକ୍ତରୀ ପଢୁ, ଏଇ ଇଚ୍ଛାକୁ ସାକାର କରିବା ପାଇଁ, ସେ ତା ପଛରେ ପୁରା ଲାଗି ଯାଇଛନ୍ତି। ମୁଁ କହିଲି ଦେଖନ୍ତୁ ଶାରଦା ବାବୁ, ଅଭିରାମ ବାବୁଙ୍କ ଭାଗ୍ୟ ଭଲ, ପିଲାଟି ଆଉ କିଛି କରିନାହିଁ। ଆଜିକାଲି ପିଲା ମାନଙ୍କର ଧୈର୍ଯ୍ୟ ଓ ସହନଶୀଳତା ଏତେ କମ୍ ଏବଂ ସ୍ୱାଭିମାନ ଏତେ ବେଶୀ ଯେ, ସାମାନ୍ୟ ସାମାନ୍ୟ କଥାରେ ସେମାନେ ଅସହିଷ୍ଣୁ ହୋଇ ଆତ୍ମହତ୍ୟା ପରି ଚରମ ପଦକ୍ଷେପ ନେବାକୁ ପଶ୍ଚାତ୍‌ପଦ ହେଉ ନାହାନ୍ତି। ଆଉ ମୋ ମତରେ ଅଭିଭାବକ ମାନେ ଏଥି ନିମନ୍ତେ ଶତ ପ୍ରତିଶତ ଦାୟୀ। ପ୍ରତିଯୋଗିତା ମୂଳକ ଯୁଗରେ ସମସ୍ତେ ଚାହୁଁଛନ୍ତି ମୋ ପିଲା ଅନେଶୋତ କିମ୍ବା ଶତ ପ୍ରତିଶତ ନମ୍ବର ରଖୁ। ବୁଝୁ ନାହାନ୍ତି ପିଲାଟିର ଶକ୍ତି କେତେ। ଦଶ କିଲୋଗ୍ରାମ ବୋଝ ବହନ କରି ପାରୁଥିବା ପିଲାକୁ ଯଦି ପଚାଶ କିଲୋଗ୍ରାମ ବୋଝ ବୋହିବାକୁ ବାଧ୍ୟ କରାଯିବ, ତେବେ ତାହା ପ୍ରକାରନ୍ତରେ ଏକ ମାନସିକ ନିର୍ଯାତନା ନୁହେଁକି ? ପିଲାଟି ଦିନରୁ ପିଠିରେ ଓଜନଦାର ବସ୍ତାନୀର ବୋଝ ବୋହି, ବିଦ୍ୟାଳୟ ପାଠ ସାଙ୍ଗକୁ ଗୋଟିଏ ଦୁଇଟି ଟିଉସନ, ସାଙ୍ଗ ସାଥୀ ମାନଙ୍କ ସହିତ ମିଶିବାକୁ ବାରଣ, ଖେଳକୁଦ ନକରି ସର୍ବଦା ବହି ଧରି ପଢିବାର କଡା ନିର୍ଦ୍ଦେଶ ଏବଂ ସର୍ବୋପରି ଦକ୍ଷତା ଆକଳନ ନକରି ସେମାନଙ୍କ ଠାରୁ ଅଧିକ ରୁ ଅଧିକ ଫଳ ଆଶା କରିବା ଯେ, କେତେ ନିଷ୍ଠୁରତା, ଆପଣ ଚିନ୍ତା କରି ପାରୁଛନ୍ତିତ ? ପଡିଶା ଘର ପିଲା ବା ତାର ସାଙ୍ଗ ସାଥୀଙ୍କ ଅଧିକ ଦକ୍ଷତା ସାଙ୍ଗରେ ତୁଳନା କରି ବାରମ୍ବାର ତାକୁ ଛୋଟ କରିଦେବା, ପିଲାଟି ସବୁ ବିଷୟରେ ଭଲ ଫଳ ପ୍ରଦର୍ଶନ କରି, ଯଦି ଗୋଟିଏ ବିଷୟରେ କମ କରିଦେଇଥାଏ, ସବୁ ଭଲ ପାଇଁ ପ୍ରଶଂସା ନକରି, ଗୋଟିଏ କମ୍ ପାଇଁ କଟୁ ଭତ୍ସନା କରିବା, ପିଲାଟିର ମାନସିକତାରେ କି ପ୍ରକାର ଅନ୍ତର୍ଦାହ ସୃଷ୍ଟି କରୁଥିବ, ତାହା ବିଜ୍ଞ ଅଭିଭାବକ ମାନଙ୍କ ଚେତନାକୁ ସ୍ପର୍ଶ କରି ପାରୁଛିକି ? ବାପା ମାଆ, ଜେଜେବାପା ଜେଜେମାଙ୍କ ସ୍ନେହ ଶ୍ରଦ୍ଧାରୁ ବଂଚିତ କରି, ପିଲା ମାନଙ୍କୁ ଆବାସିକ ବିଦ୍ୟାଳୟରେ ଶିକ୍ଷା ପ୍ରଦାନ କରିବାର ନିଷ୍ଠୁର ପ୍ରବୃତି, ସେମାନଙ୍କ ମନରେ ନକରାତ୍ମକ ଚିନ୍ତା ସୃଷ୍ଟି କରିବା ସ୍ୱାଭାବିକ। ପିଲାଙ୍କୁ ଭଲ ପାଠ ପଢାଇ, ଅଧିକ ରୋଜଗାର କରାଇବାର ମୋହରେ, ଅଭିଭାବକ ମାନେ ନିଶାଗ୍ରସ୍ତ। ପିଲାଟି ମନରୁ ସ୍ନେହ ଶ୍ରଦ୍ଧାର ନିର୍ଝର ଶୁଷ୍କ ହୋଇଯାଇ, ସେ ଏକ ଯାନ୍ତ୍ରିକ ମାନବରେ ପରିଣତ ହୋଇ ଯାଉଛି, ଏକଥା ଆମ କଳ୍ପନାରେ ସ୍ଥାନୀତ ହୋଇ ପାରୁନାହିଁ, ଯାହାର ସୁଦୁରପ୍ରସାରୀ କୁଫଳର ଜ୍ୱଳନ୍ତ ପ୍ରମାଣ ହେଉଛି, ଜରାଶ୍ରମରେ ଶେଷ ଜୀବନ ଯାପନ। ଏହା ନିଜ କୃତ କର୍ମର ଫଳ, ନାଁ ପିଲା ମାନଙ୍କର ଦୋଷ ? ସମସ୍ତେ କହୁଛନ୍ତି, ପିଲାମାନେ ବୃଦ୍ଧ ପିତା ମାତାଙ୍କୁ ଅବହେଳା ପ୍ରଦର୍ଶନ କରୁଛନ୍ତି। କିନ୍ତୁ ପ୍ରକୃତରେ ବାସ୍ତବତା କିଛି ଅଲଗା। ମୁଁ ଆପଣଙ୍କୁ ମୋର ପ୍ରାତଃ ଭ୍ରମଣ ସାଥୀ, ଶାନ୍ତନୁ ବାବୁଙ୍କ କଥା କହୁଛି ଶୁଣନ୍ତୁ। କିଛି ବ୍ୟକ୍ତି ଅଛନ୍ତି, ଯେଉଁମାନେ ନିଜ ପିଲାଙ୍କ ସଫଳତା ଅନ୍ୟ ମାନଙ୍କ ଆଗରେ ସଦା ସର୍ବଦା ଗପି ମନେ ମନେ ଗର୍ବ ଅନୁଭବ କରନ୍ତି। ଶାନ୍ତନୁ ବାବୁ ସେମାନଙ୍କ ମଧ୍ୟରୁ ଅନ୍ୟତମ। ପ୍ରତ୍ୟେକ ଦିନ ମୋ ଆଗରେ ଗପନ୍ତି, ବଡ ପୁଅଟି ମୋର ହୀରା, ଆମେରିକାର ଗୋଟିଏ ବଡ ଆଇଟି କମ୍ପାନୀ ମ୍ୟାନେଜର,ତାର କେତେ ବଡ ବଙ୍ଗଳା, କେତେ ଦାମୀ ଗାଡି, କେତେ ଅଧିକ ଦରମା ପାଉଛି, ତା ସ୍ତ୍ରୀ ମଧ୍ୟ ଇଞ୍ଜିନିୟର ଇତ୍ୟାଦି ଇତ୍ୟାଦି। ଆଉ ମଝିଁଆ ପୁଅଟି ମୋର ସୁନା। ଡାକ୍ତରୀ ପାଶ୍ କରୁକରୁ ବମ୍ବେର ଗୋଟିଏ ବଡ ହସପିଟାଲ୍‌ରେ ଜଏନ୍ ଜବ୍ ପାଇଗଲା ଆଉ ସେଇ ହସପିଟାଲ୍‌ର ଜଣେ ଡାକ୍ତରାଣୀ ସହିତ ବିବାହ ମଧ୍ୟ ହୋଇଗଲା। ସିଏ ବି କିଛି କମରେ ନାହିଁ। ଏତିକି କହି ସେ ନୀରବ ହୋଇଯିବା ପରେ ମୁଁ ପଚାରେ ଆଉ ସାନ ପୁଅ କଥା କିଛି କହିଲେ ନାହିଁ ? ସେ କୁହନ୍ତି, ତା କଥା ମୋତେ କିଛି ପଚାରନ୍ତୁ ନାହିଁ, ସେଇଟା ମୋର କୁଳାଙ୍ଗାର ପୁଅ। ଯାହିତାହି ବି.ଏ ଖଣ୍ଡିଏ ପାଶ୍ କରିବା ପରେ, ବଜାର ଛକରେ ତାକୁ ଗୋଟିଏ ବହି ଦୋକାନ କରି ବସାଇ ଦେଇଛି। ମୋ ମୁଣ୍ଡଟାକୁ ସିଏ ତଳକୁ କରିଦେଲା। କନ୍ୟା ଖୋଜି ଖୋଜି, ଗୋଟିଏ ଗରିବ ଘର ଝିଅ, ତା ବାପା ଟଙ୍କାଟିଏ ଯୌତୁକ ଦେଲା ନାହିଁ, ହାତରୁ ଖର୍ଚ୍ଚକରି ବାହାଘର କରି ଦେଇଛି। ଯେତେବେଳେ ଶାନ୍ତନୁ ବାବୁ ତାଙ୍କ ବଡ ଦୁଇ ପୁଅଙ୍କର ସଫଳତା ବଖାଣନ୍ତି, ତାଙ୍କର ଗର୍ବ ଓ ଅହଂକାର ଜନୀତ ଆନନ୍ଦ ବିସ୍ଫୋରିତ ହେବା ପରି ପ୍ରତୀୟମାନ ହୁଏ। ଏହିପରି କିଛି ଦିନ ଗପିବା ପରେ ମୁଁ ଅନୁଭବ କଲି ତାଙ୍କ ଗପିବାର ଉତ୍ସାହରେ କିଛିଟା ଭଟ୍ଟା ପଡି ଆସୁଛି, ଉଚ୍ଛଳିତ ପ୍ରବାହରେ କିଛି ଗାମ୍ଭୀର୍ଯ୍ୟତା ପରିଲକ୍ଷିତ ହେଉଛି। ମୁଁ ଦିନେ ପଚାରିଦେଲି, ଭାଇ ଆଉ ପୁଅ ମାନଙ୍କ କଥା କଣ କିଛି କହୁ ନାହାନ୍ତି। ସେ କହିଲେ ନାଇଁ, ସେମାନେ ତାଙ୍କ ସଂସାର ନେଇ ଦୁରରେ ରହିଲେ, ଆମେତ ଦୁଃଖ କଷ୍ଟେ ଏଇଠି ଅଛୁ। ଫୋନ କଲେ ମଧ୍ୟ ବ୍ୟସ୍ତତା ଭିତରେ ସେମାନେ ଆମ ସହିତ ଯୋଗାଯୋଗ କରି ପାରୁ ନାହାନ୍ତି। ଖାଲି ପଇସା ପଠାଇ ଦେଉଛନ୍ତି। ଆପଣ କହିଲେ, ପଇସା କଣ କଥା କହିବ ନାଁ ଆମ ଦେହ ମୁଣ୍ଡରେ ଟିକିଏ ହାତ ମାରି ଦେବ ? ତାପରେ ମୁଁ ପଚାରିଲି ଆଉ ସାନ ପୁଅ କଥା କଣ ? ଏଇ ପ୍ରଶ୍ନରେ ତାଙ୍କ ମୁହଁର ଭାବପ୍ରବଣତା ଏବଂ ଚକ୍ଷୁ ଲୋତକ ପ୍ଲାବିତ ହେବାର ଅବସ୍ଥାକୁ ,ସେ ମୋ ପାଖରେ ଲୁଚାଇବାକୁ ଚେଷ୍ଟା କରି ମଧ୍ୟ ପାରିଲେ ନାହିଁ। କୋହଭରା କଣ୍ଠରେ କହିଲେ, ଭାଇ ସେଇ କୁଳାଙ୍ଗାର ପୁଅ ପାଇଁ ଆମେ ବୁଢାବୁଢି ଦୁଇଜଣ, ଆଜି ପର୍ଯ୍ୟନ୍ତ ବଂଚିଛୁ। ଯେଉଁ ଗରିବ ଘର ବୋହୁଟିକୁ ମୁଁ ପ୍ରଥମେ ଟିକିଏ ହୀନ ଦୃଷ୍ଟିରେ ଦେଖୁଥିଲି, ସେ ଘରର ଯାବତୀୟ କାର୍ଯ୍ୟ କରି ମଧ୍ୟ, ଆମ ସେବା ଯତ୍ନରେ କାଣିଚାଏ ତ୍ରୁଟି କରୁନାହିଁ। ତାଙ୍କଠାରୁ ଏଇ ଉତରଟିକୁ ପାଇବା ପାଇଁ ମୁଁ ଅନେକ ଦିନରୁ ଅପେକ୍ଷା କରିଥିଲି। ତାପରେ ମୁଁ ଶାରଦା ବାବୁଙ୍କୁ ପଚାରିଲି, ଭାଇ ଆମ ପାଇଁ କେଉଁ ପୁଅର ଆବଶ୍ୟକତା ବେଶୀ, ହୀରା, ସୁନା ପୁଅର ? ନାଁ କୁଳାଙ୍ଗାର ପୁଅର ? ଶାରଦା ବାବୁ କହିଲେ ଅଗ୍ନିର ଦାହିକା ଶକ୍ତି ଜାଣି ମଧ୍ୟ ପତଙ୍ଗ ତା ଆଡକୁ ଆକର୍ଷିତ ହେବା ପରି, ଆଜିର ଅଭିଭାବକ ମାନେ କୁହୁଡି ପହଁରୁଅଛନ୍ତି। ପିଲା ମାନଙ୍କୁ ଉଚ୍ଚ ଶିକ୍ଷା ପ୍ରଦାନ କରି, ବଡ ବଡ ପଦବୀରେ ଅଧିଷ୍ଠିତ କରାଇବାର ତୀବ୍ର ପ୍ରତିଯୋଗିତାରେ ଆମ୍ଭେମାନେ ଅଣ ନିଶ୍ୱାସୀ ହେବା ସଙ୍ଗେ ସଙ୍ଗେ, ପିଲା ମାନଙ୍କୁ ଯେ ପରୋକ୍ଷ ଭାବରେ କିପରି ନିର୍ଯାତିତ କରୁଛୁ ତାହା ଆମେ ଅନୁଭବ କରି ପାରୁ ନାହୁଁ ଏବଂ ଯାହାର କୁପରିଣାମ ଆମ୍ଭ ମାନଙ୍କୁ ହିଁ ଭୋଗିବାକୁ ପଡୁଛି। ଆଜିକାଲି ପିଲା ମାନଙ୍କୁ ଉଚ୍ଚଶିକ୍ଷା ଦେବା ସାଙ୍ଗକୁ ନୈତିକ ଶିକ୍ଷା ଏବଂ ମାନବିକତା ଧର୍ମ ଶିକ୍ଷା ପ୍ରଦାନ କରିବା ମଧ୍ୟ ଏକାନ୍ତ ଆବଶ୍ୟକ। ନିଷ୍ପତି ଆମ୍ଭ ମାନଙ୍କ ହାତରେ। ନାଁ ଆପଣ କଣ କହୁଛନ୍ତି କୁହନ୍ତୁନା ?

*ଇଶାଣୀବ୍ରହ୍ମପୁର, କଟକ*
*ଦୂରଭାଷ : ୬୩୭୧୫୯୩୨୨୦*

# କ୍ଷେପଣାସ୍ତ୍ରଧାରୀ ବେଲୁନ ପାଇଁ ଚିନ୍ତା



ସୌମେନ୍ଦ୍ର ଜେନା

ଆମେରିକାର ପ୍ରତିରକ୍ଷା ବିଭାଗର ତଥ୍ୟ ସଂଗ୍ରହ କରୁଥିବା ଚୀନର ବିଶାଳକାୟ ବେଲୁନକୁ ଆମେରିକା ବାୟୁସେନା କ୍ଷେପଣାସ୍ତ୍ର ମାଡକରି ନଷ୍ଟ କରିଥିବା ଖବର ନିକଟରେ ସମସ୍ତଙ୍କ ଦୃଷ୍ଟିକୁ ଆସିଛି । ଉକ୍ତ ବେଲୁନଟି ଦୀର୍ଘ ସମୟ ଘରି ତଥ୍ୟ ଚୋରୀ କରିବାକୁ ଫଟୋ ଉଠାଉଥିବା କଥା କୁହାଯାଇଥିଲା । ଆମେରିକା ଏବଂ କାନାଡାରେ ଏମିତି ପ୍ରାୟ ତିନୋଟି ବେଲୁନ ସଂପ୍ରତି ଦେଖିବାକୁ ମିଳିଛି । ଚୀନ ସରକାର ଏହାକୁ ପାଣିପାଗ ପରୀକ୍ଷା ପାଇଁ ଛଡାଯାଇଥିବା କଥା କହୁଥିଲେ ହେଁ ଏହି ବେଲୁନର ସହାୟତାରେ ଆଗାମୀ ଦିନରେ କିପରି ମହାକାଶରୁ ବହୁ ଉଚ୍ଚରୁ ହାଇପରସୋନିକ କ୍ଷେପଣାସ୍ତ୍ର ମାଡ କରାଯାଇପାରିବ ସେହି ଲକ୍ଷ୍ୟରେ ଚୀନ ପରୀକ୍ଷା-ନିରୀକ୍ଷା ଚଳାଇଛି ।

ଚୀନ ସରକାରଙ୍କ ମାଲିକାନାରେ ଥିବା ସିସିଟିଭିରେ ୨୦୧୮ରେ ଏମିତି ଏକ ଭିଡିଓ ଛଡାଯାଇଥିଲା ଯେଉଁଥିରେ ବହୁ ଉଚ୍ଚକୁ ଖୋଲା ମଇଦାନରୁ ବେଲୁନଟିକୁ ଛଡାଯାଉଛି । ବେଲୁନଟି ସହ ତ୍ରିକୋଣ ବିଶିଷ୍ଟ କ୍ଷେପଣାସ୍ତ୍ର ସବୁ ଏକ ହାଇପରସୋନିକ ଗ୍ଲାଇଡ ଭେହିକିଲ୍‌ସରେ ଲାଗିଥିବା ଅବସ୍ଥାରେ ଉପରକୁ ଉଠୁଛନ୍ତି । ପରେ ନିର୍ଦ୍ଦିଷ୍ଟ ଉଚ୍ଚତାକୁ ବେଲୁନ୍‌ଟି ଉଠିବା ପରେ ଗୋଟିଏ ପରେ କ୍ଷେପଣାସ୍ତ୍ରଗୁଡିକ ତଳମୁହାଁ ହୋଇ ଖସୁଛି ଗୋଟିଏ ଯାହାକୁ ସେତେବେଳେ ଚୀନ କର୍ତ୍ତୃପକ୍ଷ କ୍ଷେପଣାସ୍ତ୍ର ପରୀକ୍ଷାର ଆଖ୍ୟା ଦେଇଥିଲେ । ହଂକଂସ୍ଥିତ ସାଉଥ୍ ଚାଇନା ମର୍ଣ୍ଣିଂ ପୋଷ୍ଟ ଜଣାଇଥିଲା ଯେ ବେଲୁନ ଆକାଶରୁ ତଳକୁ ପକାଇଥିବା ହାଇପରସୋନିକ୍ ଗ୍ଲାଇଡ ଭେହିକିଲଗୁଡିକ ହାଇପରସୋନିକ କ୍ଷେପଣାସ୍ତ୍ର ବିକାଶ କାର୍ଯ୍ୟକ୍ରମର ଅନ୍ତର୍ଗତ, ଯାହାକି ଆଗାମୀ ଦିନରେ ଚୀନ ସେନାକୁ ଅଦମ୍ୟ ଆଣବିକ ଅସ୍ତ୍ରର କ୍ଷମତା ପ୍ରଦାନ କରିବ । ୨୧ ସେପ୍ଟେମ୍ବର ୨୦୧୮ରେ 'ଦାଫେଙ୍ଗ୍ କାଓ' ନାମଟ ଟ୍ୱିଟର ଆକାଉଣ୍ଟରୁ ଏ ସଂକ୍ରାନ୍ତରେ ଏକ ପୋଷ୍ଟ କରାଯାଇଥିଲା । ଯେଉଁଥିରେ କୁହାଯାଉଥିଲା ଯେ ବହୁ ଉଚ୍ଚରୁ ବେଲୁନ ସାହାଯ୍ୟରେ ତଳକୁ କ୍ଷେପଣାସ୍ତ୍ର ମାଡର ପରୀକ୍ଷା ସଫଳତାର ସହ ଶେଷ ହୋଇଛି । ଚୀନର ଉତ୍ତର ପଶ୍ଚିମରେ ଆକାଶରେ ଏହି ପରୀକ୍ଷା ହୋଇଥିଲା । ଦିନ ୧୨ଟା ୪୭ମିନିଟରେ ୨୫ସେକେଣ୍ଡର ଭିଡିଓଟିକୁ ଟ୍ୱିଟର ଆକାଉଣ୍ଟରେ ଅପ୍‌ଲୋଡ କରିବା ଦେଖାଯାଇଥିଲା ।

ଚୀନର ମଧ୍ୟମ ଦୂରଗାମୀ ବାଲିଷ୍ଟିକ କ୍ଷେପଣାସ୍ତ୍ର ଡଙ୍ଗ୍‌ଫେଙ୍ଗ୍-୧୭ ଯାହା ୫-୧୦ ମାକ୍ ଗତିରେ ଯିବାର କ୍ଷମତା ରଖିଛି ଏବଂ ଯେଉଁଥିରେ ପାରମ୍ପାରିକ ଏବଂ ଆଣବିକ କ୍ଷେପଣାସ୍ତ୍ର ବହନ କରିବାର କ୍ଷମତା ମଧ୍ୟ ରହିଛି , ତାହା ଏହି ବେଲୁନକୁ ମହାକାଶକୁ ନେଇଯାଇପାରିବ । ଡଙ୍ଗ୍‌ଫେଙ୍ଗ୍‌ର ଓଜନ ୧୫ଟନ ଥିଲାବେଳେ ମାରକ କ୍ଷମତା ୧୮୦୦ରୁ ୨୫୦୦କିମି ପର୍ଯ୍ୟନ୍ତ ରହିଥିବାର ଜଣାଯାଏ । ଭିଡିଓ ଦୃଶ୍ୟରେ ଆକାଶରୁ ତଳକୁ ବେଲୁନ ସାହାଯ୍ୟରେ କ୍ଷେପଣାସ୍ତ୍ରମାଡ କରାଯିବା ଦୃଶ୍ୟକୁ ସେ ସମୟରେ ଆମେରିକାର ପ୍ରତିରକ୍ଷା ବିଶେଷଜ୍ଞମାନେ ଗୁରୁତ୍ୱର ସହ ନେଇଥିଲେ । ଜୁଲାଇ ୨୦୨୧ରେ ଚୀନ ସେନା ପକ୍ଷରୁ ଅତି ଗୋପନୀୟ ଭାବେ ହୋଇଥିବା ଏହି ପରୀକ୍ଷା ସମୟକ୍ରମେ ଭାରତ, ତାଇୱାନ ଏବଂ ଜାପାନର ଆକାଶ ସୀମାରେ ମଧ୍ୟ ହୋଇଥିବା କଥା କୁହାଯାଉଛି । ସେହି ପରୀକ୍ଷା ବେଳେ ୨୪୮୦୦ ମାଇଲ (୩୯୯୧୧ କିମି) ଦୂରକୁ ମହାକାଶରେ ଅତିକ୍ରମ କରି ତାହା ବାୟୁମଣ୍ଡଳରେ ପ୍ରବେଶ କରି ମାଟି ଉପରେ ଥିବା ଟାର୍ଗେଟକୁ କ୍ଷେପଣାସ୍ତ୍ରମାଡ କରିବାକୁ ସକ୍ଷମ ହୋଇଥିଲା । ଏହି ବିଷୟରେ ଯୁକ୍ତରାଷ୍ଟ୍ର ଆମେରିକାର ପ୍ରତିରକ୍ଷା ଗୋଇନ୍ଦା ବିଭାଗ (ଡିଆଇଓ)ର ରିପୋର୍ଟରେ ମଧ ପ୍ରକାଶ ପାଇଥିଲା । ସେଥିଲେ ଉଲ୍ଲେଖ କରାଯାଇଥିଲା ଯେ ପରୀକ୍ଷା ୧୦୦ ମିନିଟରୁ ଅଧିକ ସମୟ ପାଇଁ ହୋଇଥିଲା, ଯାହା ଚୀନ ଦ୍ୱାରା ପ୍ରସ୍ତୁତ କୌଣସି ସ୍ଥଳଭାଗ ଆକ୍ରମଣକାରୀ ଅସ୍ତ୍ର ବ୍ୟବସ୍ଥାଠାରୁ ସର୍ବାଧିକ ଦୂର ଅତିକ୍ରମ କରିବା ସହ ଟାର୍ଗେଟକୁ ଧ୍ୱଂସ କରିବାକୁ ସକ୍ଷମ ହୋଇଥିଲା । ଆମେରିକାକୁ ଟାର୍ଗେଟ କରି ଆକ୍ରମଣ ପାଇଁ ଚୀନ ପକ୍ଷରୁ ଚାଲିଥିବା ପ୍ରସ୍ତୁତିର ସେହି ପରୀକ୍ଷା ଏକ ଅଂଶ ବିଶେଷ ବୋଲି ଆମେରିକା ସେନାର ଉପମୁଖ୍ୟ ଜେନେରାଲ ଜନ୍ ହାଇଟେନ୍ ସେତେବେଳେ ପ୍ରକାଶ କରିଥିଲେ । ପ୍ରଥମେ ଆଣବିକ ଆକ୍ରମଣ ପାଇଁ ଉକ୍ତ ଗୋପନୀୟ ପରୀକ୍ଷା ଉଦ୍ଦିଷ୍ଟ ଥିବା କଥା କୁହାଯାଇଥିଲା ।

ଆମେରିକା ପ୍ରତିରକ୍ଷା ଅଧ୍ୟୟନ ସଂସ୍ଥାର ଅଧ୍ୟକ୍ଷ ପଲ୍ କ୍ରେସ୍‌ପୋ ଆଶଙ୍କା ପ୍ରକାଶ କରି କହିଛନ୍ତି ଯେ ନିକଟରେ ଆମେରିକା ଏବଂ କାନାଡାର ଜାତୀୟ ଆକାଶ ସୀମାକୁ ଅତିକ୍ରମ କରିପାରିଥିବା ଚୀନର ବେଲୁନ ସାହାଯ୍ୟରେ ଆକ୍ରମଣ ପାଇଁ ଏହା ଅଭ୍ୟାସ ମାତ୍ର ରହିଥିଲା । ପୂର୍ବରୁ ଚୀନ ପକ୍ଷରୁ ହାଇପରସୋନିସ କ୍ଷେପଣାସ୍ତ୍ର ସଫଳତାର ସହ ପରୀକ୍ଷା ହେବା ବେଳେ ତାହା ଚୀନର ଆକାଶ ସୀମାରେ ହୋଇଥିଲା । ଇପୋକ୍ ଟାଇମ୍ସକୁ ନିଜର ପ୍ରତିକ୍ରିୟା ପ୍ରଦାନ କରି କ୍ରେସ୍‌ପୋ କହିଛନ୍ତି ଯେ, ଆମେରିକା ଉପରକୁ ଉଚ୍ଚାକାଶରେ ଉଡିବାକୁ ସକ୍ଷମ ଏହିପରି ଗୋଟିଏ କିମ୍ବା ଅଧିକ ବେଲୁନ ସହ ଛୋଟ ଆଣବିକ ଇଏମ୍‌ପି (ଇଲେକ୍ଟ୍ରୋ ମ୍ୟାଗନେଟିକ୍ ପଲ୍ସ) ସାହାଯ୍ୟରେ ଆକ୍ରମଣ ହେବାର ଆଶଙ୍କା ରହିଛି । କେବଳ ଏତିକି ନୁହେଁ ଉଚ୍ଚାକାଶରୁ ସେମାନେ ବିନା ଗୁଳିରେ ଏହି ବେଲୁନ ସାହାଯ୍ୟରେ ଆମେରିକାର ଯୋଗାଯୋଗ ଏବଂ ବିଦ୍ୟୁତ ଯୋଗାଣ ବ୍ୟବସ୍ଥାକୁ ବର୍ଷାଧିକ କାଳ ପାଇଁ ନଷ୍ଟ କରିଦେବାକୁ ସକ୍ଷମ ହେବା ସହ ଜନସାଧାରଣଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି କରିପାରିବେ । କାରଣ ଆମେରିକାର ବାଇଡେନ ପ୍ରଶାସନ ବିଦ୍ୟୁତ ଯୋଗାଣ ବ୍ୟବସ୍ଥାର ସୁରକ୍ଷାଗତ ସଂକ୍ରାନ୍ତରେ ବିଶେଷ ସଚେତନ ନଥିବା ହେତୁ ଏପରି ଆକ୍ରମଣ ହେବା କିଛି ବଡ କଥା ନୁହେଁ ବୋଲି କୁହାଯାଉଛି । ମହାକାଶରୁ ସ୍ଥଳଭାଗ ଉପରେ ଆକ୍ରମଣ ସଂକ୍ରାନ୍ତରେ ଜୁଲାଇ ୨୦୨୦ରେ ଯୁକ୍ତରାଷ୍ଟ୍ର ଆମେରିକାର ଇଏମ୍‌ପି ଟାସ୍କଫୋର୍ସର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଭାବେ ଦାୟିତ୍ୱରେ ଥିବା ତତ୍‌କାଳୀନ ଅଧିକାରୀ ଡକ୍ଟର ପିଟର ଭିନସେଣ୍ଟ ପ୍ରି ତାଙ୍କର ଏକ ରିପୋର୍ଟରେ ଜାତୀୟ ଏବଂ ପ୍ରାଦେଶିକ ସୁରକ୍ଷା ବିଷୟରେ ଉଲ୍ଲେଖ କରି ପ୍ରକାଶ କରିଥିଲେ ଯେ ଚୀନରୁ ପ୍ରକାଶିତ ପ୍ରତିରକ୍ଷା ସଂକ୍ରାନ୍ତୀୟ ଅନେକ ଲେଖାରେ ଆମେରିକା ବିରୁଦ୍ଧରେ ଉଚ୍ଚାକାଶରୁ ବିସ୍ଫୋରଣ କରି ଗାମାରଶ୍ମିର ବିକିରଣ ଦ୍ୱାରା ସ୍ଥଳଭାଗରେ କାର୍ଯ୍ୟରତ ସଂଚର ଏବଂ ବିଦ୍ୟୁତ ଯୋଗାଣ ବ୍ୟବସ୍ଥାକୁ ନଷ୍ଟ କରିବା ପାଇଁ ହେଉଥିବା ଆଲୋଚନା ନିଶ୍ଚିତ ରୂପେ ଆମେରିକା ବିରୁଦ୍ଧରେ ଯୁଦ୍ଧ ପ୍ରସ୍ତୁତି ବୋଲି ବୁଝିବାକୁ ହେବ । କାରଣ ଆମେରିକା ପ୍ରତିରକ୍ଷା ବିଭାଗର ବିଶେଷଜ୍ଞଙ୍କ କହିବାନୁସାରେ ଆମେରିକାର ପୂର୍ବ ଉପକୂଳରେ ଇଏମ୍‌ପି ଦ୍ୱାରା ଆକ୍ରମଣ ହେଲେ ଗୋଟିଏ ବର୍ଷ ଭିତରେ ୯୦ ପ୍ରତିଶତ ଜନସଂଖ୍ୟାକୁ ଧ୍ୱଂସ କରାଯାଇପାରିବ ଏବଂ ସେହି ଅଞ୍ଚଳରେ ବିଦ୍ୟୁତ ବ୍ୟବସ୍ଥାକୁ ଠିକ୍ କରିବାକୁ ୧୮ମାସ ସମୟ ଲାଗିବ । ଏହି ପରିସ୍ଥିତିରେ ୯୯ ଆଣବିକ ରିଆକଟର ଥଣ୍ଡା ହେବା ପାଇଁ ବିଦ୍ୟୁତ ନପାଇ ତରଳିଯିବେ । ଆଣବିକ ବିଦ୍ୟୁତ ଉତ୍ପାଦନ କେନ୍ଦ୍ର ଅଞ୍ଚଳର ୪୧ଲକ୍ଷ ଲୋକଙ୍କୁ ବାସଚ୍ୟୁତ ହେବାକୁ ପଡିବ ।

ଦେଖିବାକୁ ଗଲେ କେବଳ ଚୀନ ଯେ ଉଚ୍ଚାକାଶ ବେଲୁନ ଆକ୍ରମଣ କଥା ଏକାକୀ ଚିନ୍ତା କରୁଛି ତା ନୁହେଁ । ଆମେରିକା ସମେତ ଅନେକ ରାଷ୍ଟ୍ର ଏ କ୍ଷେତ୍ରରେ ଗୋପନରେ ସେମାନଙ୍କ ଗବେଷଣା ଜାରି ରଖିଛନ୍ତି । ଉଚ୍ଚାକାଶର ୨୩୦୦୦ ଫୁଟରୁ ୬୬୦୦୦ ଫୁଟ ମଧ୍ୟରେ ସଂଖ୍ୟାଧିକ ଡ୍ରୋନ ସାହାଯ୍ୟରେ ମଧ ଶତ୍ରୁପକ୍ଷ ଉପରେ ଆକ୍ରମଣ ପାଇଁ ଯୋଜନା ହେଉଛି । ଶତ୍ରୁପକ୍ଷର ନିରୀକ୍ଷଣକାରୀ ଗୁଇନ୍ଦା ଉପକରଣ, ହାଇପରସୋନିକ ଅସ୍ତ୍ର ଉପରେ ନଜର ରଖିବାଲାଗି ଯୁକ୍ତରାଷ୍ଟ୍ର ଆମେରିକାର ପ୍ରତିରକ୍ଷା ବିଭାଗ ଲକ୍ଷ ଲକ୍ଷ କୋଟି ଡଲାର ବେଲୁନ ପ୍ରସ୍ତୁତି ଏବଂ ଉଡାଣ ପାଇଁ ଖର୍ଚ୍ଚ କରୁଛି ।

ତେବେ ଚଳିତମାସ ୧୦ ଫେବୃଆରୀ ଦିନ ବାଇଡେନ ପ୍ରଶାସନ ପକ୍ଷରୁ ଚୀନର ଗୁଇନ୍ଦା ତଥ୍ୟ ସଂଗ୍ରହକାରୀ ବେଲୁନ ସଂପର୍କରେ ସୂଚନା ପ୍ରଦାନ କରାଯାଇଛି । ଏଥିରେ କୁହାଯାଇଛି ଯେ ଚୀନ ଦ୍ୱାରା ଯେଉଁସବୁ ବେଲୁନଗୁଡିକୁ ୫ଟି ଉପମହାଦେଶର ୪୦ଟି ଦେଶ ଉପରେ ଉଡି ତଥ୍ୟ ସଂଗ୍ରହ ପାଇଁ ଛଡାଯାଇଥିଲା,ଏହି ବେଲୁନ ତନ୍ମଧ୍ୟରୁ ଗୋଟିଏ । ଫେଡେରାଲ ବ୍ୟୁରୋ ଅଫ୍ ଇନ୍‌ଭେଷ୍ଟିଗେସନ ଦ୍ୱାରା ପରିଚାଳିତ ଭର୍ଜିନିଆର କ୍ୟାଣ୍ଟିକୋ ପରୀକ୍ଷାଗାରରେ ଚୀନା ବେଲୁନର ପରୀକ୍ଷା କରାଯାଇଥିଲା । ଏହିପରି ଏକ ବେଲୁନ ଗତ ୩୧ ଡିସେମ୍ବର ୨୦୨୨ଦିନ ତାଇୱାନର ଚେଙ୍ଗ୍‌ଚେନ୍‌ଫେଙ୍ଗ୍ (ନାନ୍‌ତୋଉ)ଠାରେ ଉଡୁଥିବା ଅବସ୍ଥାରେ ଗୁଳିକରି ଖସାଯାଇଥିଲା । ତେବେ ଏହି ବିଷୟକୁ ନେଇ ଆମେରିକାର ସଂସଦରେ ଏବେ ଢେର ତୁମ୍ବିତୋଫାନ ହୋଇଛି । ଚୀନ ପକ୍ଷରୁ ଏହି ବେଲୁନ ଆକ୍ରମଣ ପାଇଁ ଜାପାନ ଓ ଭାରତ ଟାର୍ଗେଟରେ ଥିବାରୁ ଭାରତ ସରକାର ଏବେଠୁ ସତର୍କ ହେବା ଜରୁରୀ ।

*ଭାରତୀୟ ସମ୍ବାଦ ସେବା (ଭାସ୍)*
*ଭୁବନେଶ୍ୱର-୭୫୧୦୦୩*

# ରାଜ୍ୟରେ ୧ଲକ୍ଷ ୬୫ ହଜାର ୭୦୦ ମାମଲା ଫଏସଲା



ଗଙ୍ଗାଧର ସାମଲ

ଲୋକମାନଙ୍କ ପାଇଁ ଆଇନ ସେବା କ୍ଷେତ୍ରରେ ଲୋକ ଅଦାଲତ ଏକ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର। ନିକଟରେ ରାଜ୍ୟର ସମସ୍ତ ୩୦ଟି ଜିଲ୍ଲାରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଛି। ଚଳିତ ବର୍ଷର ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତରେ ୧ଲକ୍ଷ ୬୫ ହଜାର ୭୦୦ ମାମଲାର ଆପୋସ ବୁଝାମଣାରେ ଫଏସଲା କରାଯାଇଛି। ଓଡ଼ିଶା ରାଜ୍ୟ ଆଇନସେବା ପ୍ରାଧିକରଣର ମୁଖ୍ୟ ପୃଷ୍ଠପୋଷକ ମୁଖ୍ୟ ବିଚାରପତି ଡକ୍ଟର ଜଷ୍ଟିସ ଏସ.ମୁରଲୀଧର ଓ ପ୍ରାଧିକରଣର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ଜଷ୍ଟିସ ଯଶୱନ୍ତ ସିଂହଙ୍କ ମାର୍ଗଦର୍ଶନରେ ଏହି ଲୋକ ଅଦାଲତ ଅନୁଷ୍ଠିତ ହୋଇଛି। ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ ପକ୍ଷରୁ ଆୟୋଜିତ ରାଷ୍ଟ୍ରୀୟ ଲୋକ ଅଦାଲତରେ ସାରା ରାଜ୍ୟରେ ୧ଲକ୍ଷ ୬୫ ହଜାର ୭୦୦ ମାମଲାର ଫଏସଲା କରାଯାଇ ଜରିମାନା ଓ କ୍ଷତିପୂରଣ ବାବଦରେ ୧୭୪ କୋଟି ୭୬ ଲକ୍ଷ ୬୦ ହଜାର ୯୭୨ ଟଙ୍କା ଆଦାୟ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏହି ଲୋକ ଅଦାଲତରେ ଉଭୟ ବିଚାରାଧୀନ ଓ ପ୍ରକ ମୋକଦ୍ଦମା ସ୍ତରୀୟ ସମାଧାନ ଯୋଗ୍ୟ ମାମଲାର ଫଏସଲା କରାଯାଇଛି। ଫଏସଲା ହୋଇଥିବା ବିଚାରାଧୀନ ମାମଲା ଗୁଡ଼ିକ ମଧ୍ୟରେ ୩୨୪ଟି ଫୌଜଦାରୀ (କ୍ରିମିନାଲ କମ୍ପାଉଣ୍ଡେବଲ), ୧୨୭୭ଟି ଚେକ ବାଉନ୍ସ, ୭୦୯ଟି ବ୍ୟାଙ୍କ ଋଣ, ୧୦୧୦ଟି ମୋଟରଯାନ ଦୁର୍ଘଟଣାଜନିତ, ୫୯୫ଟି ପାରିବାରିକ ଓ ବୈବାହିକ ବିବାଦ, ୨୭ଟି ଭୂମି ଅଧିଗ୍ରହଣ ବିବାଦ, ୯ଟି ବିଦ୍ୟୁତ, ଜଳ ସଂପର୍କିତ, ୧୦୪ଟି ଶ୍ରମ ଓ ନିୟୋଜନ ସଂପର୍କିତ, ୮ଟି ଚାକିରି, ୧ଲକ୍ଷ ୪୮ ହଜାର ୨୧୨ଟି ରାଜସ୍ୱ ସଂପର୍କିତ ମାମଲା, ୧୬୩୨ଟି ଅନ୍ୟାନ୍ୟ ଦେୱାନୀ ଓ ୭୫୦୭ଟି ଅନ୍ୟାନ୍ୟ ଫୌଜଦାରୀ ମାମଲା, ୧୫୦ଟି ଉପଭୋକ୍ତା ବିବାଦ ମାମଲା ଅନ୍ତର୍ଭୁକ୍ତ। ଏହି ମାମଲା ଗୁଡ଼ିକର ଶୁଣାଣି କରାଯାଇ ଆପୋସ ସହମତି ଆଧାରରେ ଫଏସଲା କରାଯାଇଛି। ପ୍ରାକ୍ ମୋକଦ୍ଦମା ସ୍ତରୀୟ ୧ଲକ୍ଷ ୪ ହଜାର ୨୬୧ଟି ମାମଲା ମଧ୍ୟରୁ ୪ ହଜାର ୧୩୬ଟି ମାମଲା ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ଫଏସଲା କରାଯାଇଛି।

ସେହିଭଳି ୨ଲକ୍ଷ ୧୩ ହଜାର ୩୭୩ଟି ବିଚାରାଧୀନ ମାମଲା ମଧ୍ୟରୁ ୧ଲକ୍ଷ ୬୧ ହଜାର ୫୬୪ଟି ମାମଲା ଆପୋସ ବୁଝାମଣାରେ ଫଏସଲା କରାଯାଇଛି ବୋଲି ଓଡ଼ିଶା ରାଜ୍ୟ ଆଇନସେବା ପ୍ରାଧିକରଣ ପକ୍ଷରୁ ସୂଚନା ମିଳିଛି। ନୂଆଦିଲ୍ଲୀସ୍ଥିତ ନ୍ୟାସନାଲ ଲିଗାଲ ସର୍ଭିସେସ୍ ଅଥରିଟି ନିର୍ଦ୍ଦେଶରେ ରାଜ୍ୟ ଆଇନସେବା ପ୍ରାଧିକରଣ ଆନୁକୂଲ୍ୟରେ ଏହି ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଥିଲା। ହାଇକୋର୍ଟ ସମେତ ରାଜ୍ୟର ସମସ୍ତ ୩୦ଟି ଜିଲ୍ଲାରେ ଥିବା ଜିଲ୍ଲାସ୍ତରୀୟ ଓ ତାଲୁକାସ୍ତରୀୟ ବିଚାର ବିଭାଗୀୟ ଅଦାଲତ ପରିସର ଆଜି ଏହି ଲୋକ ଅଦାଲତ ଅନୁଷ୍ଠିତ ହୋଇଛି। ଲୋକ ଅଦାଲତରେ ଲୋକମାନେ ତ୍ୱରିତ ବିଚାର ପାଇଥାନ୍ତି। ଏହା ଲୋକମାନଙ୍କ ପାଇଁ ଅଯଥା ଖର୍ଚ୍ଚାନ୍ତ ଓ ଦୌଡ଼ାଦୌଡ଼ି ସମୟରୁ ବଞ୍ଚାଇଥାଏ। ଲୋକମାନେ ତ୍ୱରିତ ଆଇନସେବା ପାଉଥିବାରୁ ଲୋକ ଅଦାଲତ ଉପରେ ସେମାନଙ୍କର ନିର୍ଭରଯୋଗ୍ୟ ବିଶ୍ୱସନୀୟତା ବଢୁଛି ଏହା ହିଁ ଆନନ୍ଦର କଥା।

*ଆଇନଜୀବୀ*
*ଓଡ଼ିଶା ହାଇକୋର୍ଟ, କଟକ*
*ଦୂରଭାଷ : ୯୪୩୭୨୨୬୬୪୭*


## ଧାରାବାହିକ ଉପନ୍ୟାସ

### ବିଶୃଙ୍ଖଳ ରାତି ଓ ନୀଳପରୀ



ଡ. ମୌସୁମୀ ପରିଡା

ଭାଗ-୪୭




*(ପୂର୍ବପ୍ରକାଶ ଉତ୍ତାରୁ)*

ଏତେ ପରିମାଣରେ ସ୍ୱାର୍ଥପର ସେ ? ଯାହାହେଉ ଆଜିଠାରୁ ସେ ମୁକ୍ତ ହୋଇଯିବ ସବୁଚିନ୍ତାରୁ ! ପିଲାମାନଙ୍କୁ ସେ ଚାହିଁଲେ ରଖିବ ନହେଲେ ପଠାଇଦେଲେ ବି ଆଉରିବେଶୀ ଆନନ୍ଦିତ ହେବ । ନହେଲେ ଏଭଳି ବିଶୃଂଖଳିତ ମାଆଟି ପାଖରେ ତା ପିଲାମାନେ ଅସୁରକ୍ଷିତ ହୋଇଯିବେ । ସେମାନେ ବି ପିଲା ବୟସରୁ ମାଆର ପଦା ଅନୁସରଣ କରିବେ ! ଭିତରକୁ ଚାହିଁବାକୁ ସଂକୋଚ ଲାଗୁଥିଲା । କିଏ ଜାଣେ କୋଉ ଭଙ୍ଗିରେ ଥିବେ ସେମାନେ !

ଏଇ ଅଧଘଣ୍ଟା ଭିତରେ ପିଲାମାନେ ପହଂଚିଯିବେ । ତୁମେ ଆଉ ବୋର୍ ହେବନି । ହଠାତ୍ ଡ୍ରଇଂ ରୁମକୁ ଚାଲିଆସି କହିଲା ମନିଷା ।

ନା ମୁଁ କହୁଥିଲି ପିଲାମାନଙ୍କ ବିଷୟରେ...ଅନିମେଶଙ୍କୁ କଥାଟିକୁ ସାରିବାକୁ ନଦେଇ ମନିଷା କହିଲା- ଦେଖ, ମୁଁ ବହୁତ୍ ଲିବରାଲ୍ ସେ ଦିଗରେ । ଦୁହେଁଯାକ ଆଉଟିକେ ବଡହୋଇଗଲେ ମାନେ ଦୁଇବର୍ଷ ପରେ ତୁମେ ଚାହିଁଲେ ସେମାନଙ୍କୁ ନେଇଯାଇପାର । ନହଲେ ଏଠି ବି ହ୍ୟୁଜ୍ ଅମ୍ପାୟାର ପଡିଛି । ରହିବାରେ କି ଜୀବନକୁ ମନମୁତାବକ ଜୀଇଁବାରେ ଅଭାବ କିମ୍ବା ଅସୁବିଧା ହେବନି । ତୁମେ ସେ ପାଇଁ ନିଃସନ୍ଦେହ ରୁହ । ଯେବେ ଚାହିଁଲେ ସେମାନଙ୍କୁ ଭେଟିବାକୁ ଆସିପାରିବ । ସେମାନେ ବି ତୁମକୁ ଲାଇକ୍ କରନ୍ତି । ଯାହାହେଲେ ବି ତୁମେ ସେମାନଙ୍କ ଜନ୍ମଦାତା ! ସେକଥାକୁ କେହିକଣ ଅସ୍ୱୀକାର କରିଦେବେ ? ବି ସିଓର୍ !

ତାପରେ ଗଳାଫଟାଇ ତା ରୋଷେୟାକୁ ଡାକିଲା- ମେନନ୍, ସାହେବଙ୍କ ପାଇଁ କିଛି ଜଳଖିଆ ନହେଲେ କୋଲ୍ଡଡ୍ରିଙ୍କ୍ସ ଦେଇଯାଆ । କେୟାର ଟେକର୍‌କୁ କହିଲା- ସାହେବଙ୍କ ଯତ୍ନ ନିଅ । ଯେମିତି ତାଙ୍କର କିଛି ଅସୁବିଧା ନହୁଏ । ତାପରେ ସେ ଚାଲିଗଲା ବାହାରକୁ, ତାର ତଥାକଥିତ ବୟଫ୍ରେଣ୍ଡ ସହିତ । ଅନିମେଶ୍ ଚାହିଁଥିଲେ ତା ଯିବାବାଟକୁ । ଏତେ ଯତ୍ନ ନେବାକୁ ସେ ଅନ୍ୟମାନଂକୁ କହିଦେଇଗଲା । ଅଥଚ ନିଜେ ପରପୁରୁଷ ସହିତ ନିର୍ଭୟ ଓ ବେଧଡକରେ ଚାଲିଗଲା । ଭାବିଲାନି ଡିଭୋର୍ସ ତ ହେବାର ଅଛି । ଆଜିଟା ଅନ୍ତତଃ ଦୁହେଁ ମିଶି ଅତୀତର ପୋଷ୍ଟମର୍ଟମ୍ କରିଥାନ୍ତେ । ଉଭୟ ବନ୍ଧୁଟିଏ ପରି ଉଭୟଂକୁ କିଛି ପରାମର୍ଶ ଦେଇଥାନ୍ତେ ! ଶେଷଥର ପାଇଁ ପିଲା ଓ ସେମାନେ ପରସ୍ପର ଭିତରେ ଜୀଇଁଥାନ୍ତେ ।

ମନିଷା ଆଖିରୁ ଲୁହ ପୋଛିଲା । ଆଜି ମୁଁ କାହିଁକି କେଜାଣି ଖୁବ୍ ଦୁର୍ବଳ ! ଅନିମେଶଙ୍କ ଆଗରେ ଏପରି ଅଭିନୟ କରିନଥିଲେ ବାହାରକୁ ଆସିପାରିନଥାନ୍ତି । ଆଉ କୌଣସି ମତେ ମୋ ଅବଶୋଷ ତାଙ୍କଠାରୁ ଲୁଚାଇ ପାରିନଥାନ୍ତି ।

ତୁମେ ଯଦି ତାଙ୍କୁ ଏତେ ଭଲପାଅ, ତେବେ ଫେରିଯାଉନ କାହିଁକି ତାଙ୍କ ପାଖକୁ ? ସେ ସୌମ୍ୟ ଯୁବକଟି ପ୍ରଶ୍ନ କଲା ।

ଏବେ ସେସବୁ ଅସଂଭବ । ଆମ ଦୁହିଁଙ୍କର ଜୀବନଶୈଳୀ ଭିନ୍ନ, ଜୀବନପ୍ରତି ଦୃଷ୍ଟିଭଂଗୀ ବି ଭିନ୍ନ । କୋଉଠି ନା କୋଉଠି ଫାଟ ବାରମ୍ବାର ସୃଷ୍ଟିହେବ ଏବଂ ସୁବିଧା ପାଇଲେ ସେ ଫାଟ ଆଉରି ବେଶୀ ତାର ପ୍ରଭାବ ବିସ୍ତାର କରିବ ! ମୁଁ ବଂଚିଯାଇପାରିବି । ହେଲେ ସେ ପାରିବେନି । ମୋ ଭିତରେ ବି ସେ ଆଉ କାହାକୁ ଖୋଜନ୍ତି । ମୋତେ ଲାଗେ ସେ ତାଙ୍କ ଅଜାଣତରେ ଅନ୍ୟ କାହାକୁ ପ୍ରେମ କରନ୍ତି ! ତାଙ୍କ ଲକ୍ଷ୍ୟ ମୁଁ ନୁହେଁ କି ନଥିଲି କେବେ । କେବଳ ଗୋଟେ ଆକର୍ଷଣ ସୃଷ୍ଟିହେବାକୁ ଆମେ ପ୍ରେମ ବୋଲି ମାନିନେଇ ବିବାହ କରିଥିଲୁ । ଦିନା କେତେ ଖୁବ୍ ଭଲରେ ଜୀଉଁଥିଲୁ । ସେ ତାଙ୍କ ଆଡୁ ସବୁକିଛି ସୁବନ୍ଦୋବସ୍ତ କରିଥିଲେ ମୋର ସୁବିଧା ପାଇଁ ।

ହେଲେ ମୁଁ କୋଉ ପାରିଲି ? ମୋ ପାଦ ପୂର୍ବଭଳି ଶିଉଳିରେ ଖସିଚାଲିଲା । ଆଉ ମୁଁ ତଳକୁ ବୁଡିଗଲି । ସେ ବି ମୋତେ ଖୁବ୍ ସହ୍ୟକଲେ । ତାଙ୍କ ବାପାମାଆ ବି ସେହି ଦୁଶ୍ଚିନ୍ତାରେ ଚାଲିଗଲେ ସଂସାରରୁ । ସେତେବେଳେ ମୁଁ ନିଜକୁ ଦୋଷୀ ମନେକଲି । ଲାଗିଲା- ପ୍ରକୃତରେ ମୁଁ ଅନ୍ୟାୟ କରୁଛି ସେମାନଙ୍କ ପାଇଁ । ହୁଏତ ତାଂକପାଇଁ ମୁଁ ଯୋଗ୍ୟା ନୁହେଁ । ଅନିମେଶ୍ ଏପରି ଲୋକ ଯିଏ ସେମାନଂକ ଘରର ଚାକରାଣୀକୁ ମାଆ ଭଳି ମନେକରନ୍ତି । *(କ୍ରମଶଃ)*

## ନିଶ୍ଚଳାଙ୍କ କବିତା

### ସମ୍ଭାବନା

ମିନାକ୍ଷୀ ଦ୍ୱିବେଦୀ



ସମ୍ଭାବନାର ଢେଉରେ ଭାସି
ଯେବେ କୂଳରେ ଲାଗିଲି,
ଆଶଙ୍କାରେ ଦଗ୍ଧ ବାଲୁକାରେ
ଧୀରେ ଧୀରେ ଧସି ହୋଇଗଲି,
ଆଶାର ବିଶ୍ୱାସ, ସମ୍ଭାବନାର ନିଃଶ୍ୱାସ ଭିତରେ
ଅହରହ ଜଳୁଥିବା ନିଆଁ ଝୁଲଟିଏ ସତେ ମୁଁ,
ଅସଜଡା ଅନ୍ଧାରକୁ ଚାହିଁଆ କରି ଘୁରି ବୁଲୁଛି,
ଭୟ, ଚିନ୍ତା, ଦୁଃସ୍ୱପ୍ନକୁ ଜୀବନରେ
ସନ୍ଧି କରି ଆଗକୁ ଆଗେଇ ଚାଲିଛି,
ଶହେ ଆଠ ନଡ଼ିଆ, ପୂଜା, ଯପ, ତପ
ଆଉ ବୋଲି ମାନୁ ନାହାନ୍ତି,
ପବନର ଅଣଚାଶ ପାଦଶବ୍ଦ ଶୁଭୁଚି
ମୋ ଶିଥିଳ ଜୀବନର ଜଉଘରେ,
ଯେତେ ପ୍ରୀତି, ଅନୁରାଗ,
କାମନା ଖୋଜୁଛନ୍ତି ନିର୍ବାଣ,
ଦୁର୍ଦ୍ଦିନର ଦିନ ପଶି ଆସିଛି ଲେଉଟାଣି ହୋଇ,
ଅନିଶ୍ଚିତ ଭବିଷ୍ୟତ ନେଇ
ଆଦିଗନ୍ତ ମରୁଭୂମି ଅତିକ୍ରାନ୍ତ କରିବାକୁ ହବ,
ଦୁଃଖର ବଜ୍ରାଘାତରେ ସମୟକୁ
ଆହୁରି ସମୟ ଦେବାକୁ ପଡ଼ିବ,
ତଥାପି ମନରେ ଆଶ୍ୱାସନା ମଝିରେ ମଝିରେ
ଝରକା ଫାଙ୍କରୁ ଉଙ୍କି ମାରୁଛି,
କିଏ ଗୋଟେ କାନ ପାଖରେ ଅହ ରହ
କହୁଅଛି କଳାହାଣ୍ଡିଆ ମେଘ ଓହରି ଯିବ
ସେଇ ଅଣଚାଶ ପବନରେ ଝୁଲି ଝୁଲି,
ରତ୍ନତ୍ରିତୟ ମିୟାନାରେ ଭାଗ୍ୟ ଭୂମିଷ୍ଠ ହେବ,
ପ୍ରଜାପତିର ଛାଇରେ ଶିରୀଷ ପୁଣି କଅଁଳିବ,
ମହଣ ମହଣ ଭାଗ୍ୟର ସ୍ୱୀକୃତ ବୀଜର
ବ୍ୟୁତ୍ପତ୍ତି ହବ ଇନ୍ଦ୍ରଧନୁର ସପ୍ତରଙ୍ଗ ନେଇ,
ସଫଳତାର ମୁଣ୍ଡ ଆଲିଙ୍ଗନ କରି ବାଟ
କଢେଇବ
ସୂର୍ଯ୍ୟାସ୍ତରୁ ସୂର୍ଯ୍ୟୋଦୟ ଯାଏଁ,
ଖାଲି ଟିକେ ଧୈର୍ଯ୍ୟ ଧର ।

*ନିଉ ଦିଲ୍ଲୀ*
*ଦୂରଭାଷ : ୭୯୭୮୦୮୨୮୩୪*

### ଋତୁରାଜ ବସନ୍ତ

ନିରଞ୍ଜନ ସାହୁ

ଆସେ ଋତୁରାଟ ସଜାଇକି ଥାଟ
ଚୌଦିଗେ ଚହଲ ପଡ଼େ
ବସନ୍ତ ବର୍ଣ୍ଣନା କରିବାକୁ କବି
ଭାବନା ରାଜ୍ୟକୁ ଗଡ଼େ ।
ଶୀତ ଯାଏ ଛାଡି ଖରା ଆସେ ମାଡି
ଦିନ ବଢ଼ିବଢ଼ି ଆସେ
କୁସୁମିତ ହୋଇଯାଏ ଜଳସ୍ଥଳ
ମହମହ ହୋଇ ବାସେ
ଦକ୍ଷିଣୁ ବହଇ ମଳୟ ମରୁତ
କଷିକଷି ଆମ୍ବ ଝଡେ ।
କୋଇଲି କଣ୍ଠର କୁହୁତାନ ଶୁଭେ
ବୃକ୍ଷରେ କଅଁଳ ପତ୍ର
ଅବିର ହସଇ ମୁରୁକି ମୁରୁକି
ସର୍ବତ୍ର -- ଅତ୍ର -- ତତ୍ର
ନବ ଉନ୍ମାଦନା ଖେଳିଯାଏ ଅଙ୍ଗେ
ପ୍ରଣୟ ନଈର କଡେ ।
ମଧୁମାସ ହୋଇଉଠେ ମଧୁମୟ
ଷଡ଼ଋତୁ ମଧ୍ୟେ ସାର
କି ଉପମା ଦେଇ ବର୍ଣ୍ଣନା କରିବି
କବି ବୁଦ୍ଧି ଅଟେ ଛାର
ପ୍ରକୃତି ସୁଷମା ଅତି ଅନୁପମା
କଳ୍ପନାକୁ ପୁରା ତଡେ ।

*ନିହଲ ପ୍ରସାଦ, ଗଁଦିଆ ପାଟଣା*
*ଢେଙ୍କାନାଳ*
*ଦୂରଭାଷ : ୯୯୩୮୭୪୧୫୮୩*

## ପିଲାଙ୍କ ଦୁନିଆ





ସୋହନୀ ବେହେରା
ଷ୍ଟାଣ୍ଡାର୍ଡ - ୧
ତପୋବନ ଏକାଡେମୀ
ଟିଟିଲାଗଡ

## 'ସ୍ୱଚ୍ଛ ଦୀପାବଳି'

ଅମରନାଥ ବାରିକ୍





ଝାଟିମାଟିର ସୁନ୍ଦର ଘରଟିଏ । ଘରକୁ ଲାଗି ଏକ ସୁନ୍ଦର ଫୁଲର ବଗିଚା । ଆଉ ଚାରିପଟେ ଉଚ୍ଚା ହୋଇ ପାଚେରି, ଘର ଅଗଣାରେ ତୁଳସୀ ଚଉଁରା । ମା' ଘର ଅଗଣାକୁ ଲିପାପୋଛା କରି ଝୋଟି ଚିତା ଏମିତି ଆଙ୍କିଛନ୍ତି ଯେ ସେ ଚିତା ସତେ ଯେମିତି ମଣିଷ ମାନଙ୍କ ସହିତ କଥା ହେଉଛନ୍ତି । ତା' ଉପରେ ମାଟି ଦୀପମାନ ରଖି ସାରା ଘରଟାକୁ ଏମିତି ସଜାଇଛନ୍ତି ସତେ ଯେମିତି ଆକାଶର ତାରା ମଣ୍ଡଳ । ପୁଣି ତା' ସାଙ୍ଗକୁ ମା' ହାତ ତିଆରି ମଣ୍ଡା, ଆରିଶା, ଚକୁଳି ପିଠା, ଖସା, ମୁଢ଼ି, ଚୁଡ଼ା ନଡ଼ିଆ, ଗୁଡ, ଚିନି, ଛେନା, କ୍ଷୀର ଓ ଘିଅରେ ନିର୍ମିତ ବିଭିନ୍ନ ମିଠାଇ, ଲଡୁ, ମାଳପୁଆ, ଗଜା, ଖଜା, କ୍ଷୀରି, ପୁରି, କଦଳୀ, ସର ଓ ଲହୁଣୀ ଭୋଗ ହୋଇଛି । କାରଣ ଆଜି ହେଉଛି ଆଲୋକର ପର୍ବ ଦୀପାବଳି । ବାପା କ୍ଷେତରୁ ସୁଖିଲା ନଳିତା ଗଛର ପିମ୍ପେଇ ଖାଡ଼ି କାଟି ଆଣିଛନ୍ତି । ଏହି ଅମାବାସ୍ୟା ସନ୍ଧ୍ୟାରେ ସମସ୍ତ ପରିବାର ଲୋକେ ମିଶି ପିମ୍ପେଇ ଜାଳି ପୂର୍ବପୁରୁଷ ମାନଙ୍କୁ ପିଣ୍ଡ ଦାନ କରିବେ ।

ଚଗଲାର ସାଙ୍ଗ ଚଗଲାକୁ କହିଲା, 'ଆରେ ଚଗଲା ତୁ ଆଜି ସନ୍ଧ୍ୟାରେ ଆମ ଘରକୁ ଆଗ ଆସିବୁ, ଆମେ ଦୁହେଁ ମିଶି ବାଣ ଫୁଟାଇ ବହୁତ ମଜା କରିବା । ଆଉ ତା' ପରେ ପୁଣି ତମ ଘରକୁ ଯିବା ।' ଚଗଲା ତା' ସାଙ୍ଗ ଘରକୁ ଯାଇ ଦେଖିଲା ରଙ୍ଗବେରଙ୍ଗ ଆଲୋକମାଳାରେ ସଜା ହୋଇଥାଏ ତାଙ୍କ ଦୁଇ ମହଲା କୋଠା । ବଜାରରୁ ବିଭିନ୍ନ ପ୍ରକାରର ଦାମି ମିଠାଇ ବର୍ଗର ପିଜା କପଡ଼ା ବାରୁଦରେ ତିଆରି ହୋଇଥିବା କେତେ ପ୍ରକାରର ବିଦେଶୀ ବାଣ, ଏମିତିକି ଫାଟିଲେ ବହୁତ ଜୋର ଜୋରରେ ଶବ୍ଦ କରୁଛି । ଭଳିଭଳିକା ରଙ୍ଗୀନ ଧୂଆଁ ବାହାରି ଅନେକ ଡିଜାଇନରେ ଖେଳି ଯାଉଛି, ଏମିତି ଆହୁରି କିଛି । ତାହା ସବୁ ଉପଭୋଗ କରିବା ପରେ ଦୁଇଜଣ ସାଙ୍ଗ ଫେରି ଆସିଲେ ଚଗଲାଙ୍କ ଘରକୁ । ଏବେ ଚଗଲାର ବାପା, ମା', ସମସ୍ତ ପରିବାର; ଚଗଲା ଏବଂ ତା' ସାଙ୍ଗ ମିଳିମିଶି ମହମବତୀ ଦୀପ ଲଗାଇ ଘଣ୍ଟ ଘଣ୍ଟା ବଜାଇ ଦିଅଁ ଦେବତାଙ୍କୁ ପୂଜା କରିବା ପରେ ଅଗଣାରେ ପିମ୍ପେଇ ଖାଡି ଜଳାଇ ବଡ଼ବଡୁଆଙ୍କୁ ଡାକିଲେ । ଶେଷରେ ସମସ୍ତେ ଏକାଠି ବସି ଘରେ ତିଆରି ହୋଇଥିବା ସୁସ୍ୱାଦୁ ଭୋଜନ କରି ପରସ୍ପର ମଧ୍ୟରେ ସ୍ନେହ ସୌହାର୍ଦ୍ଦ୍ୟପୂର୍ଣ୍ଣ ପରିବେଶଟିଏ ସୃଷ୍ଟି କଲେ ।

ସବୁ ସରିବା ପରେ ଚଗଲା ପ୍ରଶ୍ନ କଲା ତା' ବାପାଙ୍କୁ, ଯାହା ଯାହା ଦେଖିକରି ଆସିଥିଲା ତା' ସାଙ୍ଗ ଘରୁ, ସବୁ କଥା କହିଲା । ଶୁଣି ସାରିବା ପରେ ଚଗଲାର ବାପା ଚଗଲାକୁ ଓ ତା' ସାଙ୍ଗକୁ ବୁଝାଇଲେ । ଦେଖ ପିଲାମାନେ ଦୀପାବଳି ଉତ୍ସବ ହେଉଛି ଆଲୋକର ପର୍ବ । ଆମେମାନେ ସମସ୍ତେ ଏହି ପର୍ବରେ ମହମବତୀ ଆଉ ଦୀପ ଜଳାଇ ଅନ୍ଧାର ଦୂର କରିଥାଉ । ସୁଖ ଓ ସମୃଦ୍ଧି ପାଇଁ ଆମକୁ ଦୁନିଆକୁ ଆଣିଥିବା ଆମ ପୂର୍ବପୁରୁଷ ମାନଙ୍କୁ ଏହି ପବିତ୍ର ଦିନରେ ସ୍ମରଣ କରିଥାଉ । ଏହା ବ୍ୟତିତ ଘରେ ତିଆରି ହୋଇଥିବା ଜିନିଷ ମା' ନିଜ ହାତରେ କରିଥିବା ପିଠା ପଣାରେ ଯେଉଁ ସ୍ୱାଦ ଥାଏ ତାହା ବଜାରରୁ ଆସିଥିବା କୌଣସି ଜିନିଷରେ ନଥାଏ । ଆଉ ବାକି ରହିଲା ବାଣ । ବାଣ ଫୁଟାଇବା ଦ୍ୱାରା ସେଥିରୁ ଯେଉଁ ବିଷାକ୍ତ ଧୂଆଁ ନିର୍ଗତ ହୁଏ ତାହା ଆମ ବାୟୁମଣ୍ଡଳକୁ ଦୂଷିତ କରିଥାଏ । ସେହି ବାୟୁକୁ ଆମେ ପ୍ରଶ୍ୱାସ ଆକାରରେ ଗ୍ରହଣ କରିଥାଉ । ଯାହା ଆମ ଶ୍ୱାସ ନଳୀ ରନ୍ଧ୍ର ଉପରେ ପ୍ରଭାବ ପକାଇଥାଏ । ବେଳେବେଳେ ବାରୁଦ ଆମ ହାତରେ ଲାଗିଯାଇ ହାତ ଜଳିଯାଏ ଖଣ୍ଡିଆ ଖାବଡା ହୁଏ । ଆଖିରେ ପଡ଼ିଗଲେ ଆଖି ନଷ୍ଟ ହୋଇଯାଏ । ଆହୁରି ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଲା ବିଜୁଳି ହେଉଛି ଆମ ରାଷ୍ଟ୍ରୀୟ ସମ୍ପଦ, ତାକୁ କେବେ ନଷ୍ଟ କରିବା ନାହିଁ । ଆବଶ୍ୟକ ଅନୁଯାୟୀ ତାହା ବ୍ୟବହାର କରିବା ଅନ୍ୟଥା ନୁହେଁ । ଆମେ ବିଜୁଳି ସଞ୍ଚୟ କରି ରଖିଲେ ଆମ ଆଗାମୀ ପିଢ଼ୀଙ୍କ କାର୍ଯ୍ୟରେ ଲାଗିବ । ତେଣୁ, ଆମେ ସବୁବେଳେ ଏପରି ଅନୁଚିତ କାର୍ଯ୍ୟରୁ ଦୂରେଇ ରହିବା ।

ଏଥର ଚଗଲା ଓ ତା' ସାଙ୍ଗ ଦୁହେଁ ବୁଝିପାରିଲେ । ନିଜେ ସଚେତନ ହେବା ସଙ୍ଗେ ସଙ୍ଗେ ସମାଜରେ ସମସ୍ତଙ୍କୁ ସଚେତନ କରାଇବା ପାଇଁ ପ୍ରତିଶ୍ରୁତି ଦେଲେ । ଆସନ୍ତାଥର ଦୀପାବଳିରେ ବାରୁଦ ବାଣ ବ୍ୟବହାର ନକରି ଦୀପ ଆଉ ମହମବତୀରେ ଦୀପାବଳି ପାଳନ କରିବା ପାଇଁ ସ୍ଥିର କଲେ । ପରିବେଶ ସ୍ୱଚ୍ଛ ରଖିବା ସୁସ୍ଥ ରହିବା ।


*କୟାଁ, ମଙ୍ଗଳପୁର, ଯାଜପୁର*
*ସମ୍ପର୍କ : ୯୫୪୦୩୦୮୦୯୫*

## କବିତାର କଥା

(ଭାଗ-୧୦୭)



ଉମାକାନ୍ତ ରାଉତ



### ସାଂକେତିକତାର ଗଣ୍ଡରେ ବୁଡି ନଯାଉ ଭାବର ମାଧୁର୍ଯ୍ୟ

କହିବାରେ ସଂକୋଚ ନାହିଁ ଯେ ଆଜିକାଲି ଅଧିକାଂଶ କବିତାରେ କିଛି ଅନ୍ତର୍ଦୃଷ୍ଟି, ଲକ୍ଷ୍ୟ, ଅଭିପ୍ରାୟ କି ସନ୍ଦେଶ ନାହିଁ । କେବଳ ମୂକ ମଣିଷଟିଏ ସଂକେତରେ କହିଲା ଭଳି ଯାହା କୁହାଯାଉଛି । ତେଣିକି ଯିଏ ଯାହା ବୁଝୁଛି ବୁଝୁ । ମୂକର ଠାରକୁ ଯଦି କିଏ ବୁଝି ନପାରିଲା ସେଇଟା ବୁଝିବା ଲୋକର ଦୋଷ, ମୂକର ନୁହେଁ । କାରଣ ମୂକର ଇଙ୍ଗିତକୁ ବୁଝିବାପାଇଁ ଆବଶ୍ୟକୀୟ ଦକ୍ଷତା ହୁଏତ ତା'ର ନାହିଁ । ଏହିଭଳି କାକତାଳିୟ ନ୍ୟାୟରେ ଆମର କେଇଜଣ ପଣ୍ଡିତ କବି (ଯେଉଁମାନେ ମଝିରେ ମଝିରେ ଏମିତି ଉଦ୍ଭଟ, ଉତ୍ତେଜକ ତଥା ଚାଞ୍ଚଲ୍ୟକର ସଂକେତ, ଇଙ୍ଗିତ, ଚିତ୍ରକଳ୍ପ ଆଦି ବ୍ୟବହାର କରନ୍ତି ଯେ ତାକୁ ଆମେ ତ ଆମେ ଆମ ଚଉଦପୁରୁଷ ବି ହଜମ କରିପାରିବେ ନାହିଁ !) ତାଙ୍କର କବିତାକୁ ବୁଝିବାପାଇଁ କୁଶଳୀ ପାଠକ (SKILLED READER just like Skilled Labourer, Skilled Worker) ଦରକାର ବୋଲି ସେମାନେ ହାତବାଡେଇ ଘୋଷଣା କରନ୍ତି । ତେଣୁ ଦୋଷ ତାଙ୍କର କି ତାଙ୍କ କବିତାର ନୁହେଁ । ଦୋଷ ଆମର, ଯେହେତୁ ଦକ୍ଷତାର ଅଭାବ । ସେଇମାନଙ୍କ ଉଦ୍ଦେଶ୍ୟରେ ମୋ ଭଳି କମନ୍ ମେନ୍‌ଙ୍କ କବିଟିର ଛାତିରୁ ଚିପୁଡ଼ି ହୋଇ ବାହାରି ଆସେ ....

କବିତା ଲେଖିବ ଏମିତି
ତାକୁ କେହି ବୁଝି ପାରିବେନି ଯେମିତି
ତୋ' କବିତା ଯଦି ସବୁ ବୁଝିନେବେ
ବଡ଼ କବି ହେବୁ କେମିତି ?

ମୂକ ମଣିଷଟିଏ ଜଣାଇବାକୁ ଚାହୁଁଥିବା ତା'ର ଭାବ ଓ ଭାଷାକୁ ଆମେ ଅବିକଳ ବୁଝି ପାରୁଛନ୍ତି କି ନା ତାର ଗ୍ୟାରେଣ୍ଟି କିଏ ଦବ ? ମୂକ ସେସବୁର ସ୍ପଷ୍ଟୀକରଣ, ଟୀକା ଟୀପ୍ପଣୀ ଦେଇପାରିବ କି ? ନା; କାରଣ ସିଏ ମୂକ ଏବଂ ତାର ସମସ୍ତ ପରିପ୍ରକାଶର ସମ୍ବଳ ହିଁ କେବଳ ତାର ସାଂକେତିକତା ।

ଅନେକ ସ୍ଥଳରେ ଆଦୌ ଆବଶ୍ୟକତା ନଥାଇ କେବଳ ପାଣ୍ଡିତ୍ୟ ଓ ବାହାଦୁରୀ ଦେଖାଇବାକୁ ଅଯଥାରେ ଦିଆଯାଉଥିବା ଏହି ସାଂକେତିକତା ଏବର ଅନେକ କବିତାକୁ କେବଳ ମୂକ/ପଙ୍ଗୁ ସଜେଇ ଦେଉନାହିଁ, ଅନେକାଂଶରେ କାବ୍ୟାମୋଦୀର ପାଠକମାନଙ୍କୁ ତା'ଠାରୁ ଦୂରେଇ ଦେଉଛି । ଏହା ଲାଳିତ୍ୟପୂର୍ଣ୍ଣ କଥା କହିବାର ଦକ୍ଷତା ଥିବା ଅନେକ କବିତାକୁ ମୂକ ହେବାକୁ ବାଧ କରୁଛି । ନିଜର ବାହାଦୁରୀ/ବାହାସ୍ଫୋଟପାଇଁ ସ୍ୱତଃ ପ୍ରବାହିତ କବିତା ତଟିନୀର ନାଦମୁହଁରେ ତୁଣ୍ଡି ବାନ୍ଧି ତାକୁ ଠାରରେ କହିବାପାଇଁ ବାଧ କରିବାର ଦୁର୍ବୁଦ୍ଧି ତୁମକୁ କିଏ ଦେଲା ? ସ୍ପଷ୍ଟ କଥାକହିପାରୁଥିବା କବିତାକୁ ସଂକେତରେ ତା'ର କଥା କହିବା ପାଇଁ ବାଧକରିବା ଏକ ଦୋଷାବହ ଧୃଷ୍ଟତା ନୁହେଁ କି ? କବିତା କ'ଣ ଅନ୍ଧ ? କବିତା କ'ଣ ବଧିର ?? କବିତା କ'ଣ ମୂକ ???

ଏକଥା ଶୁଣି ଆଜିର ଅନେକ କବିବନ୍ଧୁ ହୁଏତ ନାକ ଟେକିବେ, ମୋତେ ଆଡ ନୟନରେ ଚାହିଁବେ । ସେମାନଙ୍କ ମତରେ କବିତାର ଗୋଟେ ସଂଦେଶ କ'ଣ , ଦୃଷ୍ଟି କ'ଣ ?

ମୋର କହିବାର କଥା ହେଲା, କବିଟିଏ ଲକ୍ଷ୍ୟ କି ସନ୍ଦେଶ ନେଇ କବିତା ଲେଖିବାକୁ ବସେ ନାହିଁ । ସେମିତିଭାବେ କବିତା ଲେଖାହୋଇପାରେନାହିଁ । ହେଲେ ପ୍ରଚଣ୍ଡ ଅନ୍ତର୍ଧ୍ୱନିସମ୍ପନ୍ନ କବିତା ସ୍ରଷ୍ଟାର ଅଗୋଚରରେ ସ୍ୱୟଂ ଏହାକୁ ସନ୍ଦେଶମଣ୍ଡିତ କରିଦେଇଥାଏ । ଏହାହିଁ କବିତାର କରିସ୍ମା ।

କବିତା ଯେ ଆତ୍ମ ଆବିଷ୍କାରର କାହାଣୀ, ଏଥିରେ ଦ୍ୱିମତ ହେବାର ନାହିଁ । ଯୁଗ ଯୁଗ ଧରି କବି ନିଜକୁ ଖୋଜି ଚାଲିଛି ।ଏହି ଅନ୍ୱେଷଣର ନିଶା ବା ଆବେଗିକ ପରିପ୍ରକାଶର ମୁଖପାତ୍ର ହିଁ କବିତା (ସର୍ଜନା) । ଏହି ସାରସ୍ୱତ ତୃଷା ଓ ସୃଜନସ୍ୱପ୍ନ ବିନା ଜୀବନ ଅଧୁରା । ଏହି ଅନୁସନ୍ଧାନର ପ୍ରକ୍ରିୟା ମଧ୍ୟରେ କବିକୁ ସ୍ୱତଃ ଯେଉଁ ବାଧା/ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼େ ତାହା ମୁଖ୍ୟତଃ ଦୁଇ ପ୍ରକାରର ।

ଗୋଟିଏ ହେଲା ବ୍ୟକ୍ତିଗତ ଓ ଅନ୍ୟଟି ହେଲା ସାମୂହିକ ବା ଜାଗତିକ । ବ୍ୟକ୍ତିକୈନ୍ଦ୍ରିକ ଚିନ୍ତା ଅହଂସୂଚକ/ଅହଂପୂରକ । ସେଥିରେ ଚକାମାଡି ବସିଥାଏ ଅହଂତ୍ୱର ଇନ୍ଦ୍ରପଣ, ପୂର୍ବୋକ୍ତ ମମତ୍ୱର ତଥାକଥିତ ମୁଣ୍ଡିଆଳ ଅବା ଏକ ସୁବିଧାବାଦୀ ଗୌନ୍ତିଆ । ହେଲେ ସାମୂହିକ ଚେତନାଟି ଅହଂଶୂନ୍ୟ ସମଷ୍ଟି ଆଧାରିତ ଚେତନା ବା ସର୍ବଜନହିତାୟ ଦୃଷ୍ଟିଭଙ୍ଗୀ । ଅହଂମୁକ୍ତ ହେଲେ ହିଁ ଜଣେ ଏହି ନିର୍ଲିପ୍ତ ଚେତନାର ଆକାଶରେ ବିଚରଣ କରିପାରିବ ।

ଆଜିର କବି ଆଗରେ ଦୁଇଟି ଆହ୍ୱାନ - ଗୋଟିଏ ପଟେ ଉପଭୋକ୍ତାବାଦୀୟ ଜଗତିକରଣର ଉତ୍କଟ ଅଫିମ ନିଶା, ତ ଆରପଟେ ମାଟି ମାଆ ମମତାର ଅକୃତ୍ରିମ ଡାକ ....ଜଳ ଜମି ଜଙ୍ଗଲର ଆହ୍ୱାନ....ଭୋକ ଭୟ ଭ୍ରଷ୍ଟାଚାରର କରାଳ ଦୃଶ୍ୟ । କବି ସ୍ଥିର କରୁ, ସିଏ ତଥାକଥିତ ଜଗତୀକରଣର ନିଶାରେ ମସଗୁଲ୍ ହୋଇ ମୂକମଣିଷ ଭଳି ଅବୁଝା ଓ ଉଦ୍ଭଟ ସଂକେତର ଠାଣିରେ କବିତାକୁ ଦୁର୍ବୋଧ କରି ବଡ଼ କବିର ବାହାବା ନବ ନା ମାଟିର ଛାତିଛୁଆଁ ଡାକରେ ଅହଂତ୍ୱର ଖୋଳପାରୁ ନିଜକୁ ମୁକ୍ତ କରି ଏକ ପରିବ୍ୟାପ୍ତ ଭୂମିଦୃଷ୍ଟିରେ ନିଜକୁ ସାମିଲ କରିବ ?

କହିବା ବାହୁଲ୍ୟ ଯେ ଭୂମି ବିନା ଭୂମାର କଳ୍ପନା ସମ୍ଭବ କି ? ମାଟିକୁ ଛାଡ଼ି ଜାଗତିକ କି ମହାଜାଗତିକ କଳ୍ପନାର ସ୍ୱପ୍ନ ଦେଖାଯାଇପାରେ କି ? ଏହା ଫୁଲ ନଥାଇ ବାସ୍ନା, ଶରୀର ନଥାଇ ଆତ୍ମା ଥିବାଭଳି କଥା ନୁହେଁ କି ?

ପରିତାପର ବିଷୟ ଅନେକ ଆତସବାଜିୟ କବିତାରେ ମାଟିର ମହକ ନାହିଁ । ସେଥିରେ ଥୋପାଯାଉଥିବା ସଂକେତ, ଚିତ୍ରକଳ୍ପ ଓ ବିମ୍ବାଦି ସହ ଆମର କିଛି ଦେଣନେଣ ନାହିଁ । କବି ନିଜେ ନିଜର ଗୋଟେ ଅଜବ ଦର୍ପଣ ନସାଜି, ସମାଜର ଦର୍ପଣ ହେଲେ ଭୂମି, ଭୂମା ସହ କବି ନିଜେହିଁ ନିଜକୁ ଅବିକଳ ଦେଖିପାରିବ । ହେଲେ ଏଥିପାଇଁ କବିକୁ ବ୍ୟକ୍ତିସର୍ବସ୍ୱ ଖୋଳପାରୁ ମୁକୁଳି ବିଶ୍ୱନାଗରିକର ମେଦିନୀଦୃଷ୍ଟି ଆହରଣ କରିବାକୁ ପଡିବ । ସେତେବେଳେ ତା'ର ପ୍ରତିଟି ସର୍ଜନା ସୁବୋଧ ଓ ସୁଗ୍ରହଣୀୟ ହୋଇପାରିବ । କାରଣ ଅହଂ ଓ ପଣ୍ଡିତପଣିଆର ପଶାପାଲିରୁ ମୁକ୍ତ ହୋଇଥିବାରୁ ଓ ଆତ୍ମପ୍ରଦର୍ଶନର ଭେଳିକିରୁ ବର୍ତ୍ତିଥିବାରୁ, ଅଯଥାରେ ଅଜସ୍ର ଅବୁଝା ସାଂକେତିକତା ଭିତରେ କବିତାର ସ୍ୱରମାଧୁର୍ଯ୍ୟ ଓ ଭାବ ହଜି ନଯାଇ, ତାହା ସୁବୋଧ ଢଙ୍ଗରେ ସଭିଙ୍କୁ ଭାବାଚ୍ଛନ୍ନ କରିବାକୁ ବ୍ରତୀ ହେବ । *(କ୍ରମଶଃ)*

*କଥା ହୁଅନ୍ତୁ : ୯୪୩୭୨୬୭୧୨୫*

# ସ୍ୱତନ୍ତ୍ର ଟୀକାକରଣ ପାଇଁ ଜିଲ୍ଲାସ୍ତରୀୟ ଟାସ୍କଫୋର୍ସ କମିଟି ଗଠିତ



**ଜଗତସିଂହପୁର :** ଜିଲ୍ଲା ସଦର ମହକୁମା ଚିକିତ୍ସାଳୟର ନୂତନ ଓପିଡି ସମ୍ମିଳନୀ ଗୃହରେ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ସ୍ୱତନ୍ତ୍ର ଟୀକାକରଣ କାର୍ଯ୍ୟକ୍ରମର ଦ୍ୱିତୀୟ ଜିଲ୍ଲାସ୍ତରୀୟ ଟାସ୍କଫୋର୍ସ କମିଟି ବୈଠକ ଜିଲ୍ଲାପାଳ ପାରୁଲ ପଟ୍ଟୱାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସମଗ୍ର ରାଜ୍ୟର ୨୩ଟି ଜିଲ୍ଲା ମଧ୍ୟରୁ ଜଗତସିଂହପୁର ଜିଲ୍ଲାର ବିରିଡି, ବାଲିକୁଦା, ନାଉଗାଁ, ଏରସମା ଓ ତିର୍ତ୍ତୋଲ ବ୍ଲକରେ ସମ୍ପୂର୍ଣ୍ଣ ଟୀକାକରଣ ଜନ୍ମରୁ ୧୫ବର୍ଷ ମଧ୍ୟରେ ଶତକଡା ୮୫ ପ୍ରତିଶତ କମ୍ ହେବା କାରଣରୁ ଏଠାରେ ଫେବୃଆରୀ ଓ ମାର୍ଚ୍ଚ ମାସରେ ସ୍ୱତନ୍ତ୍ର ଭାବେ ଟୀକାକରଣ କରିବାର ବ୍ୟବସ୍ଥା କରାଯାଇଛି। ବିଶେଷ କରି ଜନ୍ମର ୨ବର୍ଷ ମଧ୍ୟରେ କୌଣସି ଟୀକା ନନେଇଥିଲେ ଡିପିଟି ବୁଷ୍ଟର ଡୋଜ ଏବଂ କୌଣସି ଗର୍ଭବତୀ ମହିଳା ଟୀକା ନନେଇଥିଲେ ସେମାନଙ୍କୁ ଏହି କାର୍ଯ୍ୟକ୍ରମରେ ସାମିଲ କରାଯିବ। ଫେବୃୟାରୀ ମାସରେ ୧୦, ୧୧, ୧୩, ୧୪, ୧୬, ୧୭, ୧୮ ତାରିଖରେ ମାର୍ଚ୍ଚ ମାସରେ ୧୧, ୧୩, ୧୪, ୧୬, ୧୭, ୧୮ ଓ ୨୦ ତାରିଖରେ ସ୍ୱତନ୍ତ୍ର ଟୀକାକରଣ ଅଭିଯାନ କରାଯିବ। ଗୋଷ୍ଠୀ ତରାୟ ଆଶା, ଅଙ୍ଗନୱାଡି ଓ ମହିଳା ସ୍ୱାସ୍ଥ୍ୟକର୍ମୀମାନେ ଘରକୁ ଘର ବୁଲି ପ୍ରତ୍ୟେକ ପିଲା ଅନୁଯାୟୀ ଠିକ୍ ଭାବରେ ଦେଖିବାପାଇଁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ନିର୍ଦ୍ଦେଶ ଅନୁଯାୟୀ ପୁନଃ ଟୀକାକରଣ ୯୦ ପ୍ରତିଶତ ହେବାକୁ ପ୍ରତ୍ୟେକ ବ୍ଲକର ଉପସ୍ଥିତ ସୁପରିଟେଣ୍ଡେଣ୍ଟ ମାନଙ୍କୁ ପରାମର୍ଶ ଦେଇଥିଲେ। ଯେଉଁ ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀମାନେ ଏହି କାର୍ଯ୍ୟକ୍ରମରେ ଭଲ ପ୍ରଦର୍ଶନ କରିବେ ସେମାନଙ୍କୁ ବିଭିନ୍ନ ଜାତୀୟ ଦିବସ, ସ୍ୱାଧୀନତା ଦିବସ, ସାଧାରଣତନ୍ତ୍ର ଦିବସ, ଉତ୍କଳ ଦିବସ, ଓ ଆର୍ନ୍ତଜାତୀୟ ମହିଳା ଦିବସ ମାନଙ୍କରେ ସମ୍ବର୍ଦ୍ଧିତ କରାଯିବ। ଜିଲ୍ଲାପାଳ ବୈଠକରେ ସମ୍ପୂର୍ଣ୍ଣ ଟୀକାକରଣ ବାବଦରେ ସମୀକ୍ଷା କରିଥିଲେ। ଏହି ବୈଠକରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା.କ୍ଷେତ୍ରବାସୀ ଦାଶ, ଜିଲ୍ଲା ଶିକ୍ଷା ଅଧିକାରୀ ନିରଞ୍ଜନ ବେହେରା, ଜନସ୍ୱାସ୍ଥ୍ୟ ଅଧିକାରୀ ଡା.ଶତ୍ରୁଘ୍ନ ଦାଶ, ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଡା.ପ୍ରମୋଦ କୁମାର ବାରିକ, ଏଡିଏମଓ ମେଡିକାଲ ଡା.ନିମାଇଁ ଚରଣ ନାୟକ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ, ଅତିରିକ୍ତ ସମାଜ ମଙ୍ଗଳ ଅଧିକାରୀ ଲୋଚନ ପୃଷ୍ଟି, ଡିପିଏମ୍ ଚନ୍ଦ୍ରଧର ଜେନା, ଏଡିପିଏଚ୍ଓ ଶଙ୍କର ମହାନ୍ତି ଓ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର କ୍ଷେତ୍ର କର୍ମଚାରୀ ସୁବାଶିଷ ଦାଶ ଏବଂ ଜିଲ୍ଲା ସ୍ତରୀୟ ସମସ୍ତ କର୍ମଚାରୀମାନେ ଉପସ୍ଥିତ ଥିଲେ। ସମୁଦାୟ ୩୦୩ଜଣ ପିଲା ଏହି ସ୍ୱତନ୍ତ୍ର ଟୀକାକରଣ ବ୍ୟବସ୍ଥାରେ ସାମିଲ ହେବାପାଇଁ ଚିହ୍ନଟ କରାଯାଇଛି ଏବଂ ୩୩ଜଣ ଗର୍ଭବତୀ ମହିଳାଙ୍କୁ ଟୀକାପ୍ରଦାନ କରାଯିବ। ସେହିପରି ୧୮୯ଟି ଟୀକାକରଣ ସେଶନ କରାଯିବ ବୋଲି ବୈଠକରେ ନିଷ୍ପତି ଗ୍ରହଣ କରାଯାଇଥିଲା। ଶେଷରେ ଡେପୁଟି ମ୍ୟାନେଜର ସୁକାନ୍ତ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଓଡ଼ିଶାକୁ ...

ପେଟ୍ରୋଲିୟମ୍ ଉତ୍ପାଦକୁ ଜିଏସ୍‌ଟିରେ ସାମିଲ କରିବା ଲାଗି ଆରମ୍ଭରୁ ପ୍ରସ୍ତାବ ରହିଛି। କେବଳ କେଉଁ ହାରରେ ଜିଏସ୍‌ଟି ଲାଗିବ, ତାହା ଧାର୍ଯ୍ୟ ହୋଇପାରୁନି। ଏ ସଂପର୍କରେ ନିଷ୍ପତ୍ତି ଗ୍ରହଣ କରିବାର ଦାୟିତ୍ୱ ଜିଏସ୍‌ଟି କାଉନସିଲର। ଯେଉଁଥିରେ ସବୁ ରାଜ୍ୟର ଅର୍ଥମନ୍ତ୍ରୀ ସଦସ୍ୟ ଅଛନ୍ତି ବୋଲି ନିର୍ମଳା କହିଛନ୍ତି। ଉଜ୍ଜ୍ୱଳା ଯୋଜନାରେ କମ ଅର୍ଥ ବ୍ୟୟ ବରାଦ ପ୍ରସଙ୍ଗରେ ଅର୍ଥମନ୍ତ୍ରୀ କହିଛନ୍ତି, ଏହା କେନ୍ଦ୍ରର ସବୁଠାରୁ ଭଲ ଯୋଜନା। ଦେଶର ସମସ୍ତ ଟାର୍ଗେଟ ସଂଖ୍ୟକ ହିତାଧିକାରୀଙ୍କୁ ନୂଆ ସିଲିଣ୍ଡର ଦିଆସରିଛି। ଗରିବ ଲୋକ ଏହି ଯୋଜନାରେ ଅଧିକ ଲାଭବାନ ହୋଇଛନ୍ତି। ଏହା କେବଳ ନୂଆ ସଂଯୋଗ ପ୍ରଦାନ ଲାଗି ଉଦ୍ଦିଷ୍ଟ। ଏହା ଗ୍ରାହକଙ୍କୁ ସବ୍ସିଡ ପ୍ରଦାନ ପାଇଁ ନୁହେଁ ବୋଲି ଅର୍ଥମନ୍ତ୍ରୀ କହିଛନ୍ତି। ବଜେଟରେ ପିଏମ୍ ବିଶ୍ୱକର୍ମା ଯୋଜନାକୁ ନେଇ ଅର୍ଥମନ୍ତ୍ରୀ କହିଛନ୍ତି, ପିଏମ ବିଶ୍ୱକର୍ମା ଯୋଜନାରେ ସବୁଠୁ ଅଧିକ ଲାଭବାନ ହେବ ଓଡ଼ିଶା କାରିଗର। ଓଡ଼ିଶାର ପଟ୍ଟଚିତ୍ର କାରିଗର, ପଥର ଶିଳ୍ପୀ ଅଧିକ ଲାଭ ପାଇବ। ସମ୍ବଲପୁରୀ ଶାଢ଼ି ମୋତେ ବହୁତ ଭଲ ଲାଗେ। ମୋର ୱାର୍ଡରୋବରେ ଥିବା ଅଧିକାଂଶ ଶାଢ଼ୀ ସମ୍ବଲପୁରୀ। ବମକାଇ, କଟକି ଶାଢ଼ୀ ମଧ ମୋତେ ଭଲ ଲାଗେ। ଏବେ ବି ମୁଁ ଏସବୁ ଶାଢ଼ୀ କିଣୁଛି ବୋଲି ଅର୍ଥମନ୍ତ୍ରୀ କହିଛନ୍ତି। ସେହିପରି ଅମୃତକାଳ ପାଇଁ ମୂଳଦୁଆ ପକାଇବ ଚଳିତ ବର୍ଷ ବଜେଟ। ଭୁବନେଶ୍ୱରରେ ବଜେଟ ପରବର୍ତ୍ତୀ ଆଲୋଚନାଚକ୍ରରେ ଯୋଗ ଦେଇ ଏହା କହିଛନ୍ତି କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ। ଅର୍ଥମନ୍ତ୍ରୀ କହିଛନ୍ତି, ୨୦୨୩-୨୪ ବଜେଟ ଅମୃତକାଳର ପ୍ରଥମ ବଜେଟ। ଏଥିରେ କ୍ୟାପିଟାଲ ଇନଭେଷ୍ଟମେଣ୍ଟ ପାଇଁ ୧୦ ଲକ୍ଷ କୋଟି ବ୍ୟୟବରାଦ ହୋଇଛି। ରାଜ୍ୟଗୁଡ଼ିକ ଲାଗି ୫୦ ବର୍ଷ ଲାଗି ବିନା ସୁଧରେ ଋଣ ବ୍ୟବସ୍ଥା କରାଯାଇଛି।

### ବର୍ଷକରେ ...

୩୫.୪୦କୋଟି ଟଙ୍କା ଖର୍ଚ୍ଚ କରିଛି। ସେହିପରି ଓଡ଼ିଶାରେ କ୍ଷମତାସୀନ ବିଜେଡି ମୋଟ ୩୦୭.୨୮କୋଟି ଟଙ୍କା ପାଇଥିବାବେଳେ ଏହି ଅବଧିରେ ୨୮.୬୩କୋଟି ଟଙ୍କା ଖର୍ଚ୍ଚ କରିଛି। ଏଥିରେ ବିଜେଡିକୁ ୨୯୧କୋଟି ଟଙ୍କାର ରାଜନୀତିକ ଚାନ୍ଦା ମିଳିଛି। ସେହିପରି ୨୦୨୧-୨୨ରେ ତେଲେଙ୍ଗାନାରେ କ୍ଷମତାସୀନ ଟିଆରଏସ୍ ୨୧୮.୧୧କୋଟି ଟଙ୍କା ପାଇଥିବାବେଳେ ସେଥିରୁ ୨୭.୯୩କୋଟି ଟଙ୍କା ଖର୍ଚ୍ଚ କରିଛି। ଦିଲ୍ଲୀରେ କ୍ଷମତାସୀନ ଆମ ଆଦମୀ ପାର୍ଟି ୪୪.୫୩କୋଟି ଟଙ୍କା, ଆନ୍ଧ୍ରପ୍ରଦେଶରେ କ୍ଷମତାସୀନ ୱାଇଏସଆର କଂଗ୍ରେସ ୯୩.୭୨କୋଟି ଟଙ୍କା, ବିହାରରେ ଶାସକ ଦଳ ଜେଡିୟୁ ୮୬.୫୫କୋଟି ଟଙ୍କା ଓ ଆରଜେଡି ୧.୯୭କୋଟି ଟଙ୍କା ପାଇଥିବାବେଳେ ଶିରୋମଣି ଅକାଲୀ ଦଳ ୨୫.୪୧କୋଟି ଟଙ୍କା, ତେଲଗୁ ଦେଶମ ପାର୍ଟି ୬୦.୨୮କୋଟି ଟଙ୍କା, ଏଆଇଡିଏମକେ ୨୫.୨୬କୋଟି ଟଙ୍କା, ସମାଜବାଦୀ ପାର୍ଟି ୬୧.୦୧ କୋଟି ଟଙ୍କା ରାଜସ୍ୱ ସଂଗ୍ରହ କରିଛନ୍ତି। ଏଥିରେ ୮୦ରୁ ୯୦ ପ୍ରତିଶତ ପାଣ୍ଠି ସମ୍ପୃକ୍ତ ଆଂଚଳିକ ଦଳଗୁଡ଼ିକୁ ରାଜନୀତିକ ଚାନ୍ଦା ଆକାରରେ ମିଳିଛି। ସୂଚନାଯୋଗ୍ୟ, ଏଡିଆର ରିପୋର୍ଟ ଅନୁସାରେ ୨୦୨୧-୨୨ ଆର୍ଥିକ ବର୍ଷରେ ଓଡ଼ିଶାରୁ ଜାତୀୟ ଦଳଗୁଡ଼ିକୁ ମୋଟ ୩ କୋଟି ୧୧ଲକ୍ଷ ଟଙ୍କାର ଚାନ୍ଦା ମିଳିଛି। ସେଥିରୁ କଂଗ୍ରେସ ନେତା ନିରଞ୍ଜନ ପଟ୍ଟନାୟକଙ୍କ ୨କୋଟି ଟଙ୍କା ସହ କଂଗ୍ରେସକୁ ସର୍ବାଧିକ ୨.୨୩କୋଟି ଟଙ୍କା ଚାନ୍ଦା ମିଳିଥିବାବେଳେ ବିଜେପିକୁ ୭୯.୨୦ଲକ୍ଷ ଟଙ୍କା, ଏନସିପିକୁ ୫ଲକ୍ଷ ଟଙ୍କା, ସିପିଆଇଏମକୁ ୧ଲକ୍ଷ ଟଙ୍କା ଓ ସିପିଆଇକୁ ୨୯ଲକ୍ଷ ଟଙ୍କାର ଚାନ୍ଦା କେବଳ ଓଡ଼ିଶାରୁ ଯାଇଛି। ଜାତୀୟ ଦଳଗୁଡ଼ିକୁ ମିଳିଥିବା ଏହି ମୋଟ ୩.୧୧କୋଟି ଟଙ୍କାର ଚାନ୍ଦାରୁ କର୍ପୋରେଟ ସେକ୍ଟରରୁ ମାତ୍ର ୫୯.୧୭ଲକ୍ଷ ଟଙ୍କା ଓ ବ୍ୟକ୍ତିଗତସ୍ତରରେ ୨.୪୯କୋଟି ଟଙ୍କା ଚାନ୍ଦା ଆକାରରେ ପ୍ରଦାନ କରାଯାଇଥିବା ଜଣାପଡ଼ିଛି। ୨୦୨୦-୨୧ରେ କଂଗ୍ରେସକୁ ୯୫.୪୬କୋଟି ଟଙ୍କା ଓ ବିଜେପିକୁ ୬୧୪.୬୩କୋଟି ଟଙ୍କାର ରାଜନୀତିକ ଚାନ୍ଦା ମିଳିଥିବା ଜଣାପଡ଼ିଛି।

### କେନ୍ଦ୍ରକୁ ...

ସିଜେଆଇ କହିଛନ୍ତି। ଏହି ମାମଲାରେ କୌଣସି କାର୍ଯ୍ୟରତ ବିଚାରପତିଙ୍କ ଅଧୀନରେ ତଦନ୍ତ କମିଟି ହେବ ନାହିଁ ବରଂ ଅବସରପ୍ରାପ୍ତ ବିଚାରପତିଙ୍କ ନେତୃତ୍ୱରେ କମିଟି ତିଆରି ହେବ ବୋଲି ସେ କହିଛନ୍ତି। ଆମେରିକାର ହିଣ୍ଡେନବର୍ଗ ରିପୋର୍ଟ ଆସିବା ପରେ ଆଦାନୀରେ ନିବେଶ କରିଥିବା ବ୍ୟକ୍ତି କ୍ଷତିରେ ପଡିଛନ୍ତି। ବଜାରରେ ଅସ୍ଥିରତା ଦେଖାଦେଇଛି। ଏହାକୁ ଗୁରୁତର ସହ ଗ୍ରହଣ କରି ଫେବୃଆରୀ ୧୦ରେ ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କୁ ଜଣେ ପୂର୍ବତନ ବିଚାରପତିଙ୍କ ନେତୃତ୍ୱରେ କମିଟି ଗଠନ କରିବାକୁ ପ୍ରସ୍ତାବ ଦେଇଥିଲେ। ଯାହା ନିୟନ୍ତ୍ରଣ ବ୍ୟବସ୍ଥାକୁ ଆହୁରି ମଜବୁତ କରିପାରିବ। ଏହି ମାମଲାରେ ଏପର୍ଯ୍ୟନ୍ତ ୪ଟି ପିଟିସନ ସର୍ବୋଚ୍ଚ ନ୍ୟାୟାଳୟରେ ଦାଖଲ କରାଯାଇଛି। ଜଣେ ସାମାଜିକ କର୍ମୀ ବୋଲି ଦାବି କରୁଥିବା ଓକିଲ ଏମ.ଏଲ୍ ଶର୍ମା, ବିଶାଳ ତିୱାରୀ, କଂଗ୍ରେସ ନେତା ଜୟା ଠାକୁର ଏବଂ ମୁକେଶ କୁମାରଙ୍କ ତରଫରୁ ଏହି ପିଟିସନ ଦାଖଲ ହୋଇଛି। ଏହି ମାମଲାର ପ୍ରଥମ ଶୁଣାଣି ଶୁକ୍ରବାର (ଫେବୃଆରୀ ୧୦) ପ୍ରଧାନ ବିଚାରପତି ଡିୱାଇ ଚନ୍ଦ୍ରଚୂଡ଼ ଏବଂ ଜଷ୍ଟିସ୍ ପିଏସ୍ ନରସିଂହା ଏବଂ ଜେ.ବି ପାରଦୀୱାଲା କରିଥିଲେ। ଦ୍ୱିତୀୟ ଶୁଣାଣି ସୋମବାର (ଫେବୃଆରୀ ୧୩) ହୋଇଥିଲା।

### ସତ କ'ଣ ...

ହସଖୁସିରେ ବଞ୍ଚେ ଗୋପାଳ ମଧ ସେଭଳି ବଞ୍ଚୁଛି। ଜେଲର ଚାରିକାନ୍ଥରେ ଥାଇ ମଧ ସେ ଖବରକାଗଜ ପଢୁଛି, ଟିଭି ଦେଖୁଛି ଓ ନିଜ ମନ ପସନ୍ଦର ଖାଦ୍ୟ ଖାଉଛି। ନବଙ୍କୁ ହତ୍ୟା କରିଥିବାରୁ ଗୋପାଳ ମନରେ ସାଧାରଣ ଅନୁଶୋଚନା ମଧ ନାହିଁ। ତେବେ ପ୍ରଶ୍ନ ଉଠୁଛି ଏଭଳି ଜଣେ ସାଧାରଣ ମଣିଷ ନବଙ୍କ ପରି ଟାଣୁଆ ନେତାଙ୍କୁ ହତ୍ୟା କଲା କିପରି ? ନବଙ୍କ ହତ୍ୟା ପଛରେ ଏକ ବିରାଟ ଷଡଯନ୍ତ୍ର ଥିବା କଥା ପ୍ରଥମେ ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର କହିଥିଲେ। ଏହି ପ୍ରସଙ୍ଗରେ ବରିଷ୍ଠ ନେତା ବିଜୟ ମହାପାତ୍ରଙ୍କ ସମେତ ନିକଟରେ କଂଗ୍ରେସରେ ଯୋଗ ଦେଇଥିବା ପୂର୍ବତନ ଆଇଏଏସ୍ ବିଜୟ ପଟ୍ଟନାୟକ ମଧ ସମାନ କଥା କହିଛନ୍ତି। ବିଜୟ କହିଛନ୍ତି ଯେ, ଗୋପାଳ ହତ୍ୟାକାରୀ ନୁହେଁ। ତେବେ ହତ୍ୟାକାରୀ କିଏ ? ନବ ଦାସଙ୍କ ହତ୍ୟାକାଣ୍ଡକୁ ନେଇ ସାଧାରଣ ଲୋକଙ୍କ ମନରେ ଏମିତି ଅନେକ ପ୍ରଶ୍ନ ସୃଷ୍ଟି ହୋଇଛି। ଘଟଣାର ତଦନ୍ତ ଦାୟିତ୍ୱ ନେଇଥିବା କ୍ରାଇମ୍‌ବ୍ରାଞ୍ଚ ପାଇଖାନା ଟାଙ୍କିରୁ ଉଦ୍ଧାର କରିଥିବା ଟୁକୁଡା କାଗଜରେ କ'ଣ ଲେଖାହୋଇଥିଲା ତାହା ଏଯାଏଁ ସ୍ପଷ୍ଟ କରିନାହିଁ। ୪ଦିନ ପାଣି ଭିତରେ ବତୁରି ଥିବା ଟୁକୁଡା କାଗଜରେ କ'ଣ ନବଙ୍କ ହତ୍ୟାକାଣ୍ଡର ଅସଲ ତଥ୍ୟ ଥିଲା କି ? ତେବେ ହତ୍ୟା ପଛର ଷଡଯନ୍ତ୍ର ଦିଗଟିକୁ ତଦନ୍ତକାରୀ ସଂସ୍ଥା ଗୁରୁତ୍ୱ ଦେଉଛନ୍ତି ନା' କେବଳ ଗୋପାଳକୁ ନାର୍କୋ ଟେଷ୍ଟ ପାଇଁ ତଦନ୍ତ ସାରି ଦେଇଛନ୍ତି ତାହା ଜଣାପଡିନାହିଁ। ଗୋପାଳ ନିଜେ ସ୍ୱୀକାର କରିଛି ଯେ, ସେ ହିଁ ଗୁଳି କରି ନବ ଦାସଙ୍କୁ ମାରିଛି। ଘଟଣା ପରେ ଗୋପାଳଙ୍କ ପତ୍ନୀ କହିଥିଲେ ଯେ, ଗୋପାଳଙ୍କର ମାନସିକ ରୋଗ ରହିଛି ଏବଂ ଏଥିପାଇଁ ସେ ଚିକିତ୍ସିତ ହେଉଥିଲେ। ପ୍ରଶ୍ନ ଉଠୁଛି ଜଣେ ମାନସିକ ରୋଗୀ ସୁରକ୍ଷା ଦାୟିତ୍ୱରେ ରହିପାରିବେ କି ? ଏଭଳି ଅସଂଖ୍ୟ ପ୍ରଶ୍ନ ମନ୍ତ୍ରୀ ନବ ଦାସଙ୍କ ହତ୍ୟାକାଣ୍ଡକୁ ନେଇ ଉଠିଛି। ସାଧାରଣରେ ଆଲୋଚନା ହେଉଛି ଯେ, ଘଟଣା ଉପରୁ କ୍ରାଇମ୍‌ବ୍ରାଞ୍ଚ ପରଦା ହଟାଇ ପାରିବ ନା ଧୀରେ ଧୀରେ ତଦନ୍ତ ଶିଥିଳ ହୋଇଯିବ।

### ୪,୫୦୦ ନିଯୁକ୍ତି ...

ବ୍ୟାପକ ସୁବିଧା ସୁଯୋଗ ବିଷୟରେ କହିଥିଲେ। ଓଡ଼ିଶା ଏବେ ବିଭିନ୍ନ କ୍ଷେତ୍ରରେ ଆତ୍ମନିର୍ଭର ହୋଇଛି। ରାଜ୍ୟରେ ନିବେଶ ପାଇଁ ସରକାରଙ୍କ ପକ୍ଷରୁ ଅନୁକୂଳ ବାତାବରଣ ସୃଷ୍ଟି କରାଯାଉଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଉଦଘାଟନ ପରେ ସୁନ୍ଦରଗଡ଼ ଆଇଏଫଜିଏଲ କାରଖାନା ସଂପ୍ରସାରିତ ହେବ। ଏଥିପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ୬୦ କୋଟି ଟଙ୍କା ବ୍ୟୟରେ କାରଖାନାର ସମ୍ପ୍ରସାରଣ କରାଯିବ। ଏଥିରେ ୪୫୦ ନିଯୁକ୍ତି ସୁଯୋଗ ସୃଷ୍ଟି କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ଶିଳ୍ପର ଅଭିବୃଦ୍ଧି ସହିତ ସ୍ଥାନୀୟ ଯୁବକ ଓ ଯୁବତୀଙ୍କୁ କର୍ମ ନିଯୁକ୍ତି ମିଳିପାରିବ। ରାଜ୍ୟ ସରକାରଙ୍କ ଏହି ଉଦ୍ୟମକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଯାଇଛି। ଏଥିପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଇଛନ୍ତି ସୁନ୍ଦରଗଡ଼ବାସୀ। ଆଠଗଡ ଖୁଣ୍ଟୁଣୀ ଠାରେ ନବନିର୍ମିତ ସୁପ୍ରିମ ଇଣ୍ଡଷ୍ଟ୍ରି କମ୍ପାନୀକୁ ଉଦ୍‌ଘାଟନ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଖୁଣ୍ଟୁଣୀ ଠାରେ ଏହି କଂପାନୀରେ ପାଇପ ଓ ଫିଟିଂ ସରଞ୍ଜାମ ପ୍ରସ୍ତୁତ କରାଯିବ।

### କେନ୍ଦ୍ରର ପଞ୍ଚାୟତ ...

ମିଶନ ଶକ୍ତି ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ ଆସି ସଫଳ ହୋଇପାରୁଛନ୍ତି ତେବେ ଅନ୍ୟ ମହିଳାମାନେ କାହିଁକି ସଫଳ ନହେବେ। ଗ୍ରାମାଞ୍ଚଳରେ ୭୦%ରୁ ଅଧିକ ଲୋକ ବାସ କରୁଥିବାବେଳେ ମହିଳାଙ୍କ ସଂଖ୍ୟା ଅଧିକ। ଗାଁରେ ରାସ୍ତା, ପାନୀୟଜଳ, ଘର, ବ୍ୟାଙ୍କ ଖାତା, ରୋଜଗାର ସମେତ ମୌଳିକ ବ୍ୟବସ୍ଥା ସୁଦୃଢ଼ ହେଲେ ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକ ସଶକ୍ତ ହେବେ। ଚଳିତ ବଜେଟରେ ମହିଳାଙ୍କୁ ଉଦ୍ୟୋଗୀ କରିବା ପାଇଁ ଅନେକ ଯୋଜନା ହୋଇଛି। ପଞ୍ଚାୟତିରାଜ ପ୍ରତିନିଧିମାନେ ଦିଲ୍ଲୀରେ ହେଉଥିବା ଯୋଜନାକୁ ନବୁଝିବେ, ସେପର୍ଯ୍ୟନ୍ତ ତାହା କେବଳ ଯୋଜନାରେ ସୀମିତ ହୋଇ ରହିଯିବ। ଗାଁର ବିକାଶ ହେଲେ ହିଁ ମହିଳା ଓ ଶିଶୁଙ୍କ ବିକାଶ ସମ୍ଭବପର ହୋଇପାରିବ। ଓଡ଼ିଶାରେ ନବଜାତ ଶିଶୁ ଓ ମହିଳାଙ୍କ ସ୍ୱାସ୍ଥ୍ୟବସ୍ଥା ଭଲ ନଥିବା କହି ଶ୍ରୀ ପ୍ରଧାନ ଉଦବେଗ ବ୍ୟକ୍ତ କରିଛନ୍ତି। ଏନଏଫଏଚଏସ୍ ସର୍ଭେ ଅନୁସାରେ ରାଜ୍ୟର ୧୯% ନବଜାତ ଶିଶୁଙ୍କର କମ୍ ଓଜନ ଥିବାବେଳେ ୩୧% ପୃଷ୍ଟିହୀନର ଶିକାର। ୧୮% ଉଚ୍ଚତା କମ୍ ଓ ୬୦%ରୁ ଅଧିକ ଶିଶୁ ଓ ଗର୍ଭବତୀ ମହିଳା ରକ୍ତହୀନତାରେ ପୀଡ଼ିତ, ଯାହା ଚିନ୍ତାଜନକ। ଓଡ଼ିଶା ଭାଷାଭିତ୍ତିକ ରାଜ୍ୟ ଗଠନର ୧୦୦ବର୍ଷ ପୂରଣ କରିବ ଓ ୨୫ବର୍ଷ ପରେ ଦେଶ ସ୍ୱାଧୀନତାର ୧୦୦ବର୍ଷ ପୂରଣ କରିବ। ଏବେଠୁ ଶିଶୁ ଓ ମହିଳାଙ୍କ ସ୍ୱାସ୍ଥ୍ୟବସ୍ଥା ପ୍ରତି ଧ୍ୟାନ ନଦେଲେ ଓଡ଼ିଶା ସମୃଦ୍ଧଶାଳୀ ହେବ ନାହିଁ। କେନ୍ଦ୍ର ସରକାରଙ୍କ ସହଯୋଗରେ ଶିଶୁ ଓ ମହିଳାଙ୍କୁ ପୋଷଣଯୁକ୍ତ ଖାଦ୍ୟ ପ୍ରଦାନ ଓ ସ୍ୱାସ୍ଥ୍ୟ ସମସ୍ୟାକୁ ହ୍ରାସ ନିମନ୍ତେ ହେଉଥିବା ଯୋଜନାର ସଠିକ କାର୍ଯ୍ୟକାରିତା ପାଇଁ ରାଜ୍ୟ ସରକାର ଦାୟିତ୍ୱ ନେବାକୁ ସେ ପରାମର୍ଶ ଦେଇଥିଲେ। ଶ୍ରୀ ପ୍ରଧାନ ଏହି ଅବସରରେ ଓଡ଼ିଶାରେ ମହିଳା ଓ ଶିଶୁଙ୍କ ସହ ଜଡ଼ିତ ଯୋଜନାରେ ମୋଦି ସରକାର ପ୍ରାୟ ୧.୮୨ଲକ୍ଷ କୋଟି ଟଙ୍କା ଖର୍ଚ୍ଚ କରୁଥିବାର ହିସାବ ଦେଇଛନ୍ତି। ରାଜ୍ୟରେ ପିଏମଶ୍ରୀ ଯୋଜନା ଲାଗୁ ପାଇଁ ରାଜ୍ୟ ସରକାରଙ୍କୁ ସେ ଅନୁରୋଧ କରିଛନ୍ତି। ଏହାଦ୍ୱାରା ଓଡ଼ିଶାରେ ଅଧିକ ୮୦୦ଟି ସ୍କୁଲ ଆସିବ ଓ ଏବାବଦରେ ୧୬୦୦କୋଟି ଟଙ୍କା ମିଳିବ। କିନ୍ତୁ ରାଜ୍ୟ ସରକାର ଏପର୍ଯ୍ୟନ୍ତ ଏମଓୟୁ ସ୍ୱାକ୍ଷର କରୁନାହାନ୍ତି। ଶ୍ରୀ ପ୍ରଧାନ ଏହି ପିଏମଶ୍ରୀ ଯୋଜନାକୁ ଲାଗୁ କରିବା ସହ ରାଜ୍ୟ ସରକାର ଓ ପଂଚାୟତ ପ୍ରତିନିଧିମାନଙ୍କୁ ମୋଟ ୮ଟି ପ୍ରସ୍ତାବ ଓ ପରାମର୍ଶ ଦେଇଥିଲେ। ଅନ୍ୟପକ୍ଷରେ ବିଜେଡି ସାଂସଦ ସସ୍ମିତ ପାତ୍ର ଏକ ସାମ୍ବାଦିକ ସମ୍ମିଳନୀ କରି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଦେଇଥିବା ତଥ୍ୟକୁ ଖାରଜ କରିଛନ୍ତି। ରାଜ୍ୟରେ ପଞ୍ଚାୟତିରାଜ ବ୍ୟବସ୍ଥା ସମ୍ପର୍କରେ କେନ୍ଦ୍ରମନ୍ତ୍ରୀ ଜାଣିନାହାନ୍ତି। ଓଡ଼ିଶାର ପଞ୍ଚାୟତିରାଜ ବିଭାଗ ଉନ୍ନତମାନର କାର୍ଯ୍ୟ କରୁଛି ବୋଲି ଜାତୀୟସ୍ତରରେ ବିଭିନ୍ନ ସଂସ୍ଥା ପକ୍ଷରୁ ବିଭାଗକୁ ପୁରସ୍କାର ମିଳୁଛି। ୩୦ରୁ ୩୦ ଜିଲ୍ଲା ପରିଷଦ ହାରିବା ପରେ ରାଜ୍ୟ ବିଜେପି ନେତାମାନେ ନିରାଶ ଓ ହତାଶ ହୋଇ କେନ୍ଦ୍ରମନ୍ତ୍ରୀଙ୍କୁ ଭୁଲ୍ ତଥ୍ୟ ଦେଉଛନ୍ତି। କେନ୍ଦ୍ର ମନ୍ତ୍ରୀ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗରୁ ତଥ୍ୟ ସଂଗ୍ରହ କଲେ ତାଙ୍କ ମନରେ ଥିବା ସଂଶୟ ଦୂର ହୋଇପାରିବ। ବିଜେପିର ରାଜ୍ୟ ନେତାମାନେ ଭୁଲ୍ ତଥ୍ୟ ଦେଉଛନ୍ତି, ତେଣୁ ଏସବୁ ଭୁଲ୍ ବିବୃତ୍ତିରୁ ବିରତ ରହିବାକୁ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନଙ୍କୁ ବିଜେଡି ପରାମର୍ଶ ଦେଇଛି।

### ୫୦ ନୂଆ ...

ଯୋଜନା କରୁଛନ୍ତି। ସେଠାରେ ଆନୁଷଙ୍ଗିକ ଭିତ୍ତିଭୂମିର ବିକାଶ କରାଯାଇ ପର୍ଯ୍ୟଟକଙ୍କ ଉଦ୍ଦେଶ୍ୟରେ ସୁବିଧା ଯୋଗାଇ ଦିଆଯିବ। ସେହିଭଳି କୋରାପୁଟରେ ଅନେକ ଜଳପ୍ରପାତ ସମ୍ପର୍କରେ ପର୍ଯ୍ୟଟକମାନେ ଅବଗତ ନାହାଁନ୍ତି। ଏହି ସ୍ଥଳୀଗୁଡ଼ିକର ବିକାଶ କରାଯିବ ବୋଲି ବିଭାଗ ସ୍ପଷ୍ଟ କରିଛି। ତେବେ ଏହି ଟୁରିଜିମ୍ ରିସୋର୍ସ ମ୍ୟାପିଂ ପାଇଁ ରାଜ୍ୟ ସରକାର ପ୍ରସ୍ତୁତ ହେଉଛନ୍ତି। ସବୁ ଜିଲ୍ଲା ପର୍ଯ୍ୟଟନ ଅଧିକାରୀମାନଙ୍କୁ ସ୍ଥାନୀୟ ବୁଦ୍ଧିଜୀବୀ ଓ ପର୍ଯ୍ୟଟନପ୍ରେମୀମାନଙ୍କ ସହାୟତାରେ ଏକ ତାଲିକା ପ୍ରସ୍ତୁତ କରିବାକୁ କୁହାଯାଉଛି। ବିକଶିତ ହୋଇପାରି ନ ଥିବା ଧାର୍ମିକ ସ୍ଥଳୀ, ଗୁମ୍ଫା, ଜଳପ୍ରପାତ ଓ ସବୁଜିମାରେ ଭରା ସ୍ୱତନ୍ତ ସ୍ଥଳୀଗୁଡ଼ିକୁ ଚିହ୍ନଟ କରିବାକୁ ନିର୍ଦ୍ଦେଶ ଦିଆଯିବ। ଏହି ତାଲିକା ପର୍ଯ୍ୟଟନ ବିଭାଗ ନିକଟରେ ପହଞ୍ଚିବା ପରେ ଏହି ସବୁ ସ୍ଥାନକୁ ବିଭାଗୀୟ ଯାଞ୍ଚ କମିଟି ଗସ୍ତ କରିବେ। ସମ୍ପୃକ୍ତ ସ୍ଥଳୀର ଲୋକପ୍ରିୟତା ଓ ସାମାଜିକ ଆର୍ଥିକ ଦିଗକୁ ଧ୍ୟାନ ଦେଇ ଭିତ୍ତିଭୂମି ବିକାଶ ଉପରେ ନିଷ୍ପତ୍ତି ନିଆଯିବ। ପର୍ଯ୍ୟଟନ ବିଭାଗ କମିଟିରେ ଜିଲ୍ଲାପାଳ ଓ ଜିଲ୍ଲାସ୍ତରୀୟ ବିଭାଗୀୟ ଅଧିକାରୀମାନେ ମଧ ସାମିଲ ରହିବେ। ସେଠାକୁ ପ୍ରତିବର୍ଷ ଆନୁମାନିକ କେତେ ପର୍ଯ୍ୟଟକଙ୍କର ଆଗମନ ହେଉଛି ତାହା ଜାଣିବାକୁ ଚେଷ୍ଟା କରାଯିବ। ସେହିଭଳି ପର୍ଯ୍ୟଟନ କ୍ଷେତ୍ରର ବିକାଶ କରି ରାଜ୍ୟ ସରକାରଙ୍କ ରାଜସ୍ୱ ବୃଦ୍ଧି ହୋଇପାରିବ। ସେହିଭଳି ରାଜ୍ୟର ଅନେକ ଅଭୟାରଣ୍ୟରେ ଜବରଦଖଲ କ୍ରମାଗତ ଭାବେ ବଢ଼ିବାରେ ଲାଗିଛି। ସେହି ସବୁ ସ୍ଥାନରେ ପର୍ଯ୍ୟଟନ ବିଭାଗ, ଜଙ୍ଗଲ ବିଭାଗ ସହ ଆଲୋଚନା କରି ଛୋଟ ଛୋଟ ପର୍ଯ୍ୟଟନ ସ୍ଥଳୀ ବିକାଶ କରିବ। ଯାହା ଫଳରେ ସମ୍ପୃକ୍ତ ସ୍ଥାନ ଅଧିକ ଗହଳଚହଳ ହୋଇପାରିବ। ଅନ୍ୟ ଏକ ଟିମ୍ ସୋସିଆଲ୍ ମିଡିଆ ଓ ବିଭିନ୍ନ ସର୍ଭେରୁ ତଥ୍ୟ ସଂଗ୍ରହ କରିବ। ଗଲା ୫ରୁ ୬ ବର୍ଷ ମଧ୍ୟରେ କେଉଁ ପର୍ଯ୍ୟଟନ ସ୍ଥଳୀର ଚାହିଦା ଅଧିକ ରହିଛି, ତାହା ଚିହ୍ନଟ କରିବେ। ଏସବୁର ଏକ ତାଲିକା କରି ସରକାରଙ୍କୁ ହସ୍ତାନ୍ତର କରିବେ। ବିଭାଗର ଜନୈକ ଅଧିକାରୀ ଉଦାହରଣ ଦେଇ କହିଛନ୍ତି ଯେ, ମହେନ୍ଦ୍ରଗିରି ଭଳି ସ୍ଥାନକୁ ଗତ କିଛି ବର୍ଷ ମଧ୍ୟରେ ପର୍ଯ୍ୟଟକଙ୍କ ସଂଖ୍ୟା ୫ ଗୁଣାରୁ ଅଧିକ ହୋଇଯାଇଥିବା ଦେଖିବାକୁ ମିଳୁଛି। ମାତ୍ର ସେଠାରେ ପର୍ଯ୍ୟଟନ ବିଭାଗର ଅନୁପସ୍ଥିତି ହେତୁ ରାଜ୍ୟ ସରକାର ରାଜସ୍ୱ ହରାଉଛନ୍ତି। ଏଭଳି ପର୍ଯ୍ୟଟନ ସ୍ଥଳୀଗୁଡ଼ିକୁ ସରକାର ପ୍ରାଥମିକତା ଦେଇ ବିକାଶ କରିବେ। ସେହିଭଳି ଚିଲିକା ପକ୍ଷୀ ଅଭୟାରଣ୍ୟ ମଙ୍ଗଳାଯୋଡ଼ି ଓ ଭିତରକନିକାରେ ବନ୍ୟଜନ୍ତୁ ଫଟୋଗ୍ରାଫି ଭଳି ବ୍ୟବସ୍ଥା ଉପରେ ମଧ ବିଭାଗ ଆଲୋଚନା କରୁଥିବା ସୂଚନା ମିଳିଛି।

### ମୋଦି-ଆଦାନୀ ...


ସଂସ୍ଥା ଆଦି ଚୁପ ବସିଛନ୍ତି। ଏ ସିଧାସଳଖ ମନିଲଣ୍ଡିରିଂର ଅଭିଯୋଗ ହେଲା ପରେ ମଧ ସରକାର ଏବଂ ଏ ସମସ୍ତ ସଂସ୍ଥା ତଦନ୍ତ କରିବା ପରିବର୍ତେ ବିରୋଧି ଦଳକୁ କହୁଛନ୍ତି ଯଦ କିଛି ଅଛି କୋର୍ଟକୁ ଯାଅ। ବିଗତ ୯ବର୍ଷରେ ବିଚାରାୟଳର ସ୍ୱାଧୀନତାକୁ କିଭଳି ସଂକୁଚିତ କରାଯାଇଛି ତାହା ସମସ୍ତଙ୍କୁ ଜଣା। ବିଚାରପତିମାନଙ୍କୁ ଧମକ ଦେଇ ଏ ସରକାର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ମାମଲାର ରାୟକୁ ନିଜ ସପକ୍ଷରେ ନେଉଛନ୍ତି ଏପରିକି ବିଚାରପତିମାନଙ୍କର ମୃତ୍ୟୁର ରହସ୍ୟ ରହସ୍ୟ ହୋଇ ରହିଯାଉଛି। ୨୦୧୭ ମସିହା ଏନଡି ଟିଭି ଉପରେ ଆୟକର ବିଭାଗ ତରଫରୁ ଛାପା ମରାଗଲା ଏବଂ ବିଜେପିର ମିଡିଆ ସେଲ ଏବଂ ବିଜେପିର ନେତୃବୃନ୍ଦ ଏନଡି ଟିଭି ଉପରେ କଟୁ ଟିପ୍ପଣୀ କଲେ କିନ୍ତୁ ୨୦୧୯ ମସିହାରୁ ଏନଡି ଟିଭିର ସେୟାରକୁ ଆଦାନୀ କିଣିବା ଆରମ୍ଭ କଲେ ଏବଂ ୨୦୨୨ ମସିହା ବେଳକୁ ଆଜି ଏନଡି ଟିଭା ଆଦାନୀଙ୍କର ହୋଇଗଲା। ଦୈନିକ ଭାସ୍କର ମିଡିଆ ଗ୍ରୁପ ଉପରେ ୨୦୧୭ ମସିହାରେ ଇଡି ଏବଂ ଆଇଟି ରେଡ ଆରମ୍ଭ ହୋଇଗଲା। କାରଣ ଦୈନିକ ଭାସ୍କର ଏକ ପାୱାର ପ୍ଲାଂଟକୁ ଆଦାନୀ ଗ୍ରୁପକୁ ଦେବାପାଇଁ ଏ ରେଡ କରାଯାଇଥିଲା। ଫଳରେ ଦୈନିକ ଭାସ୍କର ପାୱାର ପ୍ଲାଂଟକୁ ମଧ ନେଲା। ଗୁଜୁରାଟର ଏକ ନିର୍ଦ୍ଦିଷ୍ଟ ପୋର୍ଟରେ ଲକ୍ଷ ଲକ୍ଷ କୋଟି ଟଙ୍କାର ହେରୋଇନ ବାରମ୍ବାର ସିଜ ହେବା ପରେ ମଧ କେଉଁମାନେ ପଠାଉଥିଲେ ତାହାର ମଧ ତଦନ୍ତ ହେଲା ନାହିଁ କିମ୍ବା କୌଣସି ବ୍ୟକ୍ତିଙ୍କୁ ମଧ ଆରେଷ୍ଟ କରି ଜେଲ ପଠାଗଲା ନାହିଁ ଏହାର କାରଣ କ'ଣ। କଂଗ୍ରେସ ଦାବି କରୁଛି ଯେଉଁମାନେ ଡ୍ରଗ୍ସ ବେପାର କରୁଛନ୍ତି ସେମାନଙ୍କର ପଇସା ଆଦାନୀ ଗ୍ରୁପରେ ଲାଗିଛି କି ସେମାନଙ୍କର ଯାଞ୍ଚ ହେଉ। ତେଣୁ ଜେପିସିର ଆବଶ୍ୟକତା ରହିଛି। ଭାରତ ବର୍ଷର ପ୍ରଧାନମନ୍ତ୍ରୀ ଯେତେବେଳେ ଶ୍ରୀଲଙ୍କା ଯାଇଥିଲେ ସେତେବେଳେ ସେଠିକାର ରାଷ୍ଟ୍ରପତିଙ୍କୁ ଶକ୍ତି ବିତରଣ ଓ ଉତ୍ପାଦନ କ୍ଷେତ୍ରରେ ଏକ ବଡ଼ କ୍ରଟାଟି ଦେବାପାଇଁ ପ୍ରେସର କରିଥିଲେ ବୋଲି ଶ୍ରୀଲଙ୍କାର ଶକ୍ତି ବିଭାଗର ଅଧିକାରୀ ଏବଂ ସାଂସଦମାନେ ଏକଥାକୁ ଉଠାଇଥିଲେ। ଇଜ୍ରାଏଲ ଯାଇ ନିଜର ସାଥୀ ବନ୍ଧୁଙ୍କୁ ଡିଫେନ୍ସ କ୍ରଂଟାକ୍ଟ ଓ ଡ୍ରୋନ କ୍ରଂଟାକ୍ଟ ଦେଇଥିଲେ। ବାଙ୍ଗଲା ଦେଶର ପ୍ରଧାନମନ୍ତ୍ରୀଙ୍କୁ ପ୍ରେସର କରି ଆଦାନୀଙ୍କୁ ବିଦ୍ୟୁତ ଉତ୍ପାଦନର କ୍ରଂଟାକ୍ଟ ଦେଇଥିଲେ। ଖାଲି ସେତିକି ନୁହେଁ ଅଷ୍ଟ୍ରେଲିଆର ସରକାରଙ୍କୁ ବାଧ କରି କୋଇଲା ଖଣି ଆବଂଟନ କରାଇଥିଲେ। ମୋଦି ଏବଂ ଆଦାନୀଙ୍କ ଭିତରେ ସଂପର୍କ କଣ ଏବଂ କାହିଁକି ଭାରତର ପ୍ରଧାନ ମନ୍ତ୍ରୀ ଏବଂ ଭାରତ ସରକାର ଏକ ନିର୍ଦ୍ଦିଷ୍ଟ ବ୍ୟବସାୟୀଙ୍କୁ ସମସ୍ତ ନୀତି ନିୟମ ଭଙ୍ଗକରି କାହିଁକି ଏ ସହଯୋଗ କରୁଛନ୍ତି। ଏପରିକି ରାଷ୍ଟ୍ରର ସମ୍ମାନ ଓ ମର୍ଯ୍ୟଦାକୁ ତଳେ ପକାଇ କାହିଁକି ତାଙ୍କ ସହିତ ବ୍ୟବସାୟୀକ କାରବାରରେ ଲିପ୍ତ ରହିଛି। କ'ଣ ସେ ଫାଇଦା ତାହା ମଧ ଏ ଦେଶବାସୀ ଜାଣିବା କଥା। ଆଜି ଭାରତବର୍ଷର ବନ୍ଦରରୁ ଆୟର ୩୩%ରୁ ଅଧିକ ଅର୍ଥ କେବଳ ଆଦାନୀଙ୍କ ପାଖରେ ରହୁଛି। ଯଦ୍ୱାରା ପ୍ରତିରକ୍ଷା କ୍ଷେତ୍ରରେ ଏକ ବଡ଼ ବିପଦ ଦେଖାଦେବ। ନରେନ୍ଦ୍ର ମୋଦି ପୁଞ୍ଜିବାଦକୁ ପ୍ରୋତ୍ସାନକୁ ଦେଉଛନ୍ତି ଯଦ୍ୱାରାକି ନିର୍ଦ୍ଦିଷ୍ଟ କିଛି ବ୍ୟକ୍ତିଙ୍କ ପାଖରେ ଭାରତ ବର୍ଷର ସର୍ବାଧିକ ସଂପତି ଠୁଳ ହୋଇ ରହୁଛି, ଯଦ୍ୱାରା ଧନୀ ଓ ଗରୀବମାନଙ୍କ ମଧ୍ୟରେ ପାର୍ଥକ୍ୟ ଅଧିକ ଘନିଭୂତ ହେଉଛି। କଂଗ୍ରେସ ଶାସିତ ରାଜ୍ୟମାନଙ୍କରେ ଆଦାନୀ ଯେଉଁ କିଛି ବ୍ୟବସାୟ କରୁଥିଲେ ବା କରୁଛନ୍ତି ତାହାର ସମସ୍ତ ତଦନ୍ତ ମଧ ଜେପିସି ଦ୍ୱାରା କରାଯାଉ। ଏହାଦ୍ୱାରା ସତ୍ୟତା ପ୍ରତିପାଦିତ ହେବ। ଆଜି ଏଭଳି ଏକ ପରିସ୍ଥିତିରେ ଯେଉଁମାନେ ୨୦୧୪ ମସିହା ପୂର୍ବରୁ ବିଜେପି ଦଳ ପାଇଁ ବଚସ୍କର ହୋଇଥିଲେ ଯଥା ଆନା ହାଜାରେ ଏବଂ ଅନ୍ୟମାନେ ଆଜି ଗୋଟିଏ ପଦ ମଧ କହୁନାହାନ୍ତି। ଭାରତୀୟ ବ୍ୟାଙ୍କ ଜୀବନ ବୀମା ନିଗମର ଟଙ୍କା ଓ ଭାରତୀୟ ବ୍ୟାଙ୍କ ମାନଙ୍କର ପୁଞ୍ଜିକୁ କାହିଁକି ଏକ ପ୍ରାଇଭେଟ ବ୍ୟବସାୟରେ ଲଗାଯାଇଛି ଏଥିପାଇଁ ସରକାର ଅନୁମତି ଦେଇଛନ୍ତିକି ? ସେ ସମୟରେ ଏ କମ୍ପାନୀମାନଙ୍କର କାଗଜପତ୍ରକୁ ଯାଂଚ କରାଯାଇଥିଲା କି ? ସବୁଠାରୁ ଆଶ୍ଚର୍ଯ୍ୟର କଥା ମିଛରେ କମ୍ପାନୀର ସେୟାରକୁ ବଜାରରେ ଅଧିକ ଦାମ ଦେଖେଇ ସେହି ସେୟାରକୁ ପୁଣି ଭାରତୀୟ ବ୍ୟାଙ୍କ ମାନଙ୍କ ପାଖରେ ବନ୍ଧକ ରଖି ଲକ୍ଷ ଲକ୍ଷ କୋଟି ଟଙ୍କା ଋଣ ନେଇଛନ୍ତି। ଏହା ସଂପୂର୍ଣ୍ଣରୂପେ ଏକ ମହା ଠକେଇ, ଏବଂ ଅର୍ଥନୈତିକ ଅପରାଧ। ଏହି ଷଡ଼ଯନ୍ତ୍ର ଯୋଗୁଁ ଭାରତବର୍ଷର ବ୍ୟାଙ୍କି ଶିଳ୍ପ, ଅର୍ଥନୀତି ଏବଂ ସାଧାରଣ ପୁଞ୍ଜି ବିନିଯୋଗକାରୀଙ୍କ ପ୍ରଭୁତ କ୍ଷତି ଘଟିଲା। କିନ୍ତୁ ଏ ସରକାର ନୀରବ। ବିଜେଡ଼ି-ବିଜେପି ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ। ଏତେ ବଡ଼ ଅର୍ଥନୈତିକ ଅପରାଧ ଓ ଷଡ଼ଯନ୍ତ୍ର ସତ୍ୱେ ବିଜେଡ଼ି ନୀରବ କାହିଁକି। ସଂସଦରେ ବିଜେଡ଼ି ଦଳର ଗୋଟିଏବି ସାଂସଦ ଏ ବାବଦରେ ଥରୁଟିଏ ପ୍ରଶ୍ନ କରି ନାହାନ୍ତି। ସରକାର ଯେତେ ସମସ୍ତ ଜନବିରୋଧୀ ଆଇନ ପ୍ରଣୟନ କରିଛନ୍ତି ବିଜେଡ଼ି ପ୍ରଥମ ଦଳ ହିସାବରେ ଆଖିବୁଜି ତାଙ୍କୁ ସମର୍ଥନ କରିଛନ୍ତି। ଏହାହିଁ ତାଙ୍କର ଦେଶଭକ୍ତି ଏବଂ ଜନସାଧାରଣଙ୍କ ପ୍ରତି ତାଙ୍କର ନିଷ୍ଠା। ନରେନ୍ଦ୍ର ମୋଦି ଓ ଆଦାନୀ ସଂପର୍କକୁ ଯେତେ ଲୁଚାଇଲେ ବି ଲୁଚିବ ନାହିଁ। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ପିସିସି ମିଡିଆ ସେଲର ଅଧକ୍ଷ ଗଣେଶ୍ୱର ବେହେରା, ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ବିଶ୍ୱଜିତ ଦାଶ, ମନୋରଞ୍ଜନ ଦାଶ, ପ୍ରଶାନ୍ତ ଶତପଥୀ, ପଦ୍ମାକର ଗୁରୁ, ସୁବ୍ରତ ମହାପାତ୍ର ଏବଂ ପିସିସି ଗଣମାଧ୍ୟମ ସଂଯୋଜକ ଦୀପକ କୁମାର ମହାପାତ୍ର ଉପସ୍ଥିତ ଥିଲେ।

# ବରିଷ୍ଠ ସାମ୍ବାଦିକ ସୁଶାନ୍ତ କୁମାର ମହାନ୍ତି ରାଜ୍ୟ ସୂଚନା କମିଶନର




**ଭୁବନେଶ୍ୱର:** ଦୈନିକ ଖବର କାଗଜ ସମାଜରେ କାର୍ଯ୍ୟନିର୍ବାହୀ ସମ୍ପାଦକ ଭାବେ କାର୍ଯ୍ୟକରି ଅବସର ନେବା ପରେ ରାଜ୍ୟ ସରକାରଙ୍କ ସୁପାରିଶ ଉପରେ ରାଜ୍ୟପାଳ ଡ.ଗଣେଶୀ ଲାଲ୍ ମୋହର ଲଗାଇ ସୁଶାନ୍ତ କୁମାର ମହାନ୍ତିଙ୍କୁ ରାଜ୍ୟ ସୂଚନା କମିଶନର ଭାବେ ନିଯୁକ୍ତି ପାଇଥିବା କଥା ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ଶ୍ରୀ ମହାନ୍ତି ପଦବୀରେ ଯୋଗଦେବା ଦିନଠୁ ତାଙ୍କର କାର୍ଯ୍ୟକାଳ ଆରମ୍ଭ ହେବ। ସୂଚନା ଯୋଗ୍ୟ ଯେ ଶ୍ରୀ ମହାନ୍ତି କ୍ରୀଡା ସାମ୍ବାଦିକ ଭାବେ ନିଜର ଜୀବନ ଆରମ୍ଭ କରି ଶେଷ ପର୍ଯ୍ୟନ୍ତ ସମ୍ବାଦପତ୍ର ସହ ଜଡିତ ଥିଲେ। ତାଙ୍କର ଯୋଗଦାନକୁ ଗଣମାଧ୍ୟମ ପକ୍ଷରୁ ଭୂୟସୀ ପ୍ରଶଂସା କରାଯାଇଛି। ରାଜ୍ୟ ମୁଖ୍ୟ ସୂଚନା କମିଶନର ଜଗଦ୍ କୁମାର ତ୍ରିପାଠୀ ଥିବା ବେଳେ ସୂଚନା କମିଶନର ଭାବେ ବାଳକୃଷ୍ଣ ମହାପାତ୍ର, ବିକ୍ରମ ସେନାପତି, ଦିଲ୍ଲୀପ କୁମାର ବିଶୋଇ ଓ ସଂଜୟ କୁମାର ସ୍ୱାଇଁ ପ୍ରମୁଖ କାର୍ଯ୍ୟ କରୁଛନ୍ତି।

# ଜେଏନ୍‌ୟୁ ପ୍ରାଧ୍ୟାପକଙ୍କୁ ଆକ୍ରମଣ ଘଟଣାର ପ୍ରତିବାଦ



**ଜଗତ୍‌ସିଂହପୁର :** ଉତ୍କଳ ବିଶ୍ୱବିଦ୍ୟାଳୟ ବାଣୀବିହାରରେ ଜେଏନ୍‌ୟୁ ପ୍ରାଧ୍ୟାପକଙ୍କୁ ଆକ୍ରମଣ ଘଟଣା ପ୍ରତିବାଦ ସ୍ୱରୂପ ଜିଲ୍ଲାର ବିଭିନ୍ନ ମହାବିଦ୍ୟାଳୟ ମାନଙ୍କରେ ବିଜୁଛାତ୍ର ଜନତା ପକ୍ଷରୁ ନୀର ପ୍ରତିବାଦ କରାଯାଇ ଏବିଭିପି ଛାତ୍ରଙ୍କ ବିରୋଧ ଘଟଣାର ନିନ୍ଦ କରାଯାଇଥିଲା। ଦିଲ୍ଲୀର ଜେଏନ୍‌ୟୁ ପ୍ରାଧ୍ୟାପକଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ନିନ୍ଦନୀୟ ଘଟଣା ବୋଲି ବିଜୁ ଛାତ୍ର ପକ୍ଷରୁ କୁହାଯାଇଥିଲା। ରଘୁନାଥପୁର ବ୍ଲକ ଅନ୍ତର୍ଗତ ରେଢୁଆ ସ୍ଥିତ ବୃନ୍ଦାବନ ମହାବିଦ୍ୟାଳୟ ସମ୍ମୁଖରେ ଜିଲ୍ଲା ଯୁବସାଧାରଣ ସମ୍ପାଦକ ତଥା ରେଢୁଆ ଗ୍ରା.ପ.ସମିତି ସଭ୍ୟ ବିଶ୍ୱଜିତ୍ ଦାଶଙ୍କ ନେତୃତ୍ୱରେ ଏକ ନୀରବ ପଦଯାତ୍ରା କରାଯାଇ ଏକ ଶୋଭାଯାତ୍ରାର ଆୟୋଜନ କରାଯାଇଥିଲା। ଏହି ପ୍ରତିବାଦ ସଭାରେ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଶାନ୍ତିଶୃଙ୍ଖଳା ସହିତ ଧାରଣା ଦେଇ ଏବିଭିପି ଛାତ୍ରମାନଙ୍କର ଏପରି କାର୍ଯ୍ୟର ଦୃଢ ନିନ୍ଦା ବି କରିଥିଲେ। ଏହି ପ୍ରତିବାଦ ସଭାରେ ଛାତ୍ରଛାତ୍ରୀମାନଙ୍କ ସହିତ ବିଜୁ ଜନତା ଦଳ ଦଳୀୟ କର୍ମୀ, ନେତା ଓ ବିଜୁ ଛାତ୍ର ଜନତାର ପ୍ରମୁଖ ନେତାମାନଙ୍କୁ ଦେଖିବାକୁ ମିଳିଥିଲା। ଏହି ପ୍ରତିବାଦ ସଭାରେ ଛାତ୍ର ବିଜେଡି ସଭାପତି ଶୁଭ୍ରକାନ୍ତ ଜେନା, ସାଧାରଣ ସମ୍ପାଦକ ସୁମନ ସନ୍ଦୀପ ଦଳାଇ, ସୋସିଆଲ ମିଡିଆ ସଂଯୋଜକ ରାଜେଶ କୁମାର ମିଶ୍ର, ଜିଲ୍ଲା ଯୁବସାଧାରଣ ସମ୍ପାଦକ କିଶୋର ଚନ୍ଦ୍ର ବେହେରା ଓ ରଘୁନାଥପୁର ବ୍ଲକ ଯୁବ ସଭାପତି ଜୋଶେଫ୍ ସ୍ୱାଇଁ ପ୍ରମୁକ ନିରବ ପ୍ରତିବାଦ ସଭା କାର୍ଯ୍ୟକ୍ରମକୁ ସମର୍ଥନ ଜଣାଇଥିଲେ।

# ଜିଲ୍ଲାସ୍ତରୀୟ ଉଦ୍ୟୋଗୀ ସପ୍ତାହ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ



**ଜଗତ୍‌ସିଂହପୁର :** ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହ ଠାରେ ଜିଲ୍ଲାସ୍ତରୀୟ ଉଦ୍ୟୋଗୀ ସପ୍ତାହ ୨୦୨୩ ପାଳନ ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ଜିଲ୍ଲାପାଳ ପାରୁଲ ପଟୱାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଉଦ୍ୟୋଗୀ ସପ୍ତାହ ପାଳନକୁ ନିରାଡମ୍ବର, ତଥ୍ୟ ସମ୍ବଳିତ ଓ ଫଳପ୍ରଦ ଭାବେ ପାଳନ କରିବା ନିମନ୍ତେ ଜିଲ୍ଲାପାଳ ଆହ୍ୱାନ କରିଥିଲେ ଓ ଉପସ୍ଥିତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀମାନଙ୍କୁ ସହଯୋଗ ପୂର୍ବକ ଉକ୍ତ କାର୍ଯ୍ୟକ୍ରମକୁ ସରସ ସୁନ୍ଦର କରିବାକୁ ପରମର୍ଶ ଦେଇଥିଲେ। ଏହି ଅବସରରେ ଉଦ୍ୟୋଗୀ ସପ୍ତାହ ୨୦୨୩ ମାର୍ଚ୍ଚ ୫ତାରିଖ ଠାରୁ ମାର୍ଚ୍ଚ ୯ତାରିଖ ପର୍ଯ୍ୟନ୍ତ ଜିଲ୍ଲା ସଦର ମହକୁମା ଠାରେ ପାଳନ କରାଯିବ। ଏହି ଉପଲକ୍ଷେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖସ୍ଥ ପଡିଆ ଠାରେ ଏକ ପାଞ୍ଚଦିନିଆ ଶିଳ୍ପ ସମ୍ପର୍କିତ ପ୍ରଦର୍ଶନୀ ମେଳା ଓ କର୍ମଶାଳା ଅନୁଷ୍ଠିତ ହେବ। ସର୍ବମୋଟ ୬୦ଟି ପ୍ରଦର୍ଶନୀ ମଣ୍ଡପ ନିର୍ମାଣ କରାଯାଇ ସେଥିରେ ଜିଲ୍ଲାର ଉତ୍ପାଦିତ ଶିଳ୍ପଭିତ୍ତିକ ସାମଗ୍ରୀ ଗୁଡିକର ପ୍ରଦର୍ଶନୀ ତଥା ବିକ୍ରୟ କରାଯିବ ବୋଲି ସ୍ଥିର କରାଯାଇଛି। ଅନ୍ୟାନ୍ୟ ସହଯୋଗୀ ଉତ୍ପାଦିତ ବିଭାଗ ଗୁଡିକ ପ୍ରଦର୍ଶନୀ କରିବେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ଅଗ୍ରଣୀ ବ୍ୟାଙ୍କ ଗୁଡିକ, ଶିଳ୍ପ ତାଲିମ ଅନୁଷ୍ଠାନ, ସରକାରୀ ପଲିଟେକ୍‌ନିକ୍, ଶିଳ୍ପ ସଂଘ ଏବଂ ବୃହତ୍ ଶିଳ୍ପାନୁଷ୍ଠାନ ଗୁଡିକ ଅଂଶଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି। ଜଗତସିଂହପୁର ଜିଲ୍ଲାର ମହାବିଦ୍ୟାଳୟ ତଥା ସ୍ଥାନୀୟ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ଶିଳ୍ପ ସମ୍ବନ୍ଧୀୟ ଜ୍ଞାନ ଆହରଣ କରିବା ନିମନ୍ତେ ଉକ୍ତ କାର୍ଯ୍ୟକ୍ରମରେ ସାମିଲ କରିବାର ଆଶା ବି ରହିଛି। ଏହି କାର୍ଯ୍ୟକ୍ରମଟି ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ, ଓଡିଶା ସରକାର ଶିଳ୍ପ ନିର୍ଦ୍ଦେଶାଳୟ, ଓଡିଶା ଏବଂ ଜିଲ୍ଲା ଶିଳ୍ପକେନ୍ଦ୍ର ଜଗତସିଂହପୁରଙ୍କ ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହେବ। ଜଗତସିଂହପୁର ଜିଲ୍ଲାର ସମସ୍ତ ଜନସାଧାରଣ ଉକ୍ତ କାର୍ଯ୍ୟକ୍ରମରେ ବିପୁଳ ସଂଖ୍ୟାରେ ଯୋଗଦାନ ପୂର୍ବକ ଜିଲ୍ଲାର ଉଦ୍ୟୋଗୀ ବନ୍ଧୁ ତଥା ବେକାର ଯୁବକ ଯୁବତୀଙ୍କୁ ଆତ୍ମ ନିଯୁକ୍ତି ନିମନ୍ତେ ପ୍ରେରଣା ତଥା ଜିଲ୍ଲାକୁ ଶିଳ୍ପ ସମୃଦ୍ଧ କରିବା ନିମନ୍ତେ ଉତ୍ସାହିତ କରିବାପାଇଁ ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି। ଏହି ବୈଠକକୁ ସାଧାରଣ ପରିଚାଳକ ତଥା ଜିଲ୍ଲା ଶିଳ୍ପକେନ୍ଦ୍ର ଶ୍ରୀ କଙ୍କଣ ବୋଷ ପରିଚାଳନା କରିଥିଲେ।

# କୁଜଙ୍ଗ ବ୍ଲକ କାର୍ଯ୍ୟାଳୟରେ ଜିଲ୍ଲାପାଳଙ୍କ ଯୁଗ୍ମ ଜନଅଭିଯୋଗ ଶୁଣାଣି



**ଜଗତ୍‌ସିଂହପୁର :** ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର କୁଜଙ୍ଗ ବ୍ଲକ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଜନଶୁଣାଣି ଶିବିରରେ ଜିଲ୍ଲାପାଳ ପାରୁଲ ପଟୱାରୀ ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ଆପତି ଅଭିଯୋଗର ଶୁଣାଣି କରିବା ସହିତ ତତ୍‌କ୍ଷଣାତ ୬୭ଟି ଅଭିଯୋଗର ଫଇସଲା କରାଯାଇଥିଲା। ଏହି ଯୁଗ୍ମ ଜନଅଭିଯୋଗ ଶୁଣାଣିରେ ସମୁଦାୟ ୫୯୪ ଟି ଅଭିଯୋଗ ପଞ୍ଜୀକୃତ ହୋଇଥିବା ବେଳେ ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କିତ ୫୮୫ ଥିଲା ବେଳେ ଗ୍ରାମ ସମସ୍ୟା ସମ୍ପର୍କିତ ୯ଟି ଥିଲା। ବ୍ୟକ୍ତିଗତ ଅଭିଯୋଗ ମଧ୍ୟରୁ ବେଶି ସଂଖ୍ୟାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବାଦ ପଡିଥିବାରୁ ସେମାନେ ଜିଲ୍ଲାପାଳଙ୍କ ନିକଟରେ ତାଙ୍କର ଗୁହାରି ଜଣାଇବା ସହିତ ଆଉ ଥରେ ତଦନ୍ତ କରିବା ପାଇଁ ଦାବି ଜଣାଇଥିଲେ। ସମୁଦାୟ ୪୫୪ଟି ଆବାସ ଯୋଜନା ନିମନ୍ତେ ଅଭିଯୋଗକୁ ବିଚାର କରିବା ପାଇଁ ବିଡିଓଙ୍କୁ ନିର୍ଦ୍ଦେଶ ପ୍ରଦାନ କରିଥିଲେ। ଜମିଜମା ସମ୍ପର୍କିତ ୨୦ଟି, ରାସନକାର୍ଡ ୧୪ଟି, ଭତ୍ତା ସମ୍ପର୍କିତ ୧୩ଟି, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ପାଇଁ ୭ଟି, ପୋଲିସ ସମସ୍ୟା ସମ୍ପର୍କିତ ୧ଟି ଓ ଅନ୍ୟାନ୍ୟ ୧୪ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ଏହି ମିଳିତ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ରାହୁଲ ପିଆର, ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ରୁଦ୍ରନାରାୟଣ ଦାଶ, ଉପ-ଜିଲ୍ଲାପାଳ ଧର୍ମେନ୍ଦ୍ର ମଲ୍ଲିକ୍, ବିଡିଓ ସୌମ୍ୟଶ୍ରୀ ପାଣିଗ୍ରାହୀ, ତହସିଲଦାର ପ୍ରୀତିପର୍ଣ୍ଣା ମିଶ୍ର, ଜିଲ୍ଲା ସ୍ତରୀୟ ସମସ୍ତ ଅଧିକାରୀ ଓ ବ୍ଲକ ସ୍ତରୀୟ ସମସ୍ତ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କ ଆପତି ଅଭିଯୋଗର ଶୁଣାଣି କରିଥିଲେ।

# କେନ୍ଦ୍ର ବିରୋଧରେ ବିଜେଡିର ବ୍ଲକ ସମ୍ମୁଖରେ ପ୍ରତିବାଦ



**ଅସ୍ତରଙ୍ଗ:** ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ସମ୍ମୁଖରେ ଗୁରୁବାର ଦିନ କେନ୍ଦ୍ର ସରକାରଙ୍କ ଚାଉଳ ବନ୍ଦକୁ ନେଇ ବିରୋଧ କରି, ବ୍ଲକ ବିଜୁଜନତା ଦଳ ତରଫରୁ ଅସ୍ତରଙ୍ଗ ବ୍ଲକ ସମ୍ମୁଖରେ ଦୃଢ ପ୍ରତିବାଦ କରିଥିଲା । ଏହି ପ୍ରତିବାଦ ସଭାରେ ହଜାର ହଜାର ବିଜୁ ଜନତା ଦଳର ମହିଳା ଓ ପୁରୁଷ କର୍ମୀ ମାନେ ହାତରେ ପ୍ଲାକାର୍ଡ ଧରି କେନ୍ଦ୍ର ସରକାରଙ୍କ ବିରୁଦ୍ଧରେ ବିଭିନ୍ନ ସ୍ଲୋଗାନ ଦେଇ ବିଜୁ ଜନତା ଦଳ କାର୍ଯ୍ୟାଳୟ ଠାରୁ ବାହାର ବଜାର ପରିକ୍ରମା କରି ଅସ୍ତରଙ୍ଗ ପଞ୍ଚାୟତ ସମିତି ନିକଟରେ ପହଞ୍ଚିଥିଲେ। ବ୍ଲକ ବିଜୁ ଜନତା ଦଳ ବ୍ଲକ ସଭାପତି ଶ୍ରୀ କେଦାରନାଥ ବିଶ୍ୱାଳଙ୍କ ସଭାପତିତ୍ୱରେ ଏକ ପ୍ରତିବାଦ ସଭା ଆୟୋଜନ କରାଯାଇଥିଲା । ଏହି ସଭାରେ,ପୂର୍ବତନ ଜିଲା ପରିଷଦ ଅଧକ୍ଷ ଶ୍ରୀ ଜ୍ୟୋତିର୍ମୟ ଦଳାଇ, ଜିଲ୍ଲା ପରିଷଦ ସଭ୍ୟା ସରସ୍ୱତୀ ସ୍ୱାଇଁ, ବନିତା ବେହେରା, ପର୍ଯ୍ୟବେକ୍ଷକ ହିମାଂଶୁ ଦୀକ୍ଷିତ, ପୂର୍ବତନ ବ୍ଲକ ଅଧକ୍ଷ ଚୈତ୍ୟନ ସେଠୀ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ପଞ୍ଚାନନ ସ୍ୱାଇଁ, କ୍ରୀଡା ଓଗୃହ ରାଷ୍ଟ୍ର ମନ୍ତ୍ରୀଙ୍କ ପ୍ରତିନିଧି ଭୀମସେନ ସ୍ୱାଇଁ, ଯୁବ ବିଜୁ ଜନତା ଦଳର ବ୍ଲକ ସଭାପତି ପ୍ରଶାନ୍ତ କୁମାର ନାୟକ,ସରପଞ୍ଚ କ୍ଷୀରୋଦ କାଣ୍ଡି, ସମିତିସଭ୍ୟ ବିମ୍ବାଧର ବିଶ୍ୱାଳ,ଆରତୀ କାଣ୍ଡି, ସୁକଦେବ ତପନ ବସ୍ଥିଆ,ସମିତି ସଭ୍ୟା ମହାଜିନି ଛାଟୋଇ,ଚମ୍ପକ ବାରିକ,ପୁରନ୍ଦର ମହାନ୍ତି, କୁଞ୍ଜ ବିହାରୀ ପ୍ରଧାନ, ଆଦି ଯୋଗଦେଇ ,କୋଭିଡ ବେଳେ,ଦିଆଯାଇଥିବା ପ୍ରଧାନମନ୍ତ୍ରୀ ମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନା ରେ ଅଧିକ ମାଗଣା ପାଞ୍ଚ କେଜି ଚାଉଳ,କେନ୍ଦ୍ର ସରକାର ବର୍ତ୍ତମାନ ବନ୍ଦ କରିଦେଇ ଥିବାରୁ,ତାହାର କଡା ସମାଲୋଚନା କରିବା ସହ, ଶୀଘ୍ର ଏହି ପାଞ୍ଚ କେଜି ଚାଉଳ ହିତାଧିକାରୀ ମାନଙ୍କୁ ଦେବା ପାଇଁ ବ୍ଲକ ଗୋଷ୍ଠୀ ଉର୍ଣ୍ଣୟନ ଅଧିକାରୀ ଶ୍ରୀମତୀ ବବିତା ମଞ୍ଜରୀ ନାୟକଙ୍କୁ ଜରିଆରେ,ଚାରିପୃଷ୍ଠାର ଏକ ଦାବିପତ୍ର ଭାରତ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଥିଲା । ଏହି ପ୍ରତିବାଦ ସଭାରେ ଦଳୀୟ ସମର୍ଥୀତ ୧୫ ପଞ୍ଚାୟତ ର ସରପଞ୍ଚ,ସମିତି ସଭ୍ୟ,ସମେତ ବିଭିନ୍ନ କର୍ମକର୍ତ୍ତା,ଓ ବିଜୁ ଜନତା ମହିଳା ମୋର୍ଚ୍ଚାର କର୍ମକର୍ତ୍ତା ମାନେ ସାମିଲ ହୋଇଥିଲେ।୨ ହଜାରରୁ ଊର୍ଦ୍ଧ୍ୱ କର୍ମୀମାନେ ଉପସ୍ଥିତ ଥିଲେ।



ମୌଲାନା ଫଜଲ ହକ ଖାଁ

# କାହିଁକି ଏପରି ବିପ୍ୱାତ ?



ଏବେ ଚାରିଆଡ଼େ ଚର୍ଚ୍ଚା ଚାଲିଛି ତୁର୍କୀ ଓ ସିରିୟାରେ ହୋଇଥିବା ଭୟାନକ ଭୂକମ୍ପ ବିଷୟରେ । ଭଗ୍ନସ୍ତୂପ ମଧ୍ୟରୁ ଶୁଭୁଛି ବଂଚାଅ..ବଂଚାଅ..ବଂଚାଅର ବିକଳ ଡ଼ାକ । ପଡ଼ିରହିଥିବା କଂକ୍ରିଟ ଚାଦର ତଳେ ପ୍ରତି ମୁହୂର୍ତ୍ତରେ ଚାଲିଛି ମୃତ୍ୟୁ ସହ ସଂଗ୍ରାମ। କିଏ ତଳୁ ହାତ ହଲାଇ ପ୍ରାଣ ଭିକ୍ଷା କରୁଛି ତ କିଏ ଅଙ୍କ ସ୍ୱରରେ ତ୍ରାହି ତ୍ରାହି ଡ଼ାକ ଛାଡୁଛି । ଅନ୍ୟପଟେ ଭୂକମ୍ପରୁ ରକ୍ଷା ପାଇ ଯାଇଥିବା ଲୋକେ କାନ୍ଦି କାନ୍ଦି ନିଜ ପରିବାର ପରିଜନଙ୍କୁ ଖୋଜିବାରେ ଲାଗିଛନ୍ତି । ଯେତେବେଳେ କ୍ଷତବିକ୍ଷତ ଶରୀରକୁ ଚିକିତ୍ସା ପାଇଁ ହସ୍ପିଟାଲ ନେଇ ପହଂଚୁଛନ୍ତି, ହସ୍ପିଟାଲଗୁଡ଼ିକରେ ବି ସ୍ଥିତି ହୃଦୟବିଦାରକ ପାଲଟିବାର ଦେଖିବାକୁ ପାଉଛନ୍ତି। ତୁର୍କୀ ଓ ସିରିୟାର ଏଭଳି ଦୟନୀୟ ପରିସ୍ଥିତି ବିଶ୍ୱବାସୀଙ୍କ ଆଖିରେ ଲୁହ ଭରି ଦେଇଛି।

ପ୍ରକୃତରେ ଏ ସାଂସାରୀକ ଜୀବନ କ୍ଷଣସ୍ଥାୟୀ ମାତ୍ର । ଆଜିର ଦିନରେ ବିଶ୍ୱରେ ମାନବିକତାର ଉତ୍କଟ ସଂକଟ ଦେଖାଦେଇଛି ଏବଂ ଭଲ ମଣିଷଟିଏ ଖୋଜି ପାଇବା ବିରଳ। ଅସାଧୁତା, ଦୁର୍ନୀତି, ବ୍ୟଭିଚାର, ମିଥ୍ୟାଚାର, ଘୃଣା, ଦୁଷ୍କର୍ମ, ଦୈନନ୍ଦିନ ଜୀବନଶୈଳୀରେ ପରିଣତ ହୋଇ ସାରିଲାଣି। ବିଦ୍ରୋହ ଓ ଆନ୍ଦୋଳନ ସାଧାରଣ ଘଟଣା, ହତ୍ୟାକୁ ଉଭୟେ ଶାସକ ଓ ଶାସିତ ଶାନ୍ତି ସ୍ଥାପନ ଦିଗରେ ନ୍ୟାୟପୂର୍ଣ୍ଣ ମାର୍ଗ ବୋଲି ବିଚାରୁଛନ୍ତି। ପ୍ରାକୃତିକ ବିପ୍ୱାପ୍ତ ଦ୍ୱାରା ବିଶ୍ୱର ଭାରସାମ୍ୟର ମଧ୍ୟ ଅବନତୀ ଘଟିଛି। କେଉଁଠି ଦୁର୍ଭିକ୍ଷ ତ କେଉଁଠି ଭୟଙ୍କର ବୃଷ୍ଟି ତ କେଉଁଠାରେ ଭୂମିକମ୍ପ ତ କେଉଁଠାରେ ପ୍ରଚଣ୍ଡ ତାତି। ଏପରିକି ଏଡ୍ସ, ସ୍ୱାଇନ୍‌ଫ୍ଲୁ , ଇବୋଲା ଏବଂ କରୋନା ପରି ବଡ଼ ରୋଗ ମଣିଷ ଜୀବନକୁ ଅସ୍ତବ୍ୟସ୍ତ କରି ପକାଉଛି। ଏବେ ରୁଷ-ୟୁକ୍ରେନ ମଧ୍ୟରେ ବି ଦୀର୍ଘ ଲଢେଇ ଲାଗିରହିଛି। ସମସ୍ତଙ୍କୁ ଭୟ ଘାରୁଛି କି ତୃତୀୟ ମହାବିଶ୍ୱଯୁଦ୍ଧ ହୋଇତ ଯିବ ନି ? ଯେଉଁ ଗତିରେ ଶାନ୍ତି ଆଜି ପୃଥିବୀରୁ ଲୋପ ହେବାରେ ଲାଗିଛି, ତାହା ପ୍ରତି ବିଚାରବନ୍ତ ବ୍ୟକ୍ତିଙ୍କୁ ଚିନ୍ତାରେ ପକାଇଛି। ଏଥିରେ ଉଭୟ ଆସ୍ତିକ ଓ ନାସ୍ତିକ ପ୍ରଭାବିତ ହୋଇଛନ୍ତି।

ଏ ସବୁ କ'ଣ ? ଏବଂ କାହିଁକି ଏପରି ବିପ୍ୱାପ୍ତ ? କ'ଣ ଏହା ମଧ୍ୟରେ ରହସ୍ୟ ରହିଛି ? ମନକୁ ଏ କଥା ବହୁତ ଆନ୍ଦୋଳିତ କରୁଛି। ମହାପୁରୁଷ ଏବଂ ଅନ୍ତିମ ଯୁଗର ପ୍ରବର୍ତ୍ତକ, ପ୍ରତିଶ୍ରୁତ ଅବତାର ଓ ମସିହ ତଥା ଅହମଦୀୟା ମୁସଲିମ ସଂପ୍ରଦାୟର ପ୍ରତିଷ୍ଠାତା ହଜରତ ମିର୍ଜା ଗୁଲାମ ଅହମଦ ସାହେବ ବିଶ୍ୱ ସମାଜକୁ ମହା ପ୍ରଳୟର ଚେତାବନୀ ଦେଇ ତାଙ୍କ ପୁସ୍ତକ "ହକିକତୁଲ ଓହି,ପୃଷ୍ଠା-୨୬୯ରେ"ଲେଖିଛନ୍ତି, ହେ ୟୁରୋପ ! ତୁ ମଧ୍ୟ ଶାନ୍ତିରେ ନାହୁଁ। ହେ ଏସିଆ ! ତୁ ମଧ୍ୟ ନିରାପଦ ନାହୁଁ । ହେ ଦ୍ୱୀପପୁଞ୍ଜବାସୀ ! କୌଣସି କୃତ୍ରିମ ଈଶ୍ୱର ତୁମକୁ ସାହାଯ୍ୟ କରିବେ ନାହିଁ । ମୁଁ ମହାନଗରୀ ସବୁ ଟଳି ପଡୁଥିବାର ଦେଖି ପାରୁଛି ଓ ଆବାଦି ବସ୍ତିକୁ ପରିତ୍ୟକ୍ତ ଓ ଅନାବାଦି ଅବସ୍ଥାରେ ଦେଖିବାକୁ ପାଉଛି। ପରମେଶ୍ୱର ବହୁ ସମୟ ଧରି ନୀରବ ରହିଲେ ଏବଂ ତାଙ୍କ ସମ୍ମୁଖରେ ବିଭତ୍ସ ଓ ଘୃଣିତ କାର୍ଯ୍ୟ କରାଗଲା, କିନ୍ତୁ ସେ ବାକ୍‌ସ୍ଫୁର୍ତ୍ତି କଲେ ନାହିଁ । ବର୍ତ୍ତମାନ ସେ ନିଜର ରୋଷଯୁକ୍ତ ମୁଖମଣ୍ଡଳ ଦେଖାଇଲେ । ଯାହାର କାନ ଅଛି, ସେ ଶୁଣିନେଉ ଯେ ସେ ସମୟ ଏବେ ଆଉ ବେଶୀ ଦୂର ନାହିଁ। ମୁଁ ଯଥା ସାଧ୍ୟ ପ୍ରୟାସ କରିଛି ଯେ ପ୍ରଭୁଙ୍କ ଶାନ୍ତିପ୍ରଦ ଛାୟା ତଳେ ସମସ୍ତଙ୍କୁ ଏକତ୍ରିତ କରିବି । ପୁଣି ଏହା ଜରୁରୀ ଥିଲା ଯେ ନିୟତିର ବିଧାନ ଅବଶ୍ୟ ପୂରଣ ହେଉ । ମୁଁ ନିରାଟ ସତ କହୁଛି ଯେ ଏ ଦେଶର ନୂତନ ପରିବର୍ତ୍ତନ ମଧ୍ୟ ନିକଟତର ହୋଇ ଆସୁଛି । ନୋହାଙ୍କ ଯୁଗ ତୁମ ଚକ୍ଷୁ ସମ୍ମୁଖରେ ମହାଚକ୍ରବାତ ଜନିତ ବନ୍ୟାର ତାଣ୍ଡବ ଭଳି ଦୃଶ୍ୟ ଆସିଯିବ । ଲୁତ୍‌ଙ୍କ ଭୂମିର ଘଟଣା ତୁମେ ନିଜସ୍ୱ ନେତ୍ରରେ ଚରମ ବ୍ୟଭିଚାରର କୁପରିଣାମ ସ୍ୱରୂପ ଏଡ୍ସ ମହାମାରୀର ଭୟାବହତା ଦେଖିପାରିବ। କିନ୍ତୁ ପରମେଶ୍ୱର ପ୍ରକୋପ ସାଧନରେ ମନ୍ଥର ଗତିକୁ ପସନ୍ଦ କରନ୍ତି। ଏଣୁ ଅନୁତାପ କର । ଫଳରେ ତୁମ ପ୍ରତି ଦୟା କରା ଯାଇପାରିବ ।

ହଜରତ ଅହମଦ କୁହନ୍ତି; ଅଲ୍ଲାଃଙ୍କ ତରଫରୁ ଏକ ମହାନ୍ ଭବିଷ୍ୟତବାଣୀ ପ୍ରାପ୍ତ ହୋଇଛି ଯେ ଈଶ୍ୱର ମୋ ଘରର ଚଉହଦୀ ଭିତରେ ଥିବା ସତ୍ୟନିଷ୍ଠ ବ୍ୟକ୍ତି ଯେଉଁମାନେ ଈଶ୍ୱରଙ୍କ ସମ୍ମୁଖରେ ଓ ତାଙ୍କ ପ୍ରେରିତ ଦୂତଙ୍କ ସମ୍ମୁଖରେ ଅହଙ୍କାର ପ୍ରଦର୍ଶନ କରୁନାହାନ୍ତି, ସେ ସେମାନଙ୍କୁ ପ୍ଲେଗର ବିପତିରୁ ମୁକ୍ତି ପ୍ରଦାନ କରିବେ। ଅନ୍ୟମାନଙ୍କ ତୁଳନାରେ ଅପେକ୍ଷାକୃତ ଏହି ସମ୍ପ୍ରଦାୟ ପ୍ରତି ତାଙ୍କର ବିଶେଷ କୃପା ରହିବ।

ଈଶ୍ୱରଙ୍କ ଏକଥା ଯେ 'ଇନ୍ନି ଉହାଫିଜୁ କୁଲ୍ଲା ମନ୍ ଫିଦ୍‌ଦାର୍' ଅର୍ଥାତ୍ 'ପ୍ରତ୍ୟେକ ବ୍ୟକ୍ତି ଯିଏ ତୁମ ଗୃହର ଚାରିକାନ୍ଥ ଭିତରେ ଅଛି ମୁଁ ତାଙ୍କୁ ରକ୍ଷା କରିବି।' ଲେଖକ କୁହନ୍ତି, ଏଠାରେ ଏହା ଭାବିବା ସମିଚୀନ ନୁହେଁ ଯେ ଏହି କଥା ସେହି ଲୋକମାନଙ୍କ ସକାଶେ କୁହାଯାଇଛି, ଯେଉଁମାନେ ମୋ ଘର ଭିତରେ ଅଛନ୍ତି । ଅର୍ଥାତ ମୋର ଏହି ଝାଟିମାଟିର ଘରେ ରହୁଛନ୍ତି। ବରଂ ସେହି ଲୋକମାନେ ମଧ୍ୟ, ଯେଉଁମାନେ ମୋର ସମ୍ପୂର୍ଣ୍ଣ ଅନୁସରଣ କରୁଛନ୍ତି, ସେମାନେ ମୋ ଆଧ୍ୟାତ୍ମିକ ଘରେ ପ୍ରବେଶ ହୋଇଛନ୍ତି। ଏହାକୁ ଅନୁସରଣ କରିବା ପାଇଁ ଏ କଥାର ସର୍ତ୍ତ ମଧ୍ୟ ରହିଛି ଯେ ସେମାନେ ମନରେ ଏହି ବିଶ୍ୱାସ ପୋଷଣ କରନ୍ତି ଯେ ସେମାନଙ୍କର ଜଣେ ସର୍ବଶକ୍ତିଶାମାନ, ଚୀରସ୍ଥାୟୀ ଓ ବିଶ୍ୱ ବ୍ୟାପକ ସ୍ରଷ୍ଟା ଈଶ୍ୱର ଅଛନ୍ତି, ଯିଏ ତାଙ୍କ ବିଶେଷ ଅନୁପମ ଗୁଣରେ ଅନାଦି, ସର୍ବକାଳୀନ ଓ ସ୍ୱୟଂ ପ୍ରତିଷ୍ଠିତ।

ଏ ସଂବନ୍ଧରେ ପବିତ୍ର କୋରାନ କୁହେ; "ଓ୍ୱମା କୁନ୍ନା ମୁଅ'ଜ୍ଜିବିନା ହତ୍‌ତା ନବ୍‌ଅସା ରସୁଲା"(ପବିତ୍ର କୋରାନ,ସୁରାଃ-ବନି ଇସ୍ରାଇଲ:୧୬)ଅର୍ଥାତ୍ ଆମ୍ଭେ(କୌଣସି ସମ୍ପ୍ରଦାୟ ପ୍ରତି) ଜଣେ ରସୁଲ(ଅବତାର)ପ୍ରେରଣ ନକରିବା ପର୍ଯ୍ୟନ୍ତ କୌଣସି ଶାସ୍ତି ପ୍ରଦାନ କରୁନାହୁଁ। କ'ଣ ଏ ବିପ୍ୱାପ୍ତ ରୂପି ଶାସ୍ତି ଘୋଷଣା କରୁଛି କି କେହି ଜଣେ ଅବତାର ଆସି ଯାଇଛନ୍ତି କି ? କ'ଣ ଆମେ ସ୍ରଷ୍ଟାଙ୍କ ସେହି ବାଣୀକୁ ବୁଝିପାରିଲେ ନାହିଁ କି ? ନିଜ ସ୍ରଷ୍ଟାକୁ ଚିହ୍ନିବାରେ କୌଣସି ଅବହେଳା ହୋଇଗଲା ତ ନାହିଁ ? କ'ଣ ଏ ବିପ୍ୱାପ୍ତ ଆମର ଅମାନିଆ ଯୋଗୁଁ ତ ନୁହେଁ ? ଏ ଯୁଗରେ ଭିନ୍ନ ଭିନ୍ନ ନାମରେ ଯେଉଁ ସବୁ ବିପ୍ୱାପ୍ତ ଦେଖା ଯାଉଛି, କ'ଣ ସେ ଈଶ୍ୱରଙ୍କର ପ୍ରକୋପ କି ? ଯଦି ଏହା ସତ୍ୟ ତେବେ ଅହମଦୀୟା ମୁସଲିମ ସଂଗଠନର ପ୍ରବର୍ତ୍ତକ ହଜରତ ମିର୍ଜା ଗୁଲାମ ଅହମଦଙ୍କ ଉପରୋକ୍ତ ଲେଖା କ'ଣ ସଂପୂର୍ଣ୍ଣ ଠିକ କି ? ଯଦି ଠିକ ତେବେ ଆମେ ଏ ଘଡ଼ିସନ୍ଧି ମୁହୂର୍ତ୍ତରୁ ତ୍ରାହି ପାଇବା କିପରି ? ଏହାର ଉତରରେ ସେ କହିଛନ୍ତି; "ଯଦି ତୁମେ ଈଶ୍ୱରଙ୍କର ହୋଇଯିବ, ନିଶ୍ଚିତ ରୂପେ ଜାଣିରଖ ଯେ ଈଶ୍ୱର ମଧ୍ୟ ତୁମର ହୋଇଯିବେ। ତୁମେ ଶୋଇ ରହିଥିବ, ଅଲ୍ଲାଃତାଲା ତୁମ ପାଇଁ ଜାଗି ରହିବେ। ତୁମେ ଶତ୍ରୁଙ୍କ ପ୍ରତି ଅମନଯୋଗୀ ଥିବ, କିନ୍ତୁ ପ୍ରଭୁ ତାଙ୍କ ପ୍ରତି ସତର୍କ ଦୃଷ୍ଟି ରଖିବେ । ଶତ୍ରୁର ସମସ୍ତ ମନ୍ଦ ଯୋଜନାକୁ ପଣ୍ଡ କରିଦେବେ। ତୁମକୁ ଏପର୍ଯ୍ୟନ୍ତ ଜଣାନାହିଁ ଯେ ତୁମ ପ୍ରଭୁଙ୍କ ନିକଟରେ କ'ଣ କ'ଣ ସବୁ ଶକ୍ତି ରହିଛି। ଯଦି ତୁମେ ଜାଣନ୍ତ, ତେବେ ତୁମ ଉପରେ ଏପରି କୌଣସି ଦିନ ବିତନ୍ତା ନାହିଁ ଯେ ତୁମେ ସଂସାର ପାଇଁ ବହୁତ ଦୁଃଖି ହୋଇଯାଆନ୍ତ।" ଯେଉଁ ଲୋକମାନେ ଅନୁତାପ କରିବେ ଓ ପାପ ଆଚରଣରୁ ନିବୃତ ରହିବେ, ଅଲ୍ଲାଃତାଲା ସେମାନଙ୍କ ପ୍ରତି ସଦୟ ହେବେ ।... ସଦାଚାରୀମାନେ କ୍ଷତିଗ୍ରସ୍ତ ନହୋଇ ଶାନ୍ତିରେ ରହିବେ। ତେଣୁ ତୁମେମାନେ ସଦାଚାରୀ ହୁଅ ଓ ଅଲ୍ଲାଃତାଲାଙ୍କୁ ଭୟ କର । ତଦ୍ୱାରା ତୁମେମାନେ ପରିତ୍ରାଣ ପାଇବ । ଆଜି ଠାରୁ ହିଁ ପ୍ରଭୁଙ୍କୁ ଭୟ କର, ତା' ହେଲେ ସେଦିନର ଭୟାବହ ପରିଣାମରୁ ସୁରକ୍ଷିତ ରହିବ ଓ ଶାନ୍ତିରେ ଜୀବନ ଯାପନ କରିବ ।

ଯଦି ବିଶ୍ୱବାସୀ ହଜରତ ଅହମଦଙ୍କ ଏହି ଅମୂଲ୍ୟ ମନ୍ତ୍ରକୁ ବୁଝି ତଦନୁଯାୟୀ କାର୍ଯ୍ୟ ନିର୍ବାହ କରନ୍ତେ ତାହେଲେ ବିଶ୍ୱରେ ମନୁଷ୍ୟ ଜାତି ଆଉ ଅଧିକ ଦିନ ତିଷ୍ଠି ରହି ପାରନ୍ତା । ପରମତପ ଅଲ୍ଲାଃଙ୍କ ନିକଟରେ ଏତିକି ପ୍ରାର୍ଥନା ଯେ ସେ ସମସ୍ତ ମାନବ ସମାଜକୁ ଏଥିପାଇଁ ସାମର୍ଥ୍ୟ ପ୍ରଦାନ କରନ୍ତୁ। ବିଶ୍ୱବାସୀ ନିଜର ବ୍ୟକ୍ତିଗତ ସ୍ୱାର୍ଥ ଓ ବସ୍ତୁବାଦର ଲାଳସାକୁ ଜଳାଞ୍ଜଳୀ ଦେଇ ନିଜର ଦାୟିତ୍ୱ ପ୍ରତି ସଚେତନ ରହିବା ସଂଗେ ସଂଗେ ନିଜ କର୍ତବ୍ୟକୁ ସୁଚାରୁରୂପେ ସଂପାଦନ କରିବା ପାଇଁ ପ୍ରୟାସ କରନ୍ତୁ । ଆସନ୍ତୁ ଆମେ ସବୁ ମିଳି ମିଶି ସେହି ନିରାକାର ଏକମ୍ ବ୍ରହ୍ମ ଦ୍ୱିତୀୟ ନାସ୍ତିର ଜୟଗାନ କରିବା । ତାଙ୍କୁ ଚିହ୍ନିବା । ତାଙ୍କୁ ଭକ୍ତି କରିବା । ତାଙ୍କ ଠାରୁ ଶକ୍ତି ପାଇବା । ତାଙ୍କ ବିନା ଅନ୍ୟ ଗତି ନାହିଁ । ପରମବ୍ରହ୍ମ ଅଲ୍ଲାଃ ଆମ ସମସ୍ତଙ୍କୁ ଏହି ସବୁ ବିପ୍ୱାପ୍ତରୁ ସୁରକ୍ଷିତ ରଖନ୍ତୁ। ତଥା ଏହାର କୁପରିଣାମରୁ ଆମ ସଭିଙ୍କୁ ବଂଚିତ କରନ୍ତୁ । ଏହା ହିଁ ଆମର କାମନା।





**ଭୁବନେଶ୍ୱର**
**ଦୂରଭାଷ : ୯୬୯୨୨୨୫୦୫୭**















# ବିଶେଷଜ୍ଞ ଡାକ୍ତରଙ୍କ ଅଭାବ; ଭିନ୍ନକ୍ଷମଙ୍କୁ ସାର୍ଟିଫିକେଟ୍ ପ୍ରଦାନରେ ବିଳମ୍ବ

**ଭୁବନେଶ୍ୱର :** ରାଜ୍ୟରେ ଭିନ୍ନକ୍ଷମ ସାର୍ଟିଫିକେଟ୍ କେବଳ ୟୁଡିଆଇଡି(ଇମ୍ପ୍ଲିମେଣ୍ଟେସନ୍ ଅଫ ୟୁନିକ୍ ଡିଜାବିଲିଟି ଆଇଡେଣ୍ଟି) ଜରିଆରେ ମିଳିପାରିବ। ରାଜ୍ୟ ସରକାର ଏହାକୁ ବାଧ୍ୟତାମୂଳକ କରିଛନ୍ତି। ଏଥିପାଇଁ ସ୍ୱୀକୃତିପ୍ରାପ୍ତ ମେଡିକାଲ କର୍ତୃପକ୍ଷଙ୍କ ଅନୁମୋଦନ ପରେ ଏହି ସାର୍ଟିଫିକେଟ୍ ପ୍ରଦାନ କରାଯାଉଛି। ଏଥିପାଇଁ ରାଜ୍ୟରେ ୩୨ଟି ମେଡିକାଲ ବୋର୍ଡ ରହିଛି। ମାତ୍ର ଅଧିକାଂଶ ସ୍ଥାନରେ ବିଶେଷଜ୍ଞ ଡାକ୍ତରଙ୍କ ଅଭାବ କାରଣରୁ ସାର୍ଟିଫିକେଟ୍ ପ୍ରଦାନ ବିଳମ୍ବ ହେବାରେ ଲାଗିଛି। ରାଜ୍ୟ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ(ଏସ୍ଏସ୍ଇପିଡି) ଓ ସ୍ୱାସ୍ଥ୍ୟ ବିଭାଗ ଭିତରେ ସମନ୍ୱୟର ଅଭାବ ପାଇଁ ଏଭଳି ପରିସ୍ଥିତି ଉପୁଜୁଥିବା କୁହାଯାଉଛି। ଦେଶରେ ଭିନ୍ନକ୍ଷମତା ହାର ୨.୨% ଥିବା ବେଳେ ଓଡ଼ିଶାରେ ଏହା ୩.୨% ରହିଛି। ୨୦୧୧ ଜନଗଣନା ଅନୁଯାୟୀ ରାଜ୍ୟରେ ଜନସଂଖ୍ୟା ଯାହା ରହିଥିଲା, ଏବେ ତାହା ସାଢ଼େ ୪ କୋଟି ଛୁଇଁବ ବୋଲି ଅନୁମାନ କରାଯାଉଛି। ଏ ଦୃଷ୍ଟିରୁ ରାଜ୍ୟରେ ୧୫-୧୬ଲକ୍ଷ ଭିନ୍ନକ୍ଷମ ରହିଥିବା ରାଜ୍ୟ ସରକାର ବିଚାର କରୁଛନ୍ତି। ମାତ୍ର ସେମାନଙ୍କ ମଧ୍ୟରୁ ଅଧିକଂଶ ନିଜର ସାର୍ଟିଫିକେଟ୍ ପାଇନାହାନ୍ତି। ନିକଟରେ ୟୁଡିଆଇଡି ପୋର୍ଟାଲରେ ୯ଲକ୍ଷ ୮୬ହଜାର ୫୮୭ଜଣ ଆବେଦନ କରିଥିଲେ। ତହିଁରୁ ୫ଲକ୍ଷ ୭୪ହଜାର ୧୬୪ଜଣଙ୍କ ୟୁଡିଆଇଡି କାର୍ଡ ପ୍ରସ୍ତୁତ ହୋଇଥିବା ବେଳେ ୩ଲକ୍ଷ ୪୭ହଜାର ୫୧୯ ଆବେଦନ ଖାରଜ ହୋଇଛି। ବଳକା ୬୪୯୦୪ କାର୍ଡ ଜେନେରେଟ୍ ଅପେକ୍ଷାରେ ରହିଛି। ହେଲେ ଯେତିକି ୟୁଡିଆଇଡି କାର୍ଡ ପ୍ରସ୍ତୁତ ହୋଇଛି ତାହା ରାଜ୍ୟ ସରକାରଙ୍କ ଧାର୍ଯ୍ୟ ଭିନ୍ନକ୍ଷମ ଜନସଂଖ୍ୟାଠାରୁ ଯଥେଷ୍ଟ କମ୍। ଏଭଳି ପରିସ୍ଥିତିରେ ଭିନ୍ନକ୍ଷମ ବ୍ୟକ୍ତିମାନଙ୍କୁ ଯେଉଁ ସୁବିଧାସୁଯୋଗ ମିଳିବା କଥା ତାହା ସେମାନଙ୍କୁ ମିଳିପାରୁନାହିଁ। ଭିନ୍ନକ୍ଷମ ବ୍ୟକ୍ତିଙ୍କ ଅଧିକାର ବିଲ୍-୨୦୧୬ ଅନୁସାରେ ଦେଶବ୍ୟାପୀ ୨୧ ପ୍ରକାରର ଭିନ୍ନକ୍ଷମତାକୁ ସ୍ୱୀକୃତି ପ୍ରଦାନ କରାଯାଇଛି। ଏଥିରେ ଯେପରି କୌଣସି ପ୍ରକାର ଚଞ୍ଚକତା ହେବନାହିଁ ସେଥିପାଇଁ ରାଜ୍ୟବ୍ୟାପୀ ମେଡିକାଲ ବୋର୍ଡ ରହିଛି। ୩୦ଟି ଜିଲ୍ଲା ଓ କ୍ୟାପିଟାଲ ହସ୍ପିଟାଲ ଓ ଆରଜିଏଚ୍, ରାଉରକେଲାରେ ଏହା କାର୍ଯ୍ୟ କରୁଛି। ତେବେ ଏହି ବୋର୍ଡ ମାସକୁ ଥରେ ବସୁଛି। ଅନେକ ସମୟରେ ଭିନ୍ନକ୍ଷମ ସାର୍ଟିଫିକେଟ୍ ପାଇଁ ଆବେଦନ କରୁଥିବା ବ୍ୟକ୍ତି ବୋର୍ଡ ସମ୍ମୁଖକୁ ଆସୁନାହାନ୍ତି। ଯାହାଫଳରେ ସେମାନଙ୍କ ଆବେଦନ କାଟ୍ ଖାଉଛି। ସେହିପରି ଯେଉଁମାନଙ୍କ ପାଖରେ ମୋବାଇଲ ନମ୍ବର ନାହିଁ କିମ୍ବା ଅନ୍ୟ କାହାର ଦେଉଛନ୍ତି ସେମାନଙ୍କ ପାଖକୁ ଯାଉଥିବା ମେସେଜ୍ ସେମାନେ ପାଇପାରୁନାହାନ୍ତି। ତେଣୁ



ସାର୍ଟିଫିକେଟ୍ ମିଳିବାରେ ବିଳମ୍ବ ହେଉଛି। ତେବେ ଏଥିରେ ପ୍ରମୁଖ ସମସ୍ୟା ପାଲଟିଛି ବିଶେଷଜ୍ଞ ଡାକ୍ତରଙ୍କ ଅଭାବ। ଗତବର୍ଷ ରାଜ୍ୟ ସରକାର ବିଧାନସଭାରେ ଦେଇଥିବା ସୂଚନା ଅନୁସାରେ ରାଜ୍ୟରେ ୪୨% ଡାକ୍ତରୀ ପଦବି ଖାଲି ପଡ଼ିଛି। ଏଥିରେ ବିଶେଷଜ୍ଞଙ୍କ ସଂଖ୍ୟା ଯଥେଷ୍ଟ ଅଧିକ। ଏଭଳି ପରିସ୍ଥିତିରେ ଭିନ୍ନକ୍ଷମ ବ୍ୟକ୍ତିଙ୍କ ଅଧିକାର ବିଲ୍ରେ ଯେଉଁ ୨୧ ପ୍ରକାରର ଭିନ୍ନକ୍ଷମତା ସଂପର୍କରେ ଉଲ୍ଲେଖ କରାଯାଇଛି ସେସବୁ ଭିନ୍ନକ୍ଷମ ବ୍ୟକ୍ତିମାନେ କିଭଳି ସାର୍ଟିଫିକେଟ୍ ପାଇବେ। ତେବେ ଯେଉଁ ଜିଲ୍ଲାଗୁଡ଼ିକରେ ବିଶେଷଜ୍ଞ ଡାକ୍ତରଙ୍କ ଅଭାବ ରହିଛି ସେସବୁ ମେଡିକାଲ ବୋର୍ଡ ଘରୋଇ ହସ୍ପିଟାଲରୁ ବିଶେଷଜ୍ଞ ଡାକ୍ତରଙ୍କୁ ଆଣି ବୋର୍ଡରେ ସାମିଲ କରିବାକୁ ଏସ୍ଏସ୍ଇପିଡି ବିଭାଗ ପକ୍ଷରୁ ଜାରି ଗାଇଡଲାଇନ୍ରେ ସ୍ପଷ୍ଟଭାବେ ଉଲ୍ଲେଖ ରହିଛି। ସେମାନଙ୍କୁ ଆବଶ୍ୟକ ଅର୍ଥ ଦେବାର ମଧ୍ୟ ବ୍ୟବସ୍ଥା ରହିଛି। ମାତ୍ର ସିଡିଏମ୍ଓମାନେ ଏହାକୁ ଆପଣାଇବାକୁ ପଛଘୁଞ୍ଚା ଦେଉଛନ୍ତି। ଯାହାଫଳରେ ବିଶେଷଜ୍ଞ ଡାକ୍ତରଙ୍କ ଯୋଗୁଁ ଆବେଦନକାରୀଙ୍କ ପରୀକ୍ଷାନିରୀକ୍ଷା ହୋଇପାରୁନାହିଁ। ଏସ୍ଏସ୍ଇପିଡି ବିଭାଗର ଅଧିକାରୀ କହିଛନ୍ତି, ରାଜ୍ୟରେ ଭିନ୍ନକ୍ଷମମାନଙ୍କୁ ସାର୍ଟିଫିକେଟ୍ କେନ୍ଦ୍ର ସରକାର ୟୁଡିଆଇଡି ପୋର୍ଟାଲ ଜରିଆରେ ପ୍ରଦାନ କରାଯାଉଛି। ଏଥିପାଇଁ ରାଜ୍ୟ ସରକାର ବ୍ଲକ୍‌ସ୍ତରରେ ମଧ୍ୟ କ୍ୟାମ୍ପ ଜରିଆରେ ଲୋକମାନଙ୍କୁ ସାର୍ଟିଫିକେଟ୍ ପ୍ରଦାନ କରିବା ଲାଗି ବ୍ୟବସ୍ଥା କରୁଛନ୍ତି। ତେବେ ମେଡିକାଲ ବୋର୍ଡରେ ବିଶେଷଜ୍ଞ ଡାକ୍ତରଙ୍କ ଅଭାବ ପାଇଁ ତ୍ୱରିତ ସାର୍ଟିଫିକେଟ୍ ପ୍ରଦାନ ସମ୍ଭବ ହେଉନାହିଁ। ମେଡିକାଲ ବୋର୍ଡ ମଧ୍ୟ ମାସକୁ ଥରେ ବଦଳରେ ସପ୍ତାହରେ ଥରେ ବସିଲେ ଏଥିରେ ଅନେକ ସୁଧାର ଆସିପାରିବ। ଭିନ୍ନକ୍ଷମ ବ୍ୟକ୍ତିମାନଙ୍କୁ ସବୁପ୍ରକାର ସୁବିଧା ପ୍ରଦାନ କରିବାରେ ଓଡ଼ିଶା ଦେଶରେ ଏକ ଅଗ୍ରଣୀ ରାଜ୍ୟ। ତେବେ ୟୁଡିଆଇଡି ପୋର୍ଟାଲରେ ଏତେ ସଂଖ୍ୟକ ଆବେଦପତ୍ର ଖାରଜ ହେବା ପଛରେ ମନଇଚ୍ଛା ଆବେଦନ ରହିଛି। ଯେଉଁମାନେ ଚଞ୍ଚକତା କରି ଏହି ସାର୍ଟିଫିକେଟ୍ ହାତେଇବାକୁ ଚାହୁଁଥିଲେ ତାହା ରୋକାଯାଇପାରିଛି ବୋଲି ଅଧିକାରୀ ଜଣକ ସୂଚନା ଦେଇଛନ୍ତି।



# ଚମକିବ ରସୁଲଗଡ଼-ଖଣ୍ଡଗିରି ରାଜପଥ

## ଜି-୨୦ ସମ୍ମିଳନୀ ପାଇଁ ହେବ ନବକଳେବର



**ଭୁବନେଶ୍ୱର :** ରସୁଲଗଡ଼-ଖଣ୍ଡଗିରି ପର୍ଯ୍ୟନ୍ତ ଜାତୀୟ ରାଜପଥର ନବକଳେବର କରାଯିବ। ରାସ୍ତାର ଦୁଇ ପାର୍ଶ୍ୱରୁ ଜବରଦଖଲ ଉଚ୍ଛେଦ ସାଙ୍ଗକୁ ରାସ୍ତାର ପାରିପାର୍ଶ୍ୱିକ ବ୍ୟବସ୍ଥାର ଉନ୍ନତିକରଣ କରାଯିବ। ମୁଖ୍ୟତଃ ରାସ୍ତାପାର୍ଶ୍ୱରେ ଲ୍ୟାଣ୍ଡସ୍କେପିଂ ଓ ଲାଇଟିଂ ବ୍ୟବସ୍ଥା ନୂଆରୂପ ଦିଆଯିବାକୁ ଥିବା ବେଳେ ଫ୍ଲାଏଓଭର୍ କାନ୍ଥଗୁଡ଼ିକୁ ସୌନ୍ଦର୍ଯ୍ୟକରଣ କରାଯିବ। ଭାରତରେ ଜି-୨୦ ସମ୍ମିଳନୀ ଆୟୋଜନ ହେବ ଏହି ଅନ୍ତର୍ଜାତୀୟ ସମ୍ମିଳନୀ ଦେଶର ବିଭିନ୍ନ ସହର ସମେତ କୋଣାର୍କରେ ମଧ୍ୟ ଆୟୋଜନ କରାଯିବ। ଆସନ୍ତା ଏପ୍ରିଲ ୨୪ରୁ ୨୬ ଏବଂ ମେ' ୧୫ରୁ ୧୭ ତାରିଖ ମଧ୍ୟରେ ଏଥିରେ ଅଂଶଗ୍ରହଣ କରିବାକୁ ଥିବା ବିଭିନ୍ନ ଦେଶର ପ୍ରତିନିଧିମାନେ ଓଡ଼ିଶା ଆସିବେ। ଏହି ସମୟରେ ସେମାନେ ଭୁବନେଶ୍ୱର, ବ୍ରହ୍ମପୁର, ଖଣ୍ଡିଗିରି ଅଞ୍ଚଳ ପରିଦର୍ଶନ କରିବାର କାର୍ଯ୍ୟକ୍ରମ ସ୍ଥିର ରହିଛି। ଏଥିପାଇଁ ବିଡିଏ ଏବେଠୁ ପ୍ରସ୍ତୁତି ଆରମ୍ଭ କରିଥିବା ବେଳେ ଏକ ଉଚ୍ଚସ୍ତରୀୟ ବୈଠକ କରି ରୋଡ୍ମ୍ୟାପ ପ୍ରସ୍ତୁତ କରାଯାଇଛି। ଏଥିପାଇଁ ବିଡିଏ ଉପାଧ୍ୟକ୍ଷ ବଲୱନ୍ତ ସିଂ, ବିଏମ୍ସି କମିସନର ବିଜୟ ଅମୃତା କୁଲାଙ୍ଗେ, ବିଡିଏ ଅତିରିକ୍ତ କମିଶନର ହରିଶ ଚନ୍ଦ୍ର ନାୟକ, ଏନ୍ଏଚ୍ଏଆଇ ଭୁବନେଶ୍ୱର ପ୍ରକଳ୍ପ ନିର୍ଦ୍ଦେଶକଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ କ୍ଷେତ୍ରସ୍ତରରେ ମଧ୍ୟ ସ୍ଥିତି ସମୀକ୍ଷା କରିଛନ୍ତି। ସମୀକ୍ଷା ପରେ ବରମୁଣ୍ଡାସ୍ଥିତ କାଳୀ ମନ୍ଦିରଠାରୁ ଖଣ୍ଡଗିରି ଛକ ପର୍ଯ୍ୟନ୍ତ ବାମପାର୍ଶ୍ୱ ରାସ୍ତା ୫୦ମିଟର ଯାଏ ନିଜ ଅକ୍ତିଆରକୁ ଅଣାଯିବା ସହିତ ସେହି ଜାଗାରେ ସୌନ୍ଦର୍ଯ୍ୟକରଣ କରିବାକୁ ବିଡିଏ ନିଷ୍ପତ୍ତି ନେଇଛି। ଏହାସହିତ ଏହି ରାସ୍ତା ପାର୍ଶ୍ୱରେ ହେଉଥିବା ବସ୍ ପାର୍କିଂ ଓ ରହିଥିବା ନର୍ସରୀଗୁଡ଼ିକୁ ହଟାଇବା ପାଇଁ ଯୋଜନା କରାଯାଇଛି। ସେହିପରି ଏହି ରାସ୍ତାରେ ସର୍ଭିସ ରୋଡ ନିର୍ମାଣ କରାଯିବା ପାଇଁ ମଧ୍ୟ ଯୋଜନା କରାଯାଇଛି। ଜୟଦେବ ବିହାର ଛକରୁ ଫାୟାର ଷ୍ଟେସନ୍ ଛକ ପର୍ଯ୍ୟନ୍ତ ଦୁଇ ପାର୍ଶ୍ୱ ରାସ୍ତା ମଧ୍ୟ ସୌନ୍ଦର୍ଯ୍ୟକରଣ କରାଯିବ। ସିଆର୍ପି ଛକରେ ଥିବା ଜନଜାତି ମ୍ୟୁଜିୟମ୍ ଠାରୁ ଫାୟାର ଷ୍ଟେସନ୍ ପର୍ଯ୍ୟନ୍ତ ବାମପାର୍ଶ୍ୱରେ କେତେକ କାର୍ ଶୋ'ରୁମ୍ କାର୍ ପାର୍କିଂ କରୁଛନ୍ତି। ସେଠାରୁ କାର୍ଗୁଡିକୁ ହଟାଯାଇ ସୌନ୍ଦର୍ଯ୍ୟକରଣ କରିବାକୁ ବିଡିଏ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ସେହିପରି ସତ୍ସଙ୍ଗ ବିହାର ସ୍ଥିତ ଶ୍ୟାମାପ୍ରାସଦ ମୁଖାର୍ଜୀ ପାର୍କ ସମ୍ମୁଖ ରାସ୍ତାରୁ ଜବରଦଖଲ ହଟାଯିବ। ସେହି ଜାଗାରେ ସୌନ୍ଦର୍ଯ୍ୟକରଣ କାମ ହାତକୁ ନିଆଯିବ। ରାସ୍ତାପାର୍ଶ୍ୱ ସୌନ୍ଦର୍ଯ୍ୟକରଣ ସହ ଓଭରବ୍ରିଜ ତଳେ ଖାଲି ସ୍ଥାନକୁ ମଧ୍ୟ ସଂରକ୍ଷିତ କରାଯିବ। ସେଠାରେ ହୋଇଥିବା ବିଭିନ୍ନ ଦୋକାନ ସମେତ ଜବରଦଖଲକାରୀଙ୍କୁ ହଟାଯିବ। ଲଳିତକଳା ଏକାଡେମୀ ପକ୍ଷରୁ ସ୍ଥାପତ୍ୟ ଚିତ୍ରକଳା ମଧ୍ୟ ଅଙ୍କାଯିବ। ସେହିଭଳି ଫୁଟପାଥ ରାସ୍ତା ସମେତ ଫ୍ଲାଏଓଭରର କାନ୍ଥକୁ ଚିକ୍କଣ କରାଯିବ। ଏନ୍ଏଚ୍ କଡ଼ରେ ଲାଗିଥିବା ହାଇମାଷ୍ଟ ଲାଇଟ୍ ଗୁଡିକୁ ମରାମତି କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

# ମାର୍ଚ୍ଚ ୩୧ରୁ ଆଇପିଏଲ୍ ମହାକୁମ୍ଭ



**ନୂଆଦିଲ୍ଲୀ :** ଆଇପିଏଲ ୨୦୨୩ ସଂସ୍କରଣ ପାଇଁ ବିଧିବଦ୍ଧ ଭାବେ ବିଗୁଲ ବାଜିଛି। ଆଇପିଏଲ ମ୍ୟାଚ୍ ଗୁଡ଼ିକର ସୂଚୀ ଜାରି ହୋଇଛି। ଆସନ୍ତା ମାର୍ଚ୍ଚ ୩୧ ତାରିଖରୁ ଆରମ୍ଭ ହେବ କ୍ରିକେଟର ଏହି ମହାକୁମ୍ଭ। ପ୍ରଥମ ମ୍ୟାଚ୍ରେ ମୁହାଁମୁହିଁ ହେବେ ମହେନ୍ଦ୍ର ସିଂହ ଧୋନିଙ୍କ ଚେନ୍ନାଇ ସୁପର କିଙ୍ଗସ ଓ ଡିଫେଣ୍ଡିଂ ଚାମ୍ପିୟନ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଗୁଜରାଟ ଟାଇଟନ୍ସ। ଟୁର୍ଣ୍ଣାମେଣ୍ଟରେ ଭାଗ ନେଉଥିବା ୧୦ଟି ଦଳ ୭୦ଟି ଲିଗ ମ୍ୟାଚ୍ ଖେଳିବେ। ଗୋଟିଏ ଦଳ ୭ଟି ଘରୋଇ ପରିବେଶରେ ଓ ଆଉ ୭ଟି ମ୍ୟାଚ୍ ବାହାରେ ଖେଳିବ। ମୋଟ ୧୨ଟି ସହରରେ ମ୍ୟାଚ୍ ଗୁଡ଼ିକ ଖେଳିବ। ୧୦ଟି ଯାକ ଟିମର ହୋମଗ୍ରାଉଣ୍ଡ ବ୍ୟତୀତ ଧର୍ମଶାଳା ଓ ଗୌହାଟୀରେ ମଧ୍ୟ ମ୍ୟାଚ୍ ଅନୁଷ୍ଠିତ ହେବ। ୫୨ ଦିନ ଧରି ଟୁର୍ଣ୍ଣାମେଣ୍ଟ ଚାଲିବ। ଏହି ସମୟରେ ଆଇପିଏଲର ୧୦୦୦ତମ ମ୍ୟାଚ୍ ଖେଳାଯିବ। ଆଇପିଏଲ ଇତିହାସର ଦୁଇ ସଫଳ ଟିମ ଚେନ୍ନାଇ ଓ ମୁମ୍ବାଇ ୬ ତାରିଖରେ ୧ ହଜାର ତମ ମ୍ୟାଚ୍ରେ ଲଢ଼େଇ କରିବେ। ଚେନ୍ନାଇର ଚେପକ ଷ୍ଟାଡିୟମରେ ଏହି ମ୍ୟାଚ୍ ଖେଳାଯିବ। ଧୋନି-ପାଣ୍ଡ୍ୟା ପ୍ରଥମ ମ୍ୟାଚ୍ ଖେଳିବାକୁ ଥିବା ବେଳେ ଏପ୍ରିଲ ୧ରେ ୨ଟି ମ୍ୟାଚ୍ ଖେଳାଯିବ। ସେହିଦିନ ପ୍ରଥମ ମ୍ୟାଚ୍ ୩.୩୦ରେ ଆରମ୍ଭ ହେବ। ଏଥିରେ ପଞ୍ଜାବ କିଙ୍ଗସ ଓ କୋଲକାତା ନାଇଟ ରାଇଡର୍ସ ଲଢ଼େଇ କରିବେ। ଦ୍ୱିତୀୟ ମ୍ୟାଚ୍ ଲକ୍ଷ୍ନୌ ଓ ଦିଲ୍ଲୀ ମଧ୍ୟରେ ଅନୁଷ୍ଠିତ ହେବ। ଏପ୍ରିଲ ୨ରେ ମଧ୍ୟ ୨ଟି ମ୍ୟାଚ୍ ଖେଳାଯିବ। ପ୍ରଥମ ମ୍ୟାଚ୍ରେ ସନରାଇଜର୍ସ ହାଇଦ୍ରାବାଦ ଓ ରାଜସ୍ଥାନ ରୟାଲ୍ସ ମୁହାଁମୁହିଁ ହେବେ। ଏହାପରେ ମୁମ୍ବାଇ ଇଣ୍ଡିଆନ୍ସ ଓ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୋର ମଧ୍ୟରେ ଟକ୍କର ହେବ। ଟୁର୍ଣ୍ଣାମେଣ୍ଟର ଶେଷ ଲିଗ୍ ମ୍ୟାଚ୍ ମେ' ୨୧ରେ ଖେଳାଯିବ। ମୋଟ ୭୦ଟି ଲିଗ୍ ସହ ୧୮ଟି ଡବଲ ହେଡର୍ସ ମ୍ୟାଚ୍ ଅନୁଷ୍ଠିତ ହେବ। ମେ' ୨୮ରେ ଫାଇନାଲ ମ୍ୟାଚ୍ ଖେଳାଯିବ। ୧୦ଟି ଦଳକୁ ଦୁଇଟି ଗ୍ରୁପ୍ରେ ବିଭକ୍ତ କରାଯାଇଛି। ଗ୍ରୁପ ଏରେ ମୁମ୍ବାଇ, କୋଲକାତା, ରାଜସ୍ଥାନ, ଦିଲ୍ଲୀ ଓ ଲକ୍ଷ୍ନୌ ରହିଛନ୍ତି। ସେହିପରି ଗ୍ରୁପ ବି'ରେ ଚେନ୍ନାଇ, ହାଇଦ୍ରାବାଦ, ଆରସିବି, ପଞ୍ଜାବ ଓ ଗୁଜରାଟ ଅଛନ୍ତି। ଅହମଦାବାଦ, ମୋହାଲି, ଲକ୍ଷ୍ନୌ, ହାଇଦ୍ରାବାଦ, ବେଙ୍ଗାଲୁରୁ, ଚେନ୍ନାଇ, ଦିଲ୍ଲୀ, କୋଲକାତା, ଜୟପୁର, ମୁମ୍ବାଇ, ଗୌହାଟୀ ଓ ଧର୍ମଶାଳାରେ ମ୍ୟାଚ୍ ଗୁଡ଼ିକ ଖେଳାଯିବ।

# ମୁଣ୍ଡଳିରେ ହେବ ୧୩୦ନିୟୁତ ଲିଟର ଜଳ ବିଶୋଧନାଗାର




**ଭୁବନେଶ୍ୱର:** ଭୁବନେଶ୍ୱରବାସୀଙ୍କୁ ନିରବଚ୍ଛିନ ପାନୀୟ ଜଳ ଯୋଗାଣ କରାଯିବ। ସହରବାସୀ ୨୪ ଘଣ୍ଟିଆ ଓ ଡ୍ରିଙ୍କ ଫ୍ରମ୍ ଟ୍ୟାପ ମାନର ପାନୀୟ ଜଳ ପାଇବେ। ଏଥିପାଇଁ ରାଜ୍ୟ ସରକାର କଟକର ମୁଣ୍ଡଳିଠାରେ ଏକ ୧୩୦ ନିୟୁତ ଲିଟର ଜଳ ବିଶୋଧନାଗାର ନିର୍ମାଣ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହି ଜଳ ବିଶୋଧାନଗାର ନିର୍ମାଣ ପାଇଁ ୨୮୬ କୋଟି ୭୩ ଲକ୍ଷ ୨୨ ହଜାର ୧୪୨ ଟଙ୍କା (ଜିଏସ୍ଟିକୁ ଛାଡ଼ି) ଖର୍ଚ୍ଚ ହେବ। ଏହି ନିର୍ମାଣ କାମ ପାଇଁ ମେସର୍ସ ଏଲ୍ସି ଇନଫ୍ରା ପ୍ରୋଜେକ୍ଟ ଦାୟିତ୍ୱ ନେଇଥିବା ବେଳେ ସୋମବାର ଏହି ଟେଣ୍ଡର ପ୍ରକ୍ରିୟାକୁ ରାଜ୍ୟ କ୍ୟାବିନେଟର ମୋହର ବାଜିଛି। କ୍ୟାବିନେଟ୍ ବୈଠକ ପରେ ରାଜ୍ୟ ସରକାରଙ୍କ ପକ୍ଷରୁ କୁହାଯାଇଛି ଯେ ଏହି ନିର୍ମାଣ କାର୍ଯ୍ୟ ଆସନ୍ତା ମାର୍ଚ୍ଚ ସୁଦ୍ଧା ଆରମ୍ଭ ହେବ ଓ ୨୦୨୫ ମାର୍ଚ୍ଚ ମଧ୍ୟରେ ଶେଷ କରିବାକୁ ଲକ୍ଷ୍ୟ ରହିଛି। ଓଡ଼ିଶା ଜଳ ଆୟୋଗ (ୱାଟକୋ) ଏହି ଜଳ ବିଶୋଧାନଗାର ପରିଚାଳନା କରିବାକୁ ଥିବା ବେଳେ ଏହି ପ୍ରକଳ୍ପ ୨୦୩୮ ପର୍ଯ୍ୟନ୍ତ ଭୁବନେଶ୍ୱରର ସମସ୍ତ ପରିବାରକୁ ୨୪/୭ ଘଣ୍ଟିଆ 'ଡ୍ରିଙ୍କ ଫ୍ରମ୍ ଟ୍ୟାପ'ମାନର ଜଳ ଯୋଗାଣରେ ସହାୟକ ହେବ ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ କୁହାଯାଇଛି। ରାଜ୍ୟ ସରକାର ବର୍ତ୍ତମାନ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ଉପରେ ଗୁରୁତ୍ୱ ଦେଉଛନ୍ତି। ଏଥିପାଇଁ ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍ ଯୋଜନା ମାଧ୍ୟମରେ ଲୋକଙ୍କୁ ପାନୀୟ ଜଳ ଯୋଗାଇ ଦିଆଯାଉଛି। ମାତ୍ର ରାଜଧାନୀ ପାନୀୟ ଜଳର ଚାହିଦା ମେଣ୍ଟାଇବା ପାଇଁ ଜଳ ବିଶୋଧନାଗାରର କ୍ଷମତା ବୃଦ୍ଧି କରିବାର ଆବଶ୍ୟକତା ରହିଛି। ଏହି ଅସୁବିଧାର ସମାଧାନ ପାଇଁ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ୱାଟକୋ ମାଧ୍ୟମରେ ଭୁବନେଶ୍ୱର ସହରକୁ ନିରବଚ୍ଛିନ୍ନ ଜଳ ଯୋଗାଣ ଏହି ନିଷ୍ପତ୍ତି ନିଆଯାଇଛି। ବର୍ତ୍ତମାନ ପୁରୀ ଓ ଗୋପାଳପୁର ସହରରେ ଶତ ପ୍ରତିଶତ ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍ ଯୋଜନାରେ ପାନୀୟ ଜଳ ଯୋଗାଣ ହେଉଛି। ଏହି ଦୁଇ ସହର ବ୍ୟତୀତ ରାଜ୍ୟର ୧୯ଟି ସହରରେ ୨୪ ଘଣ୍ଟିଆ ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍ ପ୍ରକଳ୍ପର କାର୍ଯ୍ୟ ଜାରିରହିଛି। ଜନସ୍ୱାସ୍ଥ୍ୟ ଓ ଦୈନନ୍ଦିନ ଜୀବନର ସୁବିଧା ପାଇଁ ସ୍ୱଚ୍ଛ ଜଳ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବୋଲି ମୁଖ୍ୟମନ୍ତ୍ରୀ ପୂର୍ବରୁ କହିଛନ୍ତି। ଏଥିପାଇଁ '୫-ଟି' ଉପକ୍ରମରେ ଏହି ସୁବିଧା ଦ୍ୱାରା ଜନସାଧାରଣଙ୍କ ଜୀବନ ଧାରଣ ମାନରେ ଉନ୍ନତି ଆଣିବ ବୋଲି ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି। ବିଶ୍ୱର ବଡ଼ବଡ଼ ସହରର ବ୍ୟବସ୍ଥା ସହିତ ଓଡ଼ିଶାର ବିଭିନ୍ନ ସହର ଯୋଡ଼ି ହୋଇଚାଲିଛି। ଏହି ଜଳ ଯୋଗାଣ ପ୍ରକଳ୍ପ ପାଇଁ ମହାନଦୀ ଉପରେ ଥିବା ମୁଣ୍ଡଳିଠାରେ ୧୩୦ ନିୟୁତ ଲିଟର କ୍ଷମତା ସମ୍ପନ୍ନ ଇନଟେକ୍ ୱେଲ୍ ନିର୍ମାଣ କରାଯିବାକୁ ଥିବା ବେଳେ ୧୩୦ ଏମ୍ଏଲ୍ଡି କ୍ଷମତା ସମ୍ପନ୍ନ ଡବ୍ଲ୍ୟୁଟି ନିର୍ମାଣ କରାଯିବ। ସେହିପରି ବ୍ୟବହୃତ ଜଳର ପୁନଃପ୍ରକ୍ରିୟାକରଣ ଓ ତରଳ ବର୍ଜ୍ୟ ଜଳ ଉପଚାର କେନ୍ଦ୍ର ସହିତ ୩୦ ଏମଏଲ କ୍ଷମତା ସମ୍ପନ୍ନ ଆରସିସି ଦୁଇଟି ଚାମ୍ବର ବିଶିଷ୍ଟ ମୁଖ୍ୟ ସନ୍ତୁଳନ ଜଳଭଣ୍ଡାର (ଏମବିଆର) ନିର୍ମାଣ କରାଯିବ। ଏହା ବ୍ୟତୀତ ଅନ୍ୟାନ ନିର୍ମାଣ ସହିତ ୩୩ କେଏଭିର ୩ଟି ଉପ କାର୍ଯ୍ୟାଳୟ, ଡିଜି ସେଟ୍୧୪୨୦ ମିଲିଲିଟର ଓଡି ଜଳ ଯୋଗାଣ ପାଇପ (୧୯.୫ କିଲୋମଟର)ର ଲାଗିବ ବୋଲି ଜଣାପଡ଼ିଛି।

# ହାକାଥନକୁ ଉଚ୍ଚ ପ୍ରଶଂସା କଲେ ବିଶ୍ୱବ୍ୟାଙ୍କ ଓ ଷ୍ଟାର୍ସର କେନ୍ଦ୍ରୀୟ ଟିମ୍




**ଭୁବନେଶ୍ୱର :** ହାକାଥନକୁ ଉଚ୍ଚ ପ୍ରଶଂସା କଲେ ବିଶ୍ୱବ୍ୟାଙ୍କ ଓ ଷ୍ଟାର୍ସର କେନ୍ଦ୍ରୀୟ ଟିମ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ଦ୍ୱାରା ଭୁବନେଶ୍ୱର ଆଇଆଇଆଇଟି ଠାରେ ଆୟୋଜିତ ଦୁଇଦିନିଆ ହାକାଥନ ପ୍ରଦର୍ଶନୀ ଉଦ୍ଯାପିତ ହୋଇଯାଇଛି। ଓସେପାର ଷ୍ଟାରସ କାର୍ଯ୍ୟକ୍ରମ ଅନ୍ତର୍ଗତ ଏହି ହାକାଥନ ପ୍ରଦର୍ଶନୀରେ ରାଜ୍ୟର ୩୦ ଟି ଜିଲ୍ଲାରୁ ଶ୍ରେଷ୍ଠ ବିବେଚିତ ୯୭ ଟି ପ୍ରକଳ୍ପରେ ୧୫୬ ଜଣ ଛାତ୍ର ଛାତ୍ରୀ ଅଂଶ ଗ୍ରହଣ କରିଥିଲେ। ପ୍ରଥମ କରି ଆୟୋଜିତ ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ଥିଲା ଛାତ୍ର ଛାତ୍ରୀମାନଙ୍କର ଚିନ୍ତନ ଶକ୍ତି, ଡିଜିଟାଲ ଓ ବୈଷୟିକ ଜ୍ଞାନ କୌଶଳ ପ୍ରୟୋଗ ଦ୍ୱାରା ସମାଜର ବିଭିନ୍ନ କ୍ଷେତ୍ରରେ ଦୈନନ୍ଦିନ ଜୀବନରେ ସାମନା କରୁଥିବା ସମସ୍ୟା ଗୁଡ଼ିକର ସରଳ ସମାଧାନର ସୂତ୍ର ବାହାର କରିବା ଆଦି ସମ୍ପର୍କରେ ଆଲୋଚନା ହୋଇଥିଲା। ବିଶ୍ୱବ୍ୟାଙ୍କ ତଥା ଷ୍ଟାରସର ସାରା ଲାଇପଙ୍କ ନେତୃତ୍ୱରେ ଚାରିଜଣିଆ ପ୍ରତିନିଧି ଦଳ ହାକାଥନର ସମସ୍ତ ପ୍ରକଳ୍ପ ଗୁଡ଼ିକ ବୁଲିଦେଖିବା ସଙ୍ଗେ ପିଲାମାନଙ୍କ ସହ ୩ଘଣ୍ଟା ୩୦ମିନିଟରୁ ଊର୍ଦ୍ଧ ସମୟ ଆଲୋଚନା କରିଥିଲେ। ପିଲାମାନଙ୍କର ପ୍ରଦର୍ଶନରେ ବିମୁଗ୍ଧ ହେବା ସହ କାର୍ଯ୍ୟକ୍ରମର ଉଚ୍ଚ ପ୍ରଶଂସା କରିଥିଲେ। ଏହି ପ୍ରକଳ୍ପ ଗୁଡ଼ିକର ମୂଲ୍ୟାୟନ କରିଥିଲେ କର୍ଣାଟକ- ବେଙ୍ଗାଲୁରର ଗୁଗୁଲର ପରିଚାଳନା ମୁଖ୍ୟ ଅଶ୍ୱିନୀ ତନୱାର, ଆଇ.ବି.ଏମର ବୈଷୟିକ ମୁଖ୍ୟ ଦେବେଶ ଦାଶ ଓ ଡେଲର ବରିଷ୍ଠ ପରିଚାଳକ ପ୍ରଦୀପ ମିଶ୍ର ପ୍ରମୁଖ। ସେମାନେ ଦୁଇଦିନ ଧରି ପ୍ରକଳ୍ପ ଗୁଡ଼ିକ ଦେଖି ପିଲାମାନଙ୍କ ପ୍ରଦର୍ଶନରେ ବେଶ ଖୁସି ହେବା ସଂଗେ ସଂଗେ ଆଗାମୀ ଦିନରେ କିପରି ସେମାନଙ୍କର ପ୍ରକଳ୍ପକୁ ଆଗକୁନେଇପାରିବେ ଓ ଚିନ୍ତନ ଜାରି ରଖିବେ ସେଥିପାଇଁ କେତେକ ମୂଲ୍ୟବାନ ପରାମର୍ଶ ଦେଇଥିଲେ। ଉଦଯାପନୀ ଉତ୍ସବରେ ମୋସ୍କୁଲ ର ଅଧକ୍ଷା ସୁସ୍ମିତା ବାଗଚି ଯୋଗଦେଇ କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ଓ ମାନପତ୍ର ଦେବା ସଂଗେ ସଂଗେ ସେମାନଙ୍କର ଉଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉଚ୍ଚ ଆଜି ହାକାଥନରେ ଅଂଶ ଗ୍ରହଣକାରୀ ୧୦ ଜଣ ଛାତ୍ରଛାତ୍ରୀ ଜୟଦେବ ବିହାରସ୍ଥିତ ହୋଟେଲ ସ୍ୱସ୍ତିପ୍ରେମୀୟମରେ ଶିକ୍ଷା ମନ୍ତ୍ରଣାଳୟ ଭାରତ ସରକାର , ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଓଡିଶା ସରକାର ଓ ଓସେପା ମିଳିତ ପ୍ରୟାସରେ ଅନୁଷ୍ଠିତ ୬ ଗୋଟି ରାଜ୍ୟର ଷ୍ଟାରସର ମଧ୍ୟକାଳୀନ ସମୀକ୍ଷା ବୈଠକରେ ଯୋଗ ଦେଇ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ସମେତ ଅନ୍ୟାନ୍ୟ ଅତିଥି ମାନଙ୍କୁ ପ୍ରକଳ୍ପ ପ୍ରଦର୍ଶନ ଓ ଅନୁଭୂତି ବାଣ୍ଟିଥିଲେ। ଛାତ୍ରଛାତ୍ରୀ ମାନଙ୍କର ଏହି ଉନ୍ନତ ପ୍ରଦର୍ଶନ ପାଇଁ ବିଦ୍ୟାଳୟ ଓ ଗଣ ଶିକ୍ଷା ବିଭାଗର ଶାସନ ସଚିବ ଶ୍ରୀମତୀ ଅସ୍ୱତି ଏସ ଓ ଓସେପାର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଅନୁପମ ସାହା ପିଲା ମାନଙ୍କୁ ଉତ୍ସାହିତ କରିଥିଲେ। ରାଜ୍ୟସ୍ତରୀୟ ଏହି ହାକାଥନରେ ପ୍ରଥମ ସ୍ଥାନ ଅଧିକାର କରିଥିବା ରାୟଗଡା ଜିଲ୍ଲାର ଓଏଭି ରାମନାଗୁଡ଼ା ର ଛାତ୍ରୀ ପାୟଲ ପ୍ରଧାନ ତାଙ୍କର ପ୍ରକଳ୍ପ ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ମଧ୍ୟାହ୍ନ ଭୋଜନ ପରିଚାଳନା ନିମନ୍ତେ ପ୍ରସ୍ତୁତ – ସାଥୀ ଆପ" ପାଇଁ ୫୦୦୦୦ ଟଙ୍କା, ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ବରଗଡ଼ ଜିଲ୍ଲା ପଂଚାୟତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ର ଅବିନାଶ ନାଗ, ମାନବ ସୁରକ୍ଷା ପାଇଁ ପ୍ରସ୍ତୁତ "ହ୍ୟୁପ୍ରୋ ଆପ" ପାଇଁ ୩୦୦୦୦/- ଟଙ୍କା ଓ ତୃତୀୟ ସ୍ଥାନରେ ଥିବା ମୟୁରଭଞ୍ଜ ଜିଲ୍ଲାର ଓଏଭି ଉଦଳାର ଛାତ୍ରୀ ପ୍ରକୃତି ନନ୍ଦ ବୟସ୍କ ଲୋକଙ୍କ ପାଇଁ ପ୍ରସ୍ତୁତ "ସ୍ମାର୍ଟ ଷ୍ଟିକ" ପାଇଁ ୧୦୦୦୦/- ଟଙ୍କା ତୃତୀୟ ପୁରସ୍କାର ପାଇଥିଲେ। ଏହାଛଡ଼ା ପାଞ୍ଚଟି ପ୍ରକଳ୍ପକୁ ସାନ୍ତ୍ୱନା ମୂଳକ ପୁରସ୍କାର ରୂପେ ୫୦୦୦/- ଟଙ୍କା ଲେଖାଏଁ ପ୍ରଦାନ କରାଯାଇଥିଲା। ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ରଘୁରାମ ରାମ ଆର ଆୟାର ଓ ଆଇ ଆଇଆଇଟିର ନିର୍ଦ୍ଦେଶକ ମନୋଜ ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଓ ଓସେପାର ସହଯୋଗରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସ୍ୱତନ୍ତ ସଚିବ ଶୁଭଶ୍ରୀ ନନ୍ଦ ଓ ଅତିରିକ୍ତ ସଚିବ ଦୂର୍ଗା ପ୍ରସାଦ ମହାପାତ୍ର ସମେତ ବହୁ ଅତିଥି ଉପସ୍ଥିତ ଥିଲେ।


PLOT FOR SALE
MOUZA:BHOLA



N.H. Bye Pass (Old Trunk Road), Near ASBM College,
Chandaka, Bhubaneswar, Odisha
Contact : 8658607286


# ୨୮ରୁ ମା' ତାରିଣୀ ସ୍ପୋର୍ଟିଂ କ୍ଲବର ୨୫ତମ ରାଜ୍ୟସ୍ତରୀୟ କ୍ରିକେଟ୍ ପ୍ରତିଯୋଗିତା



**ଅସ୍ତରଙ୍ଗ:** ଆସନ୍ତା ୨୮ ତାରିଖ ମଙ୍ଗଳବାର ଦିନ ଅସ୍ତରଙ୍ଗର ମା ତାରିଣୀ ସ୍ପୋର୍ଟିଂ କ୍ଲବ ତରଫରୁ ଆୟୋଜିତ ହେଉଅଛି ୨୫, ତମ ରାଜ୍ୟ ସ୍ତରୀୟ (ମନୋଜ, ଆଶିଷ, ରନି) ମେମୋରିଆଲ କର୍କ ବଲ କ୍ରିକେଟ ପ୍ରତିଯୋଗିତା। ୭ଦିନ ଧରି ଆୟୋଜିତ ହେବାକୁ ଥିବା ଏହି ପ୍ରତିଯୋଗିତାରେ ରାଜ୍ୟର ବିଭିନ୍ନ ସ୍ଥାନରୁ ୮ଗୋଟି ଟିମ ଅଂଶଗ୍ରହଣ କରୁଛନ୍ତି। ମ୍ୟାଟ ପିଚ, କର୍କ ବଲ ରେ ଖେଳ ହେବାକୁ ଯାଉଥିବା ଏହି ପ୍ରତିଯୋଗିତାରେ ଯେପରି କୌଣସି ଖେଳାଳି ଭୁଲ ଡିସିସନର ଶିକାର ନ ହୁଏ ସେଥିପାଇଁ ପ୍ରଥମଥର ରିଭ୍ୟୁ ସିଷ୍ଟମର ବ୍ୟବସ୍ଥା କରାଯାଇଛି। ପ୍ରତିଯୋଗିତାର ବିଜେତା ଦଳକୁ ଆକର୍ଷଣୀୟ ଟ୍ରଫି ସହିତ ୩୧୧୧୧ଟଙ୍କା ଏବଂ ଉପ ବିଜେତା ଦଳକୁ ଟ୍ରଫି ସହିତ ୨୧୧୧୧ଟଙ୍କା ର ପୁରସ୍କାର ରାଶି ପ୍ରଦାନ କରାଯିବା ପାଇଁ ସ୍ଥିର କରାଯାଇଥିବା କ୍ରୀଡା ସମ୍ପାଦକ ସମୀର କୁମାର କର ସୂଚନା ଦେଇଛନ୍ତି। ୧୭ ତାରିଖ ଶୁକ୍ରବାର ଅସ୍ତରଙ୍ଗ ସ୍ଥିତ ମାଆ ଲକ୍ଷ୍ମୀ କଲ୍ୟାଣ ମଣ୍ଡପ ଠାରେ ତାରିଣୀ କ୍ରିକେଟ କ୍ଲବ ର କର୍ମକର୍ତ୍ତା, ସଭାପତି-ମନୋଜ ବିଶ୍ୱାଳ, ସମ୍ପାଦକ-ଦୀପକ କୁମାର ଦାସ, କ୍ରୀଡା ସମ୍ପାଦକ-ସମୀର କୁମାର କର, ସଂଯୋଜକ, ସୁଦୀପ୍ତ କୁମାର ରାଉତ, ସହ ସଂଯୋଜକ, ସରୋଜ କୁମାର ପ୍ରଧାନ, ମିଡିଆ ସମ୍ପାଦକ, ରମାରଞ୍ଜନ ମହାନ୍ତି,ଉପଦେଷ୍ଟା, ନଟକିଶ୍ୱର ମହାନ୍ତି, ନିରଞ୍ଜନ ଦାସ, ପ୍ରମୋଦ ଦାସ ,ଲୋକନାଥ ସ୍ୱାଇଁ, ସୁରେଶ କୁମାର ତ୍ରିପାଠୀ, ଦିଲ୍ଲିପ କୁମାର ଦାସ, ସଭ୍ୟ ମନୋଜ ନାୟକ, ପାପୁନି ମଲ୍ଲିକ୍, ସଞ୍ଜୟ କୁମାର ପ୍ରଧାନ, କୁମାର ବାପି, ଅରୁପ ଦାସ ବିଧାନ କାନ୍ତି ପ୍ରମୁଖ ଉପସ୍ଥିତ ରହି ଏକ ସାମ୍ବାଦିକ ସମ୍ମିଳନୀର ଆୟୋଜନ କରିଥିଲେ ଏବଂ ହେବାକୁ ଥିବା ପ୍ରତିଯୋଗିତାର ପ୍ରତିଟି ସୂଚନା ଅସ୍ତରଙ୍ଗ ସାମ୍ବାଦିକ ସଂଘର ସଭ୍ୟ ମାନଙ୍କୁ ଜଣାଇଥିଲେ।


PLOT FOR SALE



MOUZA : JUJHAGADA
(Back side of Nandankanan Zoo)
BHUBANESWAR
Contact : 865807286 / 8917571455



MOUZA : BEGUNIA BOREHI
(NEAR CV RAMAN COLLEGE)
TAMANDO - YELLOW ZONE
BHUBANESWAR
$30^{ft}$ Approch Road
Contact : 8658607286 / 8917571455


### ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗରେ ସବୁ ସଦସ୍ୟ ପଦ ଖାଲି ପ୍ରସଙ୍ଗ

# ହାଇକୋର୍ଟଙ୍କ ଉଦ୍‌ବେଗ

**କଟକ :** ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ସମସ୍ତ ୬ଟି ପଦବି ଖାଲି ପଡ଼ିବା ଘଟଣାକୁ ନେଇ ହାଇକୋର୍ଟ ଉଦ୍ବେଗ ପ୍ରକାଶ କରିଛନ୍ତି। ବିଭିନ୍ନ ଆୟୋଗ ଗଠନ କରାଯାଇଥିବା ବେଳେ କାହିଁକି ସଦସ୍ୟ ପଦ ଖାଲି ପଡୁଛି ବୋଲି ଶୁଣାଣି ସମୟରେ ହାଇକୋର୍ଟ ପ୍ରଶ୍ନ କରିଥିଲେ। ବେ ?ଧାନିକ ସଂସ୍ଥା ଗୁଡିକରେ ସଦସ୍ୟ ପଦ ଖାଲି ରଖାଯିବାରେ କୌଣସି ଯୁକ୍ତିଯୁକ୍ତ କାରଣ ନାହିଁ। ଏହାଫଳରେ ଯେଉଁ ଉଦ୍ଦେଶ୍ୟ ନେଇ ଏହା ଗଠନ କରାଯାଇଥିଲା ତାହା ବିଫଳ ହେଉଛି ବୋଲି ହାଇକୋର୍ଟ କହିବା ସହିତ ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗରେ ଖାଲି ପଡ଼ିଥିବା ପଦବି ପୂରଣ ପ୍ରସଂଗରେ ଜବାବ ରଖିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟ ବିଚାରପତି ଡକ୍ଟର ଜଷ୍ଟିସ ଏସ.ମୁରଲୀଧର ଓ ଜଷ୍ଟିସ ଏମ.ଏସ.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ମାନବାଧିକାର କର୍ମୀ ଆଇନଜୀବୀ ପ୍ରବୀର କୁମାର ଦାସଙ୍କ ଜନସ୍ୱାର୍ଥ ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ଦେଇଛନ୍ତି। ମାର୍ଚ୍ଚ ୯କୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରାଯାଇଛି। ୨୦୧୦ ସେପ୍ଟେମ୍ବର ୩୦ରେ ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଗଠନ କରାଯାଇଥିଲା। ଜଣେ ଅଧକ୍ଷ ୬ଜଣ ସଦସ୍ୟ ଏହି ଆୟୋଗରେ ରହିବେ ବୋଲି ବିଜ୍ଞପ୍ତିରେ ସ୍ପଷ୍ଟ କରାଯାଇଥିଲା। କିନ୍ତୁ ବର୍ତ୍ତମାନ କେବଳ ଅଧକ୍ଷାଙ୍କୁ ନେଇ ଆୟୋଗ ଚାଲିଛି। ୨୦୨୨ ଅକ୍ଟୋବର ୧୪ରେ ନୂଆ ଅଧକ୍ଷା ଯୋଗ ଦେଇଥିଲେ। ଅନ୍ୟପକ୍ଷରେ ୨୦୨୦ ମେ ୧୯ରୁ ୪ଟି, ୨୦୨୧ ଜାନୁଆରି ୧୦ରୁ ଗୋଟିଏ ଓ ୨୦୨୨ ଅଗଷ୍ଟ ୨୫ରୁ ଗୋଟିଏ ସଦସ୍ୟ ପଦ ଖାଲି ପଡିଛି। ଏଭଳି ଭାବେ ଆୟୋଗର ସମସ୍ତ ୬ଟି ସଦସ୍ୟ ପଦ ଖାଲି ପଡିଛି। ଆୟୋଗର ସଦସ୍ୟ ପଦ ଖାଲି ହେବାର ୬ ମାସ ଭିତରେ ଏହା ପୂରଣ ହେବା କଥା। ସବୁ ସଦସ୍ୟ ପଦ ଖାଲି ପଡିଥିବାରୁ ଆୟୋଗ ଏକ ପ୍ରକାର ଅଚଳ ହୋଇ ପଡିଛି ବୋଲି ଆବେଦନରେ ଦର୍ଶାଯାଇଛି। ମାମଲାରେ ରାଜ୍ୟ ମୁଖ୍ୟ ସଚିବ, ମହିଳା ଓ ଶିଶୁ ବିକାଶ ବିଭାଗ ସଚିବ, ଆୟୋଗ ସଚିବଙ୍କୁ ପକ୍ଷଭୁକ୍ତ କରାଯାଇଛି।


Printed, Published and Owned by **Lingaraj Dash**, Published at Plot No.-4233, Sulochana Bhawan, Behind Badagada High School, Badagada, Bhubaneswar-751018, Dist-Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com / lingaraj@gmail.com

Managing Editor : **Laxmipriya Dash**
ପରିଚାଳନା ସମ୍ପାଦିକା : ଲକ୍ଷ୍ମୀପ୍ରିୟା ଦାଶ

Editor : **Tarak Mohanty**
ସମ୍ପାଦକ : ତାରକ ମହାନ୍ତି